ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ନଭେମ୍ବର ୧୩/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) Dhenkanal, Wednesday, November 13 / 2019 ★★★★★

୧୫୩ ଭାଗ ୨୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-



# ନିଜର ଆଲର୍ଜି ପରୀକ୍ଷା କରାନ୍ତୁ

**ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ**

**ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ**

## ଅଧାରୁ କମ୍ ଦରରେ ଢେଙ୍କାନାଳ, ଅନୁଗୋଳରେ କରାନ୍ତୁ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂର କଲେକ୍ସନ୍ ସେଣ୍ଟର ଢେଙ୍କାନାଳ, ଅନୁଗୋଳରେ 15, 16, 17 ଓ 18 ନଭେମ୍ବର ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ **(complete Allergy Test - Food, Skin, Inhalant)** ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

## ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

## ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା
*ନାଲି ଦାନା ଦେଖାଦେବା *ଅଇ ଉଠିବା ଓ ଡାଇରିଆ
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା । *ପେଟ ଯନ୍ତ୍ରଣା
*ଚେହେରା, ଓଠ, ଆଖି ଫୁଲିଯିବା *ଖାଇବାରେ ସମସ୍ୟା ।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ ।

## 15, 16, 17 ଓ 18 ନଭେମ୍ବର 2019

**ଡା. ଅଂଶୁଳ କ୍ଷେତ୍ରପାଳ (ଏମ୍.ଡି.)** - ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳି ମାଟି ପସନ୍ଦ ନାହିଁ ତ ଧୂଳି ମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ।

**ଡା.ଅନୁପ କୁମାର ମହାଳିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ । ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ । ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ ।

**ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରୀଙ୍କ ପାଇଁ**



**ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ**

**ଶ୍ରୀ ଜେ.ପି. ନଡ୍ଡା** କାର୍ଯ୍ୟକାରୀ ଅଧ୍ୟକ୍ଷ, ଭାରତୀୟ ଜନତା ପାର୍ଟି ଏବଂ ପୂର୍ବତନ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ









NABL ACCREDITED
MC-2666
Jerath Path Labs & Allergy Testing Centre, Jalandhar

**ଆଲର୍ଜି (Allergy) ପରୀକ୍ଷା କରି ପାଆନ୍ତୁ**

**ମାଗଣା (FREE)**

**Vitamin B12 & Vitamin D ପରୀକ୍ଷା**

## ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ, ଯେପରି କି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

## ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

## ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ତ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ, ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।

**ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ ଦ୍ୱାରା ପରୀକ୍ଷା କରାଯାଇଥାଏ**

**EUROBlotOne**



**PHADIA 250**




Jerath Path Labs & Allergy Testing Centre

CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar

CORPORATE OFFICE : CHENNAI - 29a ARK Colony (Anantha Ramakrishna Iyyer Colony) Eldams Road, Teynampet

ଟେଷ୍ଟ କରାଇବା ପାଇଁ ଯୋଗାଯୋଗ କରନ୍ତୁ- 98759-30831, 98759-30832, 98759-30833

| DHENKANAL | ANGUL | ANGUL |
|---|---|---|
| 98759-30831, 98759-30832 | 7894756303, 84805-35558 | 99376-75516, 9853761255 |
| New Friends Lab, In Front of Blood Bank P.O Chandan Bazar | Nilachal Path Lab, Raja Chhakar Near Hanuman Mandir Bus Stand | Sriram Patho Lab, Amalapada, 2nd Line, Bus Stand |



ଶାହରୁଖ୍‌ଙ୍କ ସହ ରୋମାନ୍ସ କରିବା ଅତି ସହଜ। ଫିଲ୍ମ 'ବୀର୍ ଜରା'ରେ ଆମ ଦୁହିଁଙ୍କ ଯୋଡ଼ି ଖୁବ୍ ଜମିଥିଲା

-ରାଣୀ ମୁଖାର୍ଜୀ,
ବଲିଉଡ୍ ଅଭିନେତ୍ରୀ



# ଜୀବନକୁ ସ୍ପର୍ଶ କରେ ଦୟା

## ବିଶ୍ୱ ଦୟା ଦିବସ

ଦୟା ଜୀବନକୁ ବଦଳାଇଦିଏ। ଏହା ଆନନ୍ଦର ଅଗ୍ରଦୂତ। ଯେଉଁମାନେ ଦୟାର ଅଲୌକିକତା ଅନୁଭବ କରିଛନ୍ତି ସେମାନେ ସବୁବେଳେ ଦୟାଳୁ। ଦୟା ଭାବ ମାନବ ଜୀବନର ଏକ ମୌଳିକ ଅଂଶ। ଏହା ଜାତି, ଧର୍ମ,ସମ୍ପ୍ରଦାୟ, ଲିଙ୍ଗଗତ ପାର୍ଥକ୍ୟ ତଥା ରାଜନୀତିର ବାଦ ବିବାଦକୁ ସହଜରେ ସମାଧାନ କରିପାରେ। ଏଣୁ ଦୟାଳୁ କାର୍ଯ୍ୟ ଦ୍ୱାରା ବିଶ୍ୱକୁ ଏକ ସୁନ୍ଦର ସ୍ଥାନରେ ପରିଣତ କରିବା ଲାଗି ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ ପ୍ରତିବର୍ଷ ୧୩ ନଭେମ୍ବରରେ ପାଳନ କରାଯାଉଛି 'ବିଶ୍ୱ ଦୟା ଦିବସ'। ଦୟା ଉପରେ ବିଶ୍ୱାସ ରଖୁଥିବା ବିଭିନ୍ନ ଦେଶର ସଂଗଠନଗୁଡିକ ଦ୍ୱାରା ୧୯୯୭ରେ ଗଠିତ 'ୱାର୍ଲ୍ଡ କାଇଣ୍ଡ୍‌ନେସ୍ ମୁଭ୍‌ମେଣ୍ଟ' ଦ୍ୱାରା ୧୯୯୮ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଏହି ସଂଗଠନଗୁଡିକ କୌଣସି ଧାର୍ମିକ କି ରାଜନୈତିକ ମୁଭ୍‌ମେଣ୍ଟ ସହ ଅନୁବନ୍ଧିତ ହୋଇନାହାନ୍ତି। ଏବେ ଏହି ମୁଭ୍‌ମେଣ୍ଟରେ ୨୮ଟି ଦେଶ ଜଡିତ ରହିଛନ୍ତି। ବିଶ୍ୱ ଦୟା ଦିବସ ଲୋକମାନଙ୍କୁ ତଥା ରାଷ୍ଟ୍ରଗୁଡିକୁ ଏକ ଦୟାପୂର୍ଣ୍ଣ ବିଶ୍ୱ ନିର୍ମାଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ୱାର୍ଲ୍ଡ କାଇଣ୍ଡ୍‌ନେସ୍ ମୁଭ୍‌ମେଣ୍ଟ ଦୟା ଦିବସକୁ ଆଧିକାରିକ ସ୍ତରରେ ସ୍ୱୀକୃତି ହେବା ଲାଗି ଅନୁରୋଧ କରାଯିବା ପରେ ଜାତିସଂଘ ବିଶ୍ୱସ୍ତରରେ ଏହାକୁ ପାଳନ କରାଯିବା ପାଇଁ ଘୋଷଣା କରିଥିଲା। 'ବିଶ୍ୱ ଦୟା ଦିବସ' କାନାଡା, ନାଇଜେରିଆ, ଜାପାନ, ଅଷ୍ଟ୍ରେଲିଆ ଓ ସଂଯୁକ୍ତ ଆରବ ସଂଘ ସମେତ ବିଭିନ୍ନ ଦେଶରେ ଏହା ପାଳନ କରାଯାଉଛି। ୨୦୦୯ରେ ସିଙ୍ଗାପୁର ପ୍ରଥମେ ଏହି ଦିବସ ପାଳନ କରିଥିଲା। ସେହି ବର୍ଷ ଭାରତ ଓ ଇଟାଲୀରେ ଏହା ପାଳନ କରାଯାଇଥିଲା। ୨୦୧୦ରେ 'କାଇଣ୍ଡ୍‌ନେସ୍ ୟୁକେ' ଦ୍ୱାରା ଇଂଲଣ୍ଡରେ ଦୟା ଦିବସ ପାଳନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଲୋକପ୍ରିୟତା ଲାଭ କରିବା ସହ ଏଥିରେ ଅଧିକ ବ୍ୟକ୍ତି, ସ୍କୁଲ୍ , ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟୀ ସଂସ୍ଥାର ଯୋଗଦାନ ବୃଦ୍ଧି ପାଇବାରେ ଲାଗିଲା। ଏହି ଦିବସ ଅବସରରେ ଅନେକ ସ୍ଥାନରେ ଲୋକମାନେ ଦୟା କାର୍ଡ ମଧ୍ୟ ବାଣ୍ଟିଥାନ୍ତି। ଏନ୍‌ଜିଓ ରେସ୍କୋଏଣ୍ଟ ଭାରତର ୧୩ଟି ରାଜ୍ୟରେ ୧୭,୦୦୦ ପିଲାଙ୍କୁ ଫୁଡ୍ ବ୍ୟାଙ୍କ ମାଧ୍ୟମରେ ଖାଇବାକୁ ଦେଉଛି। ବିଭିନ୍ନ ଆଶ୍ରୟସ୍ଥଳୀ, ଶିକ୍ଷାନୁଷ୍ଠାନ ତଥା ବସ୍ତିର ଶିଶୁଗୃହକୁ ଏହା ଖାଦ୍ୟ ଯୋଗାଉଛି। ଦୟାର ପରିସରକୁ ବି କ୍ୟାନ୍‌ସର ରୋଗୀଙ୍କ ପାଖକୁ ପହଞ୍ଚାଇଛନ୍ତି ୩୫ବର୍ଷୀୟା ଅଞ୍ଚଳ ଶର୍ମା। କ୍ୟାନ୍‌ସରରୁ ମୁକ୍ତି ପାଇଥିବା ଏହି ବ୍ୟକ୍ତି ଜଣକ ପ୍ରତିଦିନ ୫୦୦ ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ଏହାର ଖର୍ଚ୍ଚ ନିଜେ ବହନ କରୁଛନ୍ତି। ଏହାବାଦ୍ ପୁଖରାଜ ଗତ ୭ ବର୍ଷ ହେବ ସପ୍ତାହରେ ୩ଦିନ ଏଆଇଆଇଏମଏସକୁ ଯାଇ କ୍ୟାନ୍‌ସର ରୋଗୀଙ୍କ ଜୀବନ ସଂଗ୍ରାମର କଥା ଶୁଣୁଛନ୍ତି। ସେମାନଙ୍କୁ କୋଳେଇ ନେଉଛନ୍ତି ଯାହା ଦ୍ୱାରା ସେମାନେ ସୁଖଦ ଅନୁଭବ କରୁଛନ୍ତି। କୁହାଯାଏ ,ଦୟା ଏକାଥରକେ ଜୀବନକୁ ସ୍ପର୍ଶ କରିଥାଏ। ଏଭଳି ସ୍ନେହ ଓ ଭଲପାଇବା ରୋଗୀମାନଙ୍କ ସାମାଜିକ ଓ ମାନସିକ ଯନ୍ତ୍ରଣା ଲାଘବ କରିପାରୁଛି। ଆସନ୍ତୁ ବିଶ୍ୱରେ ଦୟା ପରିବେଶ ଆଣିବା ପାଇଁ ଏହି ଦିବସରେ ଏଭଳି ସବୁ କାର୍ଯ୍ୟ ଆରମ୍ଭ କରିବା। ଘରେ , କାର୍ଯ୍ୟକ୍ଷେତ୍ର,ସ୍କୁଲ ଓ ଆମେ ରହୁଥିବା ଜାଗାରୁ ଖାଦ୍ୟ ସଂଗ୍ରହ କରି ତାହାକୁ ଅସହାୟ ପିଲାମାନଙ୍କୁ ବି ଖୁଆଇ ପାରିବା।



## ମାନସିକ ଚାପ ବଢ଼ାଉଛି କାର୍ଯ୍ୟସ୍ଥଳ

**ନୂଆଦିଲ୍ଲୀ:** ଦୁନିଆରେ ମାନସିକସ୍ତରରେ ଅସୁସ୍ଥ ଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଶାରୀରିକ ସୁସ୍ଥତା ଅପେକ୍ଷା ମାନସିକସ୍ତରରେ ସୁସ୍ଥ ରହିବା ପାଇଁ ସମସ୍ତେ ବିଭିନ୍ନ ଉପାୟ ଆପଣାଉଛନ୍ତି। ଏହି କାରଣ ଯୋଗୁ ଅକ୍ଟୋବରକୁ ମେଣ୍ଟାଲ ହେଲ୍‌ଥ ଆୱାରନେସ୍ ମାସ ଭାବେ ଘୋଷଣା କରିଦିଆଯାଇଛି। ଦୁଶ୍ଚିନ୍ତା କିମ୍ବା ମାନସିକ ଚାପ କେବଳ ବ୍ୟକ୍ତିଗତ ଜୀବନକୁ ନେଇ ଆସି ନ ଥାଏ। କାର୍ଯ୍ୟସ୍ଥଳର ପରିବେଶ, ଅଧିକ କାର୍ଯ୍ୟଭାର, କ୍ଷମତାଠାରୁ ଅଧିକ କାର୍ଯ୍ୟ କରିବା ଓ ସହଯୋଗୀଙ୍କ ସହ ସମ୍ପର୍କ ଆଦି ମାନସିକତା ଉପରେ ପ୍ରଭାବ ପକାଇଥାଏ। ତେଣୁ କାର୍ମସ୍ଥଳୀରେ ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରିଦେବା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ଡିପାର୍ଟମେଣ୍ଟ ଅଫ୍ ହେଲ୍‌ଥ ରିପୋର୍ଟ ଅନୁସାରେ, ଦୁନିଆର ପ୍ରାୟ ୪୦କୋଟି ଲୋକ କୌଣସି ନା କୌଣସି ମାନସିକ ରୋଗ ବା ସାଇକୋଲୋଜିକାଲ ସମସ୍ୟାରେ ପୀଡ଼ିତ।



## ଫିଲ୍ମରୁ ଦୂରେଇଲେ ଅମିତାଭ୍

### ଅସୁସ୍ଥତା ଲାଗି ଲମ୍ବା ବ୍ରେକ୍ ନେବେ



**ମୁମ୍ବାଇ:** ଯିଏ ବଲିଉଡ୍‌ର ଫ୍ୟାନ୍, ସେ ବିଗ୍ ବି ଅମିତାଭ୍ ବଚ୍ଚନ୍‌ଙ୍କ ଫ୍ୟାନ୍ ହୋଇଥିବ ନିଶ୍ଚୟ। ଏଣୁ ଆମ ସମସ୍ତଙ୍କ ପାଇଁ ଏକ ଦୁଃଖ ଖବର। ଦଶନ୍ଧି ଦଶନ୍ଧି ଧରି ନିଜ ଅଭିନୟ ଆଉ ବ୍ୟକ୍ତିତ୍ୱ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଘର କରିଥିବା ଅମିତାଭ୍ ଏବେ ଆଉ ଫିଲ୍ମ କରିବେ ନାହିଁ। ଅସୁସ୍ଥତା କାରଣରୁ ସେ ଲମ୍ବା ବ୍ରେକ୍‌ରେ ରହି ବିଶ୍ରାମ କରିବେ। ବର୍ତ୍ତମାନ ସେ ହସ୍ପିଟାଲରେ ଚିକିତ୍ସାରତ। ଏନେଇ ନିକଟରେ ଖୋଦ୍ ଅମିତାଭ୍ ନିଜ ଅଫିସିଆଲ୍ ଟୁଇଟର ହ୍ୟାଣ୍ଡେଲ୍‌ରେ ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କୁ ଜଣାଇଥିଲେ। ଏହା ଜାଣିବା ପରେ ଫ୍ୟାନ୍‌ମାନେ ଅମିତାଭ୍‌ଙ୍କ ଦୀର୍ଘାୟୁ ସହ ଆଶୁ ଆରୋଗ୍ୟ କାମନା କରୁଛନ୍ତି। ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ, ୧୯୭୮ ମସିହାର ଫିଲ୍ମ 'ଡନ୍'ର ଶୁଟିଂ ସମୟରେ ଅମିତାଭ୍‌ଙ୍କୁ ଆଘାତ ଲାଗିଥିଲା। ସମୟକ୍ରମେ ବୟସାଧିକ୍ୟରେ ଏବେ ତାହା ଯନ୍ତ୍ରଣା ଦେଉଛି। ଏପରି କି ସେ ଠିକ୍‌ଭାବେ ଚଲାବୁଲା କରିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଅମିତାଭ୍ ଏବେ ଶାରୀରିକଭାବେ ଅତି ଦୁର୍ବଳ ହୋଇପଡ଼ିଛନ୍ତି। ତାଙ୍କୁ ପୂର୍ବାବସ୍ଥାକୁ ଫେରିବାକୁ ଯଥାସମ୍ଭବ ଆରାମ କରିବା ଆବଶ୍ୟକ। ଏଣୁ ଡାକ୍ତରଙ୍କ ପରାମର୍ଶରେ ସେ ଦୀର୍ଘ ସମୟ ପାଇଁ ଫିଲ୍ମରୁ ବ୍ରେକ୍ ନେଇ ଆରାମ୍ କରିବେ। ତେବେ ଅମିତାଭ୍ ନିଜ ଅପକମିଂ ଫିଲ୍ମ 'ଝୁଣ୍ଡ୍'ର ଶୁଟିଂ କିନ୍ତୁ ପୂରା କରିବେ। ଫିଲ୍ମଟି ଡିସେମ୍ବରରେ ରିଲିଜ୍ ହେବ। ହେଲେ ଏହା ପରେ ସେ ଲମ୍ବା ବ୍ରେକ୍ ନେବେ। ଏପରି କି ପୂର୍ବରୁ ସାଇନ୍ କରିଥିବା ଫିଲ୍ମଗୁଡ଼ିକରେ ମଧ୍ୟ ସେ କାମ କରିବେନାହିଁ। ଅନ୍ୟପକ୍ଷରେ ପତ୍ନୀ ଜୟା ବଚ୍ଚନ୍, ପୁଅ ଅଭିଷେକ୍ ଓ ଝିଅ ଶ୍ୱେତା ମଧ୍ୟ ଅମିତାଭ୍‌ଙ୍କୁ ଡାକ୍ତରଙ୍କ ପରାମର୍ଶକୁ ଗମ୍ଭୀରତାର ସହ ପାଳନ କରିବାକୁ କହିଛନ୍ତି। ଏଣୁ ସବୁ ଦିଗକୁ ବିଚାର କରି ପରିଶ୍ରମୀ ବିଗ୍ ବି ଅମିତାଭ୍ ବଚ୍ଚନ୍ ଏବେ ଲମ୍ବା ବ୍ରେକ୍ ନେଇ ଶରୀରକୁ ସୁସ୍ଥ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦିଓ ବିଗ୍ ବି'ଙ୍କୁ ଦୀର୍ଘ ସମୟ ପାଇଁ ପରଦାରେ ଦେଖିବାକୁ ନ ମିଳୁ ହେଲେ ସେ ଯଥାଶୀଘ୍ର ସୁସ୍ଥ ହୋଇଯାନ୍ତୁ, ଏହା ହିଁ କାମନା।

## ସମ୍ପର୍କ ନଷ୍ଟ କରେ ବଦଭ୍ୟାସ

**ନୂଆଦିଲ୍ଲୀ:** ସଫଳ ବୈବାହିକ ଜୀବନ ପାଇଁ ନିର୍ଦ୍ଦିଷ୍ଟ ମନ୍ତ୍ର ନ ଥିଲେ ବି କେତେକ ଜରୁରୀ କଥା ଉପରେ ଧ୍ୟାନ ଦେବାକୁ ପଡିଥାଏ। ଅନେକ ସମୟରେ ଦମ୍ପତିଙ୍କ ବଦଭ୍ୟାସ ସମ୍ପର୍କ ନଷ୍ଟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଏକ ଗବେଷଣାରୁ ଜଣାପଡିଛି। ଏଥିପ୍ରତି ସଚେତନ ରହିଲେ ଏକ ଦୀର୍ଘ, ଶୃଙ୍ଖଳିତ ତଥା ସଫଳ ଦାମ୍ପତ୍ୟ ଜୀବନ ଗଢିଉଠିଥାଏ। ସେହି ବଦଭ୍ୟାସଗୁଡିକ ମଧ୍ୟରୁ ଗୋଟିଏ ହେଲା ପ୍ରାଥମିକ ପର୍ଯ୍ୟାୟରେ ଅସୁବିଧା ସମ୍ପର୍କରେ ପରସ୍ପର ସହ ଆଲୋଚନା ନ କରି ଏଥିରୁ ଦୂରେଇ ରହିବାକୁ ଚେଷ୍ଟା କରିବା। ଏହା ଦ୍ୱାରା ସମସ୍ୟା ସମାଧାନ ହେବା ପରିବର୍ତ୍ତେ ବଡ ହେବାରେ ଲାଗିଥାଏ। ସେହିପରି ନୂଆ ଝଗଡାରେ ପୁରୁଣା ବିବାଦକୁ ଟାଣି ଜଣେ ଅନ୍ୟ ଜଣଙ୍କର ଦୋଷ ଦୁର୍ବଳତା ବାହାର କରିବା ଦ୍ୱାରା ପରସ୍ପର ପ୍ରତି ତିକ୍ତତା ବଢିଥାଏ। ତେଣୁ ଏପରି ଅଭ୍ୟାସରୁ ନିଜେ ଦୂରେଇ ରହିବା ସହ ସାଥୀଙ୍କୁ ମଧ୍ୟ ପରାମର୍ଶ ଦେବା ଉଚିତ। କଳିଝଗଡା ବେଳେ ରାଗ ମନରେ ସ୍ୱାମୀ କିମ୍ବା ସ୍ତ୍ରୀ ପରସ୍ପର ବିରୋଧରେ ଅନ୍ୟମାନଙ୍କ ଆଗରେ ଗପିବା ଦ୍ୱାରା ମଧ୍ୟ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହା ଦ୍ୱାରା ଜଣେ ନିଜକୁ ଠିକ୍ ପ୍ରମାଣିତ କରିବାକୁ ଯାଇ ସଂଯମତା ହରାଇ ଏଣୁତେଣୁ ଗପିବା ଫଳରେ ସମ୍ପର୍କରେ ବିଶ୍ୱସନୀୟତା ହ୍ରାସ ପାଇଥାଏ। ନିଜର ପୁରୁଣା କିମ୍ବା ପୂର୍ବତନ ପ୍ରେମିକା/ପ୍ରେମିକଙ୍କ ସହ ନିଜ ଜୀବନ ସାଥୀଙ୍କୁ ତୁଳନା କରିବା ଦ୍ୱାରା ମଧ୍ୟ ସମ୍ପର୍କ ଖରାପ ଦିଗକୁ ଗତି କରିଥାଏ। ତେଣୁ ଝଗଡାବେଳେ କେବେ ନିଜ ପାର୍ଟନରଙ୍କୁ ଅନ୍ୟ ସହ ତୁଳନା କରିବା ଉଚିତ ନୁହେଁ। ସ୍ତ୍ରୀ କିମ୍ବା ସ୍ୱାମୀ ପରସ୍ପରର ପସନ୍ଦକୁ ସମ୍ମାନ ନ ଦେବା ଦ୍ୱାରା ମଧ୍ୟ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥାଏ। ଏହାକୁ କେନ୍ଦ୍ର କରି କଳିଝଗଡା ହେବାର ପରିସ୍ଥିତି ଉପୁଜିଥାଏ। ତେଣୁ ପରସ୍ପରର ପସନ୍ଦ ନାପସନ୍ଦ ପ୍ରତି ମଧ୍ୟ ଉଭୟ ପକ୍ଷ ଦୃଷ୍ଟି ଦେବା ଉଚିତ।



# ମହଙ୍ଗା ପଡ଼ିଲା 'ଘୋଷ୍ଟ ପ୍ରାଙ୍କ୍'

### ଜେଲ ଗଲେ ୭ ଯୁବକ

**ବେଙ୍ଗାଲୁରୁ:** ବର୍ତ୍ତମାନ ୟୁ-ଟ୍ୟୁବ୍, ଟିକ୍‌ଟକ୍, ଲାଇକ୍, ଭିଗୋ ଭିଡିଓ ଭଳି ବିଭିନ୍ନ ସୋସିଆଲ ମିଡିଆରେ ପରିହାସପୂର୍ଣ୍ଣ, କୌତୂହଳପୂର୍ଣ୍ଣ ଭିଡିଓ ଛାଡ଼ିବାର ନିଶା ଅନେକଙ୍କୁ ଘାରିଛି। ହେଲେ ଭୂତକୁ ନେଇ ଏକ ପରିହାସପୂର୍ଣ୍ଣ (ଘୋଷ୍ଟ ପ୍ରାଙ୍କ୍) ଭିଡିଓ ପାଇଁ ୭ଜଣଙ୍କୁ ଜେଲ ଯିବାକୁ ପଡ଼ିଛି। ସେମାନେ ସୋମବାର ରାତିରେ ରକ୍ତ ଜୁଡୁବୁଡୁ ଧଳା ପୋଷାକ ପିନ୍ଧି ଏବଂ ଭୂତ ଭଳି ବେଶ କରି ବେଙ୍ଗାଲୁରୁର ଏକ ସଡ଼କରେ ଅନେକଙ୍କୁ ଭୟଭୀତ କରିଥିଲେ। ଏପରି କି ଲୋକେ ଭୟଭୀତ ହେବାର ଦୃଶ୍ୟକୁ ରେକର୍ଡ କରାଉଥିଲେ। ଜଣେ ରିକ୍ସାଚାଳକଙ୍କ ଅଭିଯୋଗ କ୍ରମେ ସେମାନଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନଙ୍କ ବୟସ ୨୦ ବର୍ଷ ମଧ୍ୟରେ ହୋଇଥିବାବେଳେ ସେମାନେ ୟୁ-ଟ୍ୟୁବ୍ ଚ୍ୟାନେଲ 'କୁକି ପିଡିଆ' ପାଇଁ ଏଭଳି ପ୍ରାଙ୍କ ଭିଡିଓ ପ୍ରସ୍ତୁତ କରିଥିଲେ। ସେମାନେ ଗିରଫ ହେବା ପରେ ଉକ୍ତ 'ଘୋଷ୍ଟ ପ୍ରାଙ୍କ' ଭିଡିଓ ଭାଇରାଲ ହୋଇଥିଲା। ସେଥିରେ ଦେଖିବାକୁ ମିଳିଥିଲା ଯେ, ଯୁବକମାନେ ଭୂତ ବେଶରେ ରାସ୍ତାରେ ଯାଉଥିବା ରିକ୍ସାଚାଳକ ଓ ବାଇକଚାଳକଙ୍କ ନିକଟକୁ ଦୌଡ଼ି ଆସି ଭୟଭୀତ କରୁଥିଲେ। ସେହିପରି ଯଶବନ୍ତପୁର ଅଞ୍ଚଳର ଏକ ଫୁଟ୍‌ପାଥରେ ଶୋଇଥିବା ଜଣେ ବ୍ୟକ୍ତିଙ୍କୁ ଉଠାଇ ସେମାନେ ଭୟଭୀତ କରିଥିବା ଦୃଶ୍ୟ ଉକ୍ତ ଭିଡିଓରୁ ଦେଖିବାକୁ ମିଳିଛି। ଅଭିଯୁକ୍ତମାନେ ହେଲେ ଶାନ୍ ମଲିକ, ନିଭାଦ୍, ସାମୁଏଲ ମହମ୍ମଦ, ମହମ୍ମଦ ଆଖ୍ୟୁବ୍, ସକିବ୍, ସୟଦ ନାବିଲ୍ ଓ ୟୁସୁଫ୍ ଅହମ୍ମଦ। ଲୋକଙ୍କୁ ଅନୁଚିତ ଉପାୟରେ ଅବରୋଧ କରିବା, ଅପମାନ ଦେବା ଭଳି କାର୍ଯ୍ୟ ପାଇଁ ସେମାନଙ୍କୁ ଗିରଫ କରାଯାଇଥିବା ବରିଷ୍ଠ ପୋଲିସ ଅଧିକାରୀ ଶଶିକୁମାର କହିଛନ୍ତି।



# ଦିଶାଙ୍କ ନୂଆ ଦାମୀ କାର୍




**ମୁମ୍ବାଇ:** ବି-ଟାଉନ୍ ସେଲିବ୍ରିଟିଙ୍କ କାର୍ ସଉକ ବିଷୟରେ ସମସ୍ତେ ଜାଣନ୍ତି। ତେବେ ଏଥିରୁ ବାଦ୍ ଯାଇନାହାନ୍ତି ଦିଶା ପଟାନୀ। ତାଙ୍କର ମଧ୍ୟ ଟ୍ରେଣ୍ଡି କାର୍ ସଉକ ରହିଛି। ନିକଟରେ ଦିଶା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ଫଟୋ ଶେୟାର କରିଥିଲେ। ଫଟୋରେ ଲାଟେଷ୍ଟ ମଡେଲର 'ରେଞ୍ଜ୍ ରୋଭର୍' କାର୍ ସହ ତାଙ୍କୁ ଦେଖିବାକୁ ମିଳିଥିଲା। ଏହି କାର୍‌ଟି ଚଲାଇବା ଏକ ମଜାଦାର ଅନୁଭୂତି ବୋଲି କ୍ୟାପଶନ୍‌ରେ ଲେଖି ସେ ଫଟୋଟି ଶେୟାର କରିଥିଲେ। ଏହାପରେ ସୋସିଆଲ୍ ମିଡିଆରେ କାର୍‌ଟିର ରେଜିଷ୍ଟ୍ରେଶନ୍ କପି ଭାଇରାଲ ହେବାରେ ଲାଗିଲା, ଯେଉଁଥିରେ କାର୍ ମାଲିକଙ୍କ ନାଁ ଦିଶା ପଟାନୀ ଲେଖାଥିବା ଦେଖିବାକୁ ମିଳିଛି। ଏହା ଯଦି ସତ, ଏବେ ଦିଶା ଏହି ଦାମୀ କାର୍‌ର ମାଲିକାଣୀ। ଏହି 'ରେଞ୍ଜ୍ ରୋଭର୍'ର ଲାଟେଷ୍ଟ ମଡେଲ୍ ଏଚ୍‌ଏସ୍‌ଇ ପେଟ୍ରୋଲ୍ ଭେରିଏଣ୍ଟ କାର୍। ଏହାର ଶୋ-ରୁମ୍ ମୂଲ୍ୟ ୧.୮୦କୋଟି ରହିଛି। ତେବେ ଦିଶା ବଲିଉଡ୍‌ର ପ୍ରଥମ ସେଲିବ୍ରିଟି ନୁହନ୍ତି, ଯାହାଙ୍କ ପାଖରେ ଏସ୍‌ୟୁଭି ଅଛି। କ୍ୟାଟ୍ରିନା କୈଫ୍, ଅଲ୍ଲୁ ଅର୍ଜୁନ, ଅମିତାଭ୍ ବଚ୍ଚନ, ସଞ୍ଜୟ ଦତ୍ତ, ଶାହରୁଖ ଖାନ୍, ସଲ୍‌ମାନ ଖାନ୍, ଆଲିଆ ଭଟ୍ଟଙ୍କ ନିକଟରେ ମଧ୍ୟ 'ରେଞ୍ଜ୍ ରୋଭର୍' ର ଭିନ୍ନ ଭିନ୍ନ ମଡେଲ ରହିଛି। ଅନ୍ୟପକ୍ଷରେ ଦିଶା ଆଗକୁ ଅନିଲ କପୁର ଓ ଆଦିତ୍ୟ ରାୟ କପୁରଙ୍କ ସହ ଫିଲ୍ମ 'ମଲଙ୍ଗ୍'ରେ ନଜରକୁ ଆସିବେ। ଏହାସହ ତାଙ୍କୁ ପୁଣିଥରେ ସଲ୍‌ମାନଙ୍କ ସହ ଫିଲ୍ମ 'ରାଧେ: ୟୋର୍ ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ମଧ୍ୟ ଦେଖିବାକୁ ମିଳିବ।

# ଗଛରୁ ପଣସ ତୋଳୁଛି ହାତୀ



**ବେଙ୍ଗାଲୁରୁ:** ସମ୍ପ୍ରତି ସୋସିଆଲ୍ ମିଡ଼ିଆରେ ଗଛରୁ ପଣସ ତୋଳି ଖାଉଥିବା ଏକ ହାତୀର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ଜଣେ ଆଇଏଫ୍‌ଏସ୍ ଅଫିସର ପ୍ରବୀଣ କାସ୍‌ୱାନ ଟୁଇଟରରେ ଶେୟାର କରିଛନ୍ତି। ସେ କହିଛନ୍ତି ପାଚିଲା ପଣସ ବାସ୍ନା ହାତୀଙ୍କୁ ଆକର୍ଷିତ କରିଥାଏ। ତେଣୁ ସେମାନେ ଏହାକୁ ଖାଇବାକୁ ଆସିଥାନ୍ତି। ଭିଡ଼ିଓଟି କର୍ଣାଟକର ନାଗରାହୋଲ୍ ବାଘ ସଂରକ୍ଷଣ ଯୋଜନା ନିକଟରେ ଥିବା କୋଡ଼ାଗୁ ଅଞ୍ଚଳର ବୋଲି କୁହାଯାଉଛି। ଏଠାରେ ବହୁଳ ଭାବେ କଫି ଚାଷ ହୋଇଥାଏ। ହାତୀ ଗଛରୁ ପଣସ ତୋଳି ଖାଇବା ଏଠାରେ ଦେଖିବାକୁ ମିଳିଥାଏ। ଇତିମଧ୍ୟରେ ଏହି ଭିଡ଼ିଓକୁ ହଜାରେରୁ ଅଧିକ ଥର ଶେୟାର କରାଯାଇଛି।

ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ନଭେମ୍ବର ୧୩/୨୦୧୯ | Dhenkanal, Wednesday, November 13 / 2019 | (ପୃଷ୍ଠା-୧)




**ଭିନ୍ନ ଢଙ୍ଗରେ ପିତାଙ୍କୁ ଜାହ୍ନବୀଙ୍କ ଜନ୍ମଦିନ ଶୁଭେଚ୍ଛା**

ବଲିଉଡ୍ ନିର୍ଦ୍ଦେଶକ ବୋନି କପୁରଙ୍କ ଜନ୍ମଦିନରେ ଝିଅ ଜାହ୍ନବୀ କପୁର ଇନଷ୍ଟାଗ୍ରାମରେ ବାପାଙ୍କର କିଛି ପୁରୁଣା ଫଟୋ ଶେୟାର କରି ଭିନ୍ନ ଢଙ୍ଗରେ ଶୁଭେଚ୍ଛା ଜଣାଇଛନ୍ତି ।

**୦୩ | ୧୩**

**ଦୀପକ ଚହରଙ୍କ ପ୍ରଭାବୀ ବୋଲିଂ**

ଦୀପକ ଚହର ସୟଦ ମୁସ୍ତାକ ଅଲୀ ଟ୍ରଫି ଟି୨୦ ଟୁର୍ଣ୍ଣାମେଣ୍ଟ ବିଦର୍ଭ ବିପକ୍ଷ ମ୍ୟାଚର ଗୋଟିଏ ଓଭରରେ ୪ଉଇକେଟ ଅକ୍ତିଆର କରିଛନ୍ତି।



# ଡଙ୍ଗା ଭସାଇ ଫେରୁଥିବାବେଳେ ଦୁର୍ଘଟଣା, ୩ ମୃତ

ଯାଜପୁର ଟାଉନ/ କୋରେଇ, ୧୨।୧୧ (ଡିଏନଏ/ସ୍ୱ.ପ୍ର)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଡଙ୍ଗା ଭସାଇ ଫେରିବାବେଳେ ଏକ ସଡ଼କ ଦୁର୍ଘଟଣାରେ ଚାଲିଯାଇଛି ୩ ଜୀବନ। ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଏଭଳି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ପାଣିକୋଇଲି ଥାନା ନରପଦା ଗ୍ରାମର ଜଗନ୍ନାଥ ପଣ୍ଡା(୪୨), ଯାଜପୁର ବ୍ଲକ ବିରୁହା ପଞ୍ଚାୟତ ତଣ୍ଡରା ଗ୍ରାମର କାଠି ଦଲାଇଙ୍କ ପୁଅ ସିପୁନ୍(୨୧), ମହେଶ୍ୱର ଦଲାଇଙ୍କ ପୁଅ ଇନ୍ଦ୍ରମଣି(୨୯)। ମଙ୍ଗଳବାର ଭୋର ସମୟରେ



ଦୁର୍ଘଟଣା ଘଟାଇଥିବା ଟ୍ରକ।

ଯାଜପୁର ଦଶାଶ୍ୱମେଧ ଘାଟରେ ଡଙ୍ଗା ଭସାଇ ଘରକୁ ଫେରୁଥିବାବେଳେ ପଥରପଦାଠାରେ ଏକ ଆଳୁ ବୋଝେଇ ଟ୍ରକ୍ (ଓଆର୦୫ଏଡି ୨୨୩୬) ସହ ବାଇକ୍ (ଓଆର୦୪ଜେ ୭୭୩୩)ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣଙ୍କ ମଧ୍ୟରୁ ଜଗନ୍ନାଥଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଇନ୍ଦ୍ରମଣି ଓ ସିପୁନ ଗୁରୁତର ହୋଇଥିଲେ। ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଟ୍ରକ୍‌ଟି ରାସ୍ତାକଡରୁ ତଳକୁ ଓଲଟି ପଡିଥିଲା। ପାଣିକୋଇଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା (ନଂ. ୨୨୦/୧୯) ରୁଜୁ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି।


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**




କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର କଟକ ବାଲିଯାତ୍ରା ପଡ଼ିଆ ନିକଟ ମହାନଦୀରେ ଡଙ୍ଗା ଭସାଯାଉଛି। (ଫଟୋ-ରାଜକିଶୋର ମହାନ୍ତି)

# ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ


## ରାଜ୍ୟପାଳଙ୍କ ସୁପାରିସକୁ ରାଷ୍ଟ୍ରପତିଙ୍କ ମୋହର

ନୂଆଦିଲ୍ଲୀ/ମୁମ୍ବାଇ,୧୨।୧୧ (ପି.ଟି./ଆଇଏଏନ୍‌ଏସ୍)

ଯାହା ଆଶଙ୍କା କରାଯାଉଥିଲା ଶେଷରେ ତାହା ହିଁ ହେଲା। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଆସିବାର ୨୦ ଦିନ ପରେ ମଧ କୌଣସି ଦଳ ବା ମେଣ୍ଟ ସରକାର ଗଠନରେ ସଫଳ ହୋଇ ନ ପାରିବାରୁ ଅଚଳାବସ୍ଥା ଜାରି ରହିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ବିଧାନର ୩୫୬(୧) ଅନୁସାରେ ରାଷ୍ଟ୍ରପତି ଶାସନ ଜାରି କରିଛନ୍ତି। ପ୍ରଥମେ ସବୁଠୁ ବଡ଼ ଦଳ ଭାଜପା, ପରେ ଦ୍ୱିତୀୟ ବୃହତ୍ତମ ଦଳ ଶିବସେନା ଓ ଶେଷରେ ତିନି ନମ୍ବରରେ ଥିବା ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ସରକାର ଗଠନ ପାଇଁ ରାଜ୍ୟପାଳ ଆମନ୍ତ୍ରଣ କରିଥିଲେ। ଭାଜପା ସରକାର ଗଠନ ପାଇଁ ସଂଖ୍ୟାବଳ ଅଭାବ ଯୋଗୁ ନିଜ ଅସାମର୍ଥ୍ୟ ପ୍ରକାଶ କରିଥିଲା। ଶିବସେନା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏନ୍‌ସିପି ଏବଂ କଂଗ୍ରେସର ସମର୍ଥନପତ୍ର ଯୋଗାଡ଼ କରିପାରିଲା ନାହିଁ। ଏବଂ ଶରଦ ପାୱାରଙ୍କ ଏନ୍‌ସିପି ସରକାର ଗଠନ ଦିଗରେ ଅଗ୍ରସର ହେବା ପାଇଁ ଶିବସେନା ଓ କଂଗ୍ରେସ ସହ ଆଲୋଚନା ଚଳାଇଥିଲା। ଏଥିଲାଗି ସଂଖ୍ୟାବଳର ପ୍ରମାଣ ପାଇଁ ମଙ୍ଗଳବାର ରାତି ୮ଟା ୩୦ ମିନିଟ ଥିଲା ଶେଷ ସମୟ। ମୁମ୍ବାଇରେ ତିନି ଦଳ ଏନ୍‌ସିପି, କଂଗ୍ରେସ ଓ ଶିବସେନା ଏଥିପାଇଁ ଚଳାଇଥିଲେ ଶେଷ କସରତ। ସେପଟେ ଦିଲ୍ଲୀରେ ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିଲା ଅନୁଷ୍ଠିତ କ୍ୟାବିନେଟ କମିଟି ବୈଠକ। ମହାରାଷ୍ଟ୍ରରେ ଅଚଳାବସ୍ଥା ନେଇ ବୈଠକରେ ଆଲୋଚନା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଲା। ଏହା ପୂର୍ବରୁ ରାଜ୍ୟପାଳ କୋଶିୟାରୀ କେନ୍ଦ୍ର ସରକାରଙ୍କୁ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରିଥିଲେ। ସରକାର ଗଢ଼ାଯିବା ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଇଛି। ହେଲେ ସମ୍ବିଧାନ ଅନୁସାରେ ସ୍ଥିର ସରକାର ଗଠନ କରାଯାଇ ପାରିବ ନାହିଁ ବୋଲି ରାଜ୍ୟପାଳ ସ୍ପଷ୍ଟଭାବେ ଜାଣିବାକୁ ପାଇବା ପରେ ରିପୋର୍ଟ ପ୍ରଦାନ କରିଥିବା ରାଜଭବନ ପକ୍ଷରୁ ଟୁଇଟ୍ କରାଯାଇଛି। କେନ୍ଦ୍ର ସରକାର ପଠାଇଥିବା ସୁପାରିସ ପତ୍ରରେ ରାଷ୍ଟ୍ରପତି କୋବିନ୍ଦ ସନ୍ଧ୍ୟାରେ ସ୍ୱାକ୍ଷର କରିଛନ୍ତି। ଏଥିସହ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ବିଧାନସଭା ନିଲମ୍ବିତ ହୋଇ ରହିବ ବୋଲି ରାଷ୍ଟ୍ରପତି ଭବନ ସୂତ୍ରରୁ ଜାରି ଘୋଷଣାପତ୍ରରେ ସ୍ପଷ୍ଟ କରାଯାଇଛି।

ମିଳିଥିବା ସୂଚନାନୁସାରେ ଶିବସେନା ସରକାର ଗଢ଼ିବା ଲାଗି ଆବଶ୍ୟକ ସମର୍ଥନ ଯୋଗାଡ଼ ନେଇ ପତ୍ର ରାଜ୍ୟପାଳଙ୍କୁ ସୋମବାର ରାତିରେ ଦେଇ ନ ପାରି ୪୮ ଘଣ୍ଟା ସମୟ ମାଗିଥିଲା। ହେଲେ ରାଜ୍ୟପାଳ ଅଧିକ ସମୟ ଦେବାକୁ ମନା କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଶିବସେନା ପୃଷ୍ଠା-୨

**■ ରାଜ୍ୟପାଳଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଗଲା ଶିବସେନା**



**■ ଏନ୍‌ସିପିକୁ ମଙ୍ଗଳବାର ରାତି ୮ଟା ୩୦ ଯାଏ ସମୟ ମିଳିଥିଲା**

**■ ରାଜ୍ୟପାଳଙ୍କ ସୁପାରିସକୁ କେନ୍ଦ୍ର କରିଥିଲା ଅନୁମୋଦନ**

### ଗ୍ରାମାଞ୍ଚଳରେ ବହୁତଳ କୋଠା ନିର୍ମାଣ ପାଇଁ କଟକଣା

# ପ୍ଲାନ୍ ଅନୁମୋଦନ ଜରୁରୀ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ସହରତଳି ଅଞ୍ଚଳ କିମ୍ବା ଗ୍ରାମାଞ୍ଚଳରେ ମନଇଚ୍ଛା ବହୁତଳ କୋଠା, ବାସଗୃହ ପ୍ରକଳ୍ପ କିମ୍ବା ବ୍ୟବସାୟିକ ଗୃହ ନିର୍ମାଣ କରିହେବ ନାହିଁ। ଏଥିପାଇଁ ସହର ଯୋଜନା(ଟାଉନ ପ୍ଲାନିଂ) ନିର୍ଦ୍ଦେଶକଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ। ଯଦି ଗ୍ରାମାଞ୍ଚଳରେ କୌଣସି ଆବାସିକ କିମ୍ବା ବ୍ୟବସାୟିକ ଗୃହ ନିର୍ମାଣ ପ୍ରକଳ୍ପ ୫୦୦ ବର୍ଗମିଟର କିମ୍ବା ୩ ମହଲା କିମ୍ବା ଲେ ଆଉଟ ଏରିଆ ୧.୦୦ ଏକରରୁ ଊର୍ଦ୍ଧ୍ୱ ହୋଇଥିବ ତେବେ ଏଥିପାଇଁ ଘର ନିର୍ମାଣ ପୂର୍ବରୁ ପ୍ଲାନ ଅନୁମୋଦନ କରିବା ବାଧ୍ୟତାମୂଳକ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗୃହ ନିର୍ମାଣ କରିବା ପୂର୍ବରୁ ପ୍ରଥମେ ସମ୍ପୃକ୍ତ ପଞ୍ଚାୟତ ସମିତିକୁ ପ୍ଲାନ ଅନୁମୋଦନ ପାଇଁ ଆବେଦନ କରିବାକୁ ହେବ। ପଞ୍ଚାୟତ ସମିତି ଏହାକୁ ଜିଲା ଟାଉନ ପ୍ଲାନିଂ ୟୁନିଟ୍‌କୁ ପଠାଇବ। ଟାଉନ ପ୍ଲାନିଂ ନିର୍ଦ୍ଦେଶକଙ୍କଠାରୁ ଅନୁମତି ନେଇ ଟାଉନ ପ୍ଲାନିଂ ୟୁନିଟ୍ ପ୍ଲାନ ଅନୁମୋଦନ କରିବ।

ଗ୍ରାମାଞ୍ଚଳରେ ଗଢ଼ିଉଠୁଥିବା ଆପାର୍ଟମେଣ୍ଟ, ବହୁତଳ କୋଠା ଏବଂ ବ୍ୟବସାୟିକ ଗୃହକୁ ବ୍ୟବସ୍ଥିତ କରିବାକୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଯଦି କୌଣସି କୋଠାବାଡ଼ି ବିନା ପ୍ଲାନ ଅନୁମୋଦନରେ ନିର୍ମାଣ କରାଯାଇଛି ସେଗୁଡ଼ିକ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେଶନ୍‌ସ ନିୟମ ଅନୁଯାୟୀ ଜରିମାନା ଦେଇ ଗୃହକୁ ନିୟମିତ (ରେଗୁଲାରାଇଜ) କରିପାରିବେ। ଓଡ଼ିଶା ସ୍ପେଶାଲ ପ୍ଲାନିଂ ଅଥରିଟିଜ୍ ଆଣ୍ଡ ରିଜିଓନାଲ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟସ କମନ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରୁଲ୍‌ସ-୨୦୧୭ ଗ୍ରାମାଞ୍ଚଳରେ ଆପାର୍ଟମେଣ୍ଟ କିମ୍ବା ବାସଗୃହ ପ୍ରକଳ୍ପ କିମ୍ବା ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ ପାଇଁ ଲାଗୁହେବ। କଟକ, ଭୁବନେଶ୍ୱର ଭଳି ରାଜ୍ୟର ବଡ଼ ବଡ଼ ସହରତଳି ଅଞ୍ଚଳରେ ବେଆଇନ ଭାବେ ବହୁ ନଭଶ୍ଚୁମ୍ବୀ ଅଟ୍ଟାଳିକା ଗଢ଼ିଉଠୁଛି। ସେଗୁଡ଼ିକ ଅବ୍ୟବସ୍ଥିତ ଢଙ୍ଗରେ ନିର୍ମାଣ ହେବା ସହ ସ୍ୱେରେଜ, ଡ୍ରେନେଜ ପାଇଁ କୌଣସି ବ୍ୟବସ୍ଥା ହେଉନାହିଁ। ବର୍ଷା ଦିନରେ ସେସବୁ ଅଞ୍ଚଳ ଜଳମଗ୍ନ ହୋଇ ରହୁଛି। ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷ ଲେ ଆଉଟ ପ୍ଲାନ ଅନୁମୋଦନ ନ କରି ଘର ନିର୍ମାଣ କରିବେ ତେବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଗ୍ରାମାଞ୍ଚଳରେ ଗଢ଼ିଉଠୁଥିବା ଆପାର୍ଟମେଣ୍ଟ, ବାସଗୃହ ପ୍ରକଳ୍ପ, ବ୍ୟବସାୟିକ ଗୃହ ନିର୍ମାଣକୁ ବ୍ୟବସ୍ଥିତ କରିବା ପାଇଁ ଏହି ନୂତନ ରୁଲ୍ କାର୍ଯ୍ୟକାରୀ କରାଯାଇଛି। ସହରତଳି ଅଞ୍ଚଳରେ ଅବ୍ୟବସ୍ଥିତ ଭାବେ ବହୁ ସଂଖ୍ୟାରେ ଆପାର୍ଟମେଣ୍ଟ ବିନା ଅନୁମୋଦନରେ ଗଢ଼ିଉଠୁଛି। ଏହାଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହେଉଛି। ଗୃହ ନିର୍ମାଣ କରାଯାଉଥିଲେ ମଧ ବର୍ଜ୍ୟ ଜଳ ଓ ବର୍ଷା ଜଳ ନିଷ୍କାସନ ପାଇଁ କୌଣସି ସ୍ୱେରେଜ କିମ୍ବା ଡ୍ରେନ ବ୍ୟବସ୍ଥା କରାଯାଉ ନାହିଁ। ଗ୍ରାମାଞ୍ଚଳ ପାଇଁ ପ୍ଲାନ ଅନୁମୋଦନ ନେବା ବାଧ୍ୟତାମୂଳକ କରାଯାଇଛି, ଯଦ୍ୱାରା ସ୍ୱେରେଜ, ଡ୍ରେନେଜ ବ୍ୟବସ୍ଥାକୁ ବ୍ୟବସ୍ଥିତ ଢଙ୍ଗରେ କରିହେବ ବୋଲି ସେ କହିଛନ୍ତି।



**■ ସହରତଳି ଅଞ୍ଚଳ ପାଇଁ ବି ଲାଗୁ**

**■ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ**

### ■ ଜଗା-କାଳିଆ ଅସ୍ତ୍ରୋପଚାର

# 'ଲିମ୍‌କା ବୁକ୍'ରେ ସ୍ଥାନ ପାଇଲା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କଠାରେ ହୋଇଥିବା ଅସ୍ତ୍ରୋପଚାର ଲିମ୍‌କା ବୁକ୍ ଅଫ୍ ରେକର୍ଡ୍‌ସର ୨୦୨୦ ସଂସ୍କରଣ ପାଇଁ ସ୍ଥାନ ପାଇଛି। ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୨୦୧୭ରେ ନୂଆଦିଲ୍ଲୀସ୍ଥିତ ଏମ୍‌ସଠାରେ ଏହି ବିରଳ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିଲା। ଦୁଇଟି ପର୍ଯ୍ୟାୟରେ ଏହି ଜଟିଳ ଅସ୍ତ୍ରୋପଚାର ହୋଇଥିଲା। ପ୍ରଥମ ଅସ୍ତ୍ରୋପଚାର ୨୦୧୭ ଅଗଷ୍ଟ ୨୮ ଓ ଦ୍ୱିତୀୟ ଅସ୍ତ୍ରୋପଚାର ସେହି ବର୍ଷ ଅକ୍ଟୋବର ୨୫ରେ କରାଯାଇଥିଲା। ମଙ୍ଗଳବାର ସୋଆଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡା. ମହାପାତ୍ର କହିଛନ୍ତି ଯେ, ଏହି ଅସ୍ତ୍ରୋପଚାର୍ ଯଦିଓ ଖୁବ୍ ଜଟିଳ ଏବଂ ଆହ୍ୱାନପୂର୍ଣ୍ଣ ଥିଲା, ତେବେ ଏହା ଭାରତର ପ୍ରଥମ ସଫଳ ଯୋଡ଼ାମୁଣ୍ଡ (କ୍ରାନିଓପାଗସ୍) ସର୍ଜରି। ନୂଆଦିଲ୍ଲୀର ଏମ୍ସଠାରେ ଥିବା ସମସ୍ତ ଆବଶ୍ୟକ ସୁବିଧା ଏବଂ ବିଶେଷଜ୍ଞମାନଙ୍କ ସହଯୋଗ ଯୋଗୁ ଏହା ସମ୍ଭବ ହୋଇପାରିଲା। ସହଯୋଗୀ ପ୍ରଫେସର ଦୀପକ କୁମାର ଗୁପ୍ତା ଏବଂ ଅନେକ ସଂଖ୍ୟକ ଡାକ୍ତର ଓ କର୍ମଚାରୀମାନଙ୍କ କଠିନ ପରିଶ୍ରମ ଯୋଗୁ ଦୁଇ ଯୋଡ଼ାମୁଣ୍ଡ ଶିଶୁଙ୍କୁ ଅଲଗା କରାଯାଇପାରିଲା ବୋଲି ସେ କହିଛନ୍ତି।

ଏହି ଅସ୍ତ୍ରୋପଚାର ନେଇ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାଳିଆର ମସ୍ତିଷ୍କରେ ପୃଷ୍ଠା-୨



**ଆଜିର ସମ୍ପାଦକୀୟ**

**କାଗଜ ଓ କଦଳୀ ପଟୁଆ**

**ଆଜିର ମନ୍ତବ୍ୟ**

"ଆତଙ୍କବାଦ ନିରୋଧୀ ସହଯୋଗକୁ ସୁଦୃଢ଼ କରିବା ଉପରେ ବ୍ରିକ୍ସ ସମ୍ମିଳନୀ ଗୁରୁତ୍ୱ ଦେବା।

**-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

**କିଛି ତଥ୍ୟ**

ଚଳିତ ବର୍ଷ ଅକ୍ଟୋବରରେ ଦେଶ ମଧ୍ୟରୁ ଜେମ୍‌ସ ଏବଂ ଜୁଏଲେରି ରପ୍ତାନି ୫.୪୯% ହ୍ରାସ ଘଟି ୨୪,୫୪୩ କୋଟି ଟଙ୍କା ରହିଛି।

**- ଜିଜେଇପିସି**


Taste the difference! Vencobb FRESH CHICKEN

12.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 82 | 135 | 145 |
| BHM | 83 | 136 | 146 |

*Conditions Apply

Issued in the Interest of Consumers


# କପିଳାସରେ ୫୦ ହଜାର ଶ୍ରଦ୍ଧାଳୁ



କପିଳାସ ପୀଠରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ ପାଇଁ ଧାଡ଼ିରେ ଛିଡା ହୋଇଛନ୍ତି।

ଢେଙ୍କାନାଳ ଅଫିସ,୧୨।୧୧

ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମଙ୍ଗଳବାର ପ୍ରବଳ ଜନ ସମାଗମ ଲାଗିରହିଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଢେଙ୍କାନାଳ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପୀଠାଧୀଶ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କ ଦର୍ଶନ କରିବା ପାଇଁ ଘାଟିରାସ୍ତା ଠାରୁ ମୁଖଶାଳା ଏବଂ ମନ୍ଦିର ଭିତର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସେହିପରି ଠାକୁରଙ୍କ ଦର୍ଶନ କରିବା ସହ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନରେ ମଧ୍ୟ ସାମିଲ ହୋଇଥିଲେ। ସୁବିଧାରେ ଦର୍ଶନ କରିବା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବ୍ୟାରିକେଡ ନିର୍ମାଣ ହୋଇଥିଲା। ଘାଟି ଓ ପାହାଚ ରାସ୍ତାରେ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ହରହର ମହାଦେବ ଓ ହୁଳହୁଳି ଧ୍ୱନିରେ ପୀଠ କମ୍ପି ଉଠିଥିଲା। ମହିଳା ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିଥିଲେ। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ବ୍ୟାପକ ସଶସ୍ତ୍ର ପୋଲିସ ମୁତୟନ କରାଯାଇଥିଲା।

# ଆଜିଠୁ ବିଧାନସଭା ଶୀତ ଅଧିବେଶନ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

ଷୋଡଶ ବିଧାନସଭାର ଦ୍ୱିତୀୟ ତଥା ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେଉଛି। ଏହା ଡିସେମ୍ବର ୧୯ ଯାଏ ଚାଲିବ। ଏଥିରେ ମୋଟ ୩୦ଟି କାର୍ଯ୍ୟ ଦିବସ ରହିଛି। ସେଥିରୁ ୨୫ଟି ସରକାରୀ ଓ ୫ଟି ବେସରକାରୀ କାର୍ଯ୍ୟ ଦିବସ । ପ୍ରଥମ ଦିବସରେ ବିଧାନସଭାର ଅନୁମୋଦନ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯିବ। ନଭେମ୍ବର ୨୦ରୁ ୨୨ ଯାଏ ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ୨୩ ଓ ୨୪ ତାରିଖ ଦୁଇଦିନ ବିଧାନସଭା ବନ୍ଦ ରହିବ। ୨୫ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଅନୁମୋଦନ ଲାଭ କରିବ।

ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟ ଆଗତ ହେବାର କାର୍ଯ୍ୟକ୍ରମ ରହିଛି। ପୌର ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ସଂଶୋଧନ ବିଲ୍ ବିଧାନସଭାରେ ଆଗତ ହେବ ବୋଲି ଜଣାପଡ଼ିଛି। ପ୍ରଥମ ଦିବସ ହୋଇଥିବାରୁ ବିଧାନସଭା ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ। ତେବେ ପ୍ରଥମ ଥର ଲାଗି ବିଧାନସଭାର ସମସ୍ତ କାର୍ଯ୍ୟାବଳୀ କାଗଜବିହୀନ (ପେପର ଲେସ୍) କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ବିଧାୟକମାନେ ସେମାନଙ୍କ ପ୍ରଶ୍ନ ଏବଂ ଉତ୍ତର ମୋବାଇଲ ଆପ ଜରିଆରେ ପାଇପାରିବେ। ଆଗାମୀ ଦିନରେ ରାଜ୍ୟରେ ଜାତୀୟ ଇ-ବିଧାନ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହାଛଡ଼ା ବିଧାନସଭା ପରିସରକୁ ୱାଇଫାଇ କରିବାକୁ ଯୋଜନା କରାଯାଇଛି ବୋଲି ବାଚସ୍ପତି କହିଛନ୍ତି।

ବିଧାନସଭା ଆରମ୍ଭ ହେଉଥିଲେ ମଧ୍ୟ ଭାଜପା କିମ୍ବା ବିଜେଡି ମଙ୍ଗଳବାର ବିଧାୟକ ଦଳ ବୈଠକ ଡାକିନାହାନ୍ତି। ୧୩ ତାରିଖ ସକାଳ ୧୦ଟାରେ ବିଜେଡି ଓ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ହାତରେ ଅନେକ ପ୍ରସଙ୍ଗ ରହିଛି। ନାରୀ ସୁରକ୍ଷାଠାରୁ ଆରମ୍ଭକରି ପିସି କାରବାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ଆଇନଶୃଙ୍ଖଳା, ବାତ୍ୟା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ପାନୀୟ ଜଳ, ଚାଷୀ ସମସ୍ୟା ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ଯୋଜନା କରିଛନ୍ତି। ମଙ୍ଗଳବାର ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ସରକାରଙ୍କ କାର୍ଯ୍ୟକ୍ରମକୁ ବିରୋଧ କରାଯାଉଥିବା ସମସ୍ତ ପ୍ରସଙ୍ଗ ସହିତ ୫-ଟି କାର୍ଯ୍ୟକ୍ରମକୁ ମଧ୍ୟ ବିଧାନସଭାରେ ଉଠାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଭାଜପା ଓ କଂଗ୍ରେସ ରାସ୍ତାକୁ ଓହ୍ଲାଇଥିଲେ। ଏହି ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି। ଏଥିସହିତ ଚାଷୀ, ବେକାରି ସମସ୍ୟା, ଆଇନଶୃଙ୍ଖଳା ପରିସ୍ଥିତିକୁ ମଧ୍ୟ ବିଧାନସଭାରେ ଭାଜପା ଉଠାଇବା ନେଇ ସୂଚନା ମିଳିଛି।

**■ ଆଗତ ହେବ ଅତିରିକ୍ତ ବଜେଟ**

**■ ବିଧାନସଭା କାର୍ଯ୍ୟାବଳୀ ହେବ ପେପର ଲେସ୍**

**■ ନାରୀ ସୁରକ୍ଷା, ପିସି କାରବାର, ଚାଷୀ, ବେକାରି ସମସ୍ୟାକୁ ନେଇ ସରକାରଙ୍କୁ ଘେରିବେ ବିରୋଧୀ**



ବୁଧବାର ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ମଙ୍ଗଳବାର ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରୁଛନ୍ତି ଡିଜିପି ବିଜୟ କୁମାର ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................


ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ମହାରାଷ୍ଟ୍ରରେ ରାଷ୍ଟ୍ରପତି ...

ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଭାଜପାକୁ ସଂଖ୍ୟାବଳର ପ୍ରମାଣ ପାଇଁ ଦୁଇଦିନ ଦିଆଯାଇଥିବାବେଳେ ଶିବସେନାକୁ କାହିଁକି ଦିଆଗଲା ନାହିଁ ବୋଲି ପ୍ରଶ୍ନ ଉଠାଇ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଦଳ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରିଛନ୍ତି। ସେହିପରି ଏନ୍‌ସିପିକୁ ମଧ୍ୟ ମଙ୍ଗଳବାର ରାତି ୮ଟା ୩୦ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ହେଲେ ଏନ୍‌ସିପି ରାଜ୍ୟପାଳଙ୍କ ସହ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଆଲୋଚନା କରି ଅଧିକ ସମୟ ମାଗିଥିଲା। ଇତିମଧ୍ୟରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସକାଳେ ଏନ୍‌ସିପି ମୁଖ୍ୟ ପାୱାରଙ୍କ ସହ ସରକାର ଗଠନ ନେଇ ଫୋନ୍‌ରେ ଆଲୋଚନା କରିଥିଲେ। ଏଥିସହ ପାୱାରଙ୍କୁ ଭେଟିବା ପାଇଁ ଦଳର ବରିଷ୍ଠ ନେତା ମଲିକାର୍ଜୁନ ଖାର୍ଗେ, ଅହମଦ ପଟେଲ ଏବଂ କେ.ସି. ବେଣୁଗୋପଳଙ୍କୁ ଦିଲ୍ଲୀରୁ ମୁମ୍ବାଇ ପଠାଇଥିଲେ। ସେହିପରି ଦିଲ୍ଲୀ ଯାଇ ସୋନିଆଙ୍କୁ ଭେଟିବା ପାଇଁ ଶରଦ ପାୱାରଙ୍କୁ କୁହାଯାଇଥିବା ତାଙ୍କ ପୁତୁରା ଅଜିତ୍ ପାୱାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମୁମ୍ବାଇରେ ଏନ୍‌ସିପି ବିଧାୟକମାନଙ୍କ ବୈଠକ ଚାଲିଥିବା ଦର୍ଶାଇ ପାୱାର ଦିଲ୍ଲୀ ଯିବାକୁ ମନା କରିଦେଇଥିଲେ। କଂଗ୍ରେସ ବିଧାୟକମାନେ ଶିବସେନା ସହିତ ମିଶି ସରକାର ଗଠନ ସପକ୍ଷରେ ଥିଲେ। କିନ୍ତୁ ସୋନିଆ ଏକ ବିରୋଧୀ ବିଚାରଧାରାର ଦଳ ସହ ହାତ ମିଳାଇବାକୁ ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିଲେ। ସେହିପରି ଭାଜପା ସହ ୩୦ ବର୍ଷ ମେଣ୍ଟ କରିଥିବା ଶିବସେନାର ବିଚ୍ଛେଦ ସ୍ଥାୟୀ ହୋଇ ନ ପାରେ ବୋଲି ଅନ୍ୟ ବରିଷ୍ଠ ନେତାମାନେ ମନେକରୁଥିଲେ। ତେଣୁ ଶିବସେନା ନେତୃତ୍ୱରେ କିମ୍ବା ଏହି ଦଳକୁ ନେଇ ଏନ୍‌ସିପି ନେତୃତ୍ୱରେ ସରକାରକୁ କଂଗ୍ରେସର ସମର୍ଥନ ଘୋଷଣା ବିଳମ୍ବିତ ହୋଇଥିବା କୁହାଯାଉଛି। ଏହା ପୂର୍ବରୁ ସୋମବାର ଶିବସେନା କେନ୍ଦ୍ର କ୍ୟାବିନେଟରୁ ଓହରିଯାଇଥିଲା। ଶିବସେନାର ଜଣେ ମାତ୍ର ମନ୍ତ୍ରୀ ଅରବିନ୍ଦ ସାୱନ୍ତ ମୋଦିଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏପରି ସମୟରେ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଛି। ଏକ ସ୍ଥିର ସରକାର ଗଠନ ପାଇଁ ସ୍ଥିତି ସୃଷ୍ଟି ହେଲେ ୬ ମାସ ମଧ୍ୟରେ ରାଷ୍ଟ୍ରପତି ଶାସନକୁ ଉଠାଇ ଦିଆଯାଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିବାବେଳେ ୨୪ ତାରିଖରେ ଏହାର ଫଳାଫଳ ଆସିଥିଲା। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାକୁ ୧୦୫ ଆସନରେ ସଫଳତା ମିଳିଥିଲା। ଏହାର ସହଯୋଗୀ ଶିବସେନା ୫୬ ଆସନ ଦଖଲ କରିଥିଲା। ବିରୋଧୀ ଏନ୍‌ସିପି ୫୪ ଓ କଂଗ୍ରେସ ୪୪ ଆସନ ଅକ୍ତିଆର କରିବାରେ ସକ୍ଷମ ହୋଇଥିଲେ। ଶିବସେନା ୫୦:୫୦ ସୂତ୍ରରେ ସରକାର ଗଠନ ପାଇଁ ଭାଜପା ନିକଟରେ ଅଡ଼ିବସିଥିଲା। ହେଲେ ଭାଜପା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ମନାକରି ଦେଇଥିଲା। ଘୋଡ଼ାବେପାର ଭୟରେ ଶିବସେନା ତା'ର ସମସ୍ତ ବିଧାୟକଙ୍କୁ ବାନ୍ଦ୍ରାର ଏକ ହୋଟେଲରେ ରଖିଥିବାବେଳେ କଂଗ୍ରେସର ୪୪ ବିଧାୟକଙ୍କୁ ଗୋଆ ପ୍ରକରଣର ପୁନରାବୃତ୍ତିକୁ ଏଡ଼ାଇବା ଲାଗି ରାଜସ୍ଥାନ ରାଜଧାନୀ ଜୟପୁରକୁ ପଠାଇଦିଆଯାଇଛି। ଶେଷରେ କ୍ଷମତା ଭାଗବଣ୍ଟା ଦୁଇ ସହଯୋଗୀଙ୍କ ତିନି ଦଶନ୍ଧିର ସମ୍ପର୍କକୁ ଛିନ୍ନ କରିଛି। ବିରୋଧୀ ଏନ୍‌ସିପି-କଂଗ୍ରେସ ମେଣ୍ଟକୁ ଧରି ଶିବସେନାର ସରକାର ଗଠନ ଉଦ୍ୟମ ଫସର ଫାଟିଛି। ଏନ୍‌ସିପିର ମଧ୍ୟ ସ୍ୱପ୍ନ ଦେଖିବା ପୂର୍ବରୁ ରାତି ପାହିଯାଇଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

### 'ଲିମ୍‌କା ବୁକ୍'ରେ ...

ଏମ୍ସର ଭେନ୍ ବ୍ୟାଙ୍କରୁ ଭେନ୍(ଶିରା) ଆଣି ସଂଯୋଗ କରିବା। ଏହି ଦୁଇ ଶିଶୁଙ୍କ ଯୋଡ଼ାମୁଣ୍ଡରେ ମାତ୍ର ଗୋଟିଏ ଭେନ୍ ହିଁ ରହିଥିଲା। ତେଣୁ ଏହି ପ୍ରକ୍ରିୟା ସାରା ପୃଥିବୀରେ ପ୍ରଥମ ବୋଲି ସେ କହିଛନ୍ତି। ଜଗା-କାଳିଆ ଏମ୍ସରେ ଭର୍ତ୍ତି ହେବା ସମୟରେ ପ୍ରାଥମିକ ଆକଳନରୁ ଏହି ଦୁଇ ଶିଶୁ ଅସ୍ତ୍ରୋପଚାର ପ୍ରକ୍ରିୟାକୁ ସହ୍ୟ କରିପାରିବେ କି ନାହିଁ ତାହା ଚିନ୍ତାର କାରଣ ଥିଲା। ତେବେ ୨୦୧୭ ଜୁଲାଇ ୨୬ରେ ଦୀର୍ଘ ୧୨ଘଣ୍ଟା ଧରି ଦୁଇ ଶିଶୁଙ୍କୁ ନିଶ୍ଚେତନ କରି ସମସ୍ତ ପରୀକ୍ଷା ନିରୀକ୍ଷା କରାଯିବା ପରେ ଅସ୍ତ୍ରୋପଚାର କରାଯିବାର ନିଷ୍ପତ୍ତି ନିଆଗଲା ବୋଲି ଡା. ମହାପାତ୍ର କହିଛନ୍ତି। ଜଗା-କାଳିଆଙ୍କ ଅସ୍ତ୍ରୋପଚାର୍ କରିବା ଲାଗି ଗଠିତ ଟିମ୍ ନ୍ୟୁୟର୍କର ବ୍ରୋନକ୍ସସ୍ଥିତ ଆଲବର୍ଟ ଆଇନ୍‌ଷ୍ଟାଇନ୍ କଲେଜ ଅଫ୍ ମେଡ଼ିସିନ୍‌ର ପ୍ରଖ୍ୟାତ ଶିଶୁରୋଗ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଜେମ୍ସ ଟି ଗୁଡ୍ରିକଙ୍କ ପରାମର୍ଶ ନେଇଥିଲା। କାରଣ ଏ କ୍ଷେତ୍ରରେ ପ୍ରଫେସର ଗୁଡ୍ରିକ ବିଶ୍ୱର ସବୁଠାରୁ ବଡ଼ ବିଶେଷଜ୍ଞ ଏବଂ ସେ ପୂର୍ବରୁ ଏଭଳି ଦୁଇଟି ଅସ୍ତ୍ରୋପଚାର ମଧ୍ୟ କରିସାରିଛନ୍ତି ବୋଲି ଡା. ମହାପାତ୍ର କହିଛନ୍ତି। ଏଭଳି ଅସ୍ତ୍ରୋପଚାରର ସଫଳତା ହାର ଖୁବ୍‌କମ୍ ରହିଥିବାବେଳେ ଗତ ୩୩ ବର୍ଷ ମଧ୍ୟରେ ବିଶ୍ୱରେ ଏଭଳି ମାତ୍ର ୧୨ରୁ ୧୩ଟି ସର୍ଜରି କରାଯାଇଥିବା ସେ କହିଛନ୍ତି। ଜଗା-କାଳିଆ ଏମ୍ସରେ ଦୁଇବର୍ଷ ରହିବା ପରେ ଓଡ଼ିଶା ଫେରିଛନ୍ତି। ଯଦିଓ ସେମାନେ ସୁସ୍ଥ ଅଛନ୍ତି, କିନ୍ତୁ କାଳିଆ ଶରୀରରେ ଉନ୍ନତି ଟିକେ ମନ୍ଥର ଗତିରେ ହେଉଛି। ତେଣୁ ଆହୁରି ଦୁଇ ତିନିବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି ଡା. ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଅସ୍ତ୍ରୋପଚାର କରିବା ସମୟରେ ଡା. ମହାପାତ୍ର ଦିଲ୍ଲୀ ଏମ୍ସର ନ୍ୟୁରୋସର୍ଜରି ବିଭାଗ ମୁଖ୍ୟଭାବେ ଦାୟିତ୍ୱରେ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ପାଇ ଖୁସି ହେବେ। ମଧ୍ୟାହ୍ନରେ ଘର ଅପେକ୍ଷା ବାହାର ଲୋକମାନଙ୍କ ସକାଶେ ବିଶେଷ ସମୟ ଦେଇପାରନ୍ତି। କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବା ବଦଳରେ ଆକସ୍ମିକ ସମସ୍ୟା ହେତୁ ହଠାତ୍ ଅଟକି ରହିଯିବାର ଆଶଙ୍କା ରହିଛି। ଗୃହକୁ ଧାତୁ, ଅଳଙ୍କାରାଦି ମୂଲ୍ୟବାନ ଜିନିଷ ଆଣିପାରନ୍ତି।

**ବୃଷ** ଆଜିର ଦିନଟିରେ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କଠିନ ଶ୍ରମ ଓ ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷାପରାୟଣ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ଅପପ୍ରଚାର କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନା ଓ ବନ୍ଧୁମିଳନର ସୁଯୋଗ ପାଇବେ।

**କର୍କଟ** କେତେକ ଅତୀତ ସ୍ମୃତିକାରଣ ମାନସିକ ଅସ୍ଥିରତାର କାରଣ ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇରହିବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ଆଇନ, ଅଦାଲତ, ପ୍ରଶାସନ ତଥା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ସିଂହ** ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ସାମୟିକ ମାନସିକ ସ୍ତରରେ ଅଶାନ୍ତି ରହିପାରନ୍ତି। ବାଣିଜ୍ୟ, ଯାତ୍ରା ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇପାରେ। ପାରିପାର୍ଶ୍ୱିକ ପରିସ୍ଥିତି ଆପଣଙ୍କୁ କେତେକାଂଶରେ ଅସ୍ୱାଭାବିକ କରିପାରେ। କଳା, ସାହିତ୍ୟ, ପରିବହନ,ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା** ଆଜିର କାମଗୁଡିକ ବହୁତ ବିଳମ୍ବରେ ସମ୍ପନ୍ନ ହେବା କାରଣରୁ ମନଟା ଭଲ ରହିବ ନାହିଁ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ପୂର୍ବପରି ବଳବତ୍ତର ରହିବ। ସାଙ୍ଗଠନିକ କାମ, ରାଜନୀତି ଓ ସଭାସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। କ୍ରୀଡା, ଚଳଚ୍ଚିତ୍ର ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ଆଜି ଅର୍ଥଲାଭ, ବନ୍ଧୁମିଳନ, ନୂତନ କର୍ମାରମ୍ଭ ପାଇଁ ସୁଯୋଗ ପାଇବେ। ପାରସ୍ପରିକ ସହୃଦୟତା କାରଣରୁ ପାରିବାରିକ ଜୀବନ ମଧ୍ୟ ପ୍ରୀତିପ୍ରଦ ରହିବ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ଅନୁକୂଳ ରହିବ।

**ବିଛା** ସନ୍ତାନଙ୍କ ସମସ୍ୟାର ଚିନ୍ତା, ସମ୍ପର୍କ ବଢ଼ାଇବାର ଅଭିଳାଷ, ଅନ୍ୟକୁ ମନେଇ କାମ କରିବାର ପ୍ରବୃତ୍ତି ଜାଗ୍ରତ ହେବ। ମୁହଁରେ ପ୍ରଶଂସା କରୁଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**ଧନୁ** ପରିବାର ଓ କର୍ମକ୍ଷେତ୍ର ପାଇଁ ଅନୁକୂଳ ପ୍ରଭାବ ସୃଷ୍ଟି ହେବ। ଯାନ୍ତ୍ରିକ ଜିନଷ କ୍ରୟ କରିପାରନ୍ତି। ମାତ୍ର ବ୍ୟୟାଧିପ ସମ୍ପର୍କରୁ ବହୁତ ଖର୍ଚ୍ଚାନ୍ତ ହୋଇ କାମଟିକୁ ହାସଲ କରିବାକୁ ପଡିବ। ସମ୍ପର୍କୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟିର ସୂଚନା ମଧ୍ୟ ରହିଛି। ପ୍ରତିବେଶୀଙ୍କ ସହ ଭଲ ସମ୍ପର୍କ ସାହାଯ୍ୟକାରୀ ହେବ।

**ମକର** ବନ୍ଧୁ ମାଧ୍ୟମରେ ଅର୍ଥ, ଗୃହୋପଯୋଗୀ ଜମିଜମା କାରବାର ସହ ସରକାରୀ ସ୍ତରରେ ସ୍ଥଗିତ କାଗଜପତ୍ରକୁ ତ୍ୱରାନ୍ୱିତ କରିପାରିବେ। ରାଜନୀତି, ସଙ୍ଗଠନ କିମ୍ବା ଆନୁଷ୍ଠାନିକ କାମ, ଆଇନ ଅଦାଲତ, ପ୍ରଶାସନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା କ୍ଷେତ୍ର ମନ୍ଦ ହେବନି।

**କୁମ୍ଭ** ଆର୍ଥିକ ଉନ୍ନତି, ବନ୍ଧୁଙ୍କ ଆଦର, ନୂତନ କର୍ମାରମ୍ଭ ଓ ମାନସିକ ସ୍ଥିରତା ପ୍ରଦାନ କରିବ। ମନେ ମନେ ଯାହା ଭାବୁଛନ୍ତି ତାହା କେତେକାଂଶରେ ପ୍ରାପ୍ତିର ସମ୍ଭାବନା ରହିଛି। ସମୟର ପ୍ରତିକୂଳତା ଲାଗିରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିରୋଧକୁ ସାମ୍ନା କରି କାର୍ଯ୍ୟ ହାସଲ କରିପାରିବେ। କୌଣସି କ୍ଷେତ୍ରରେ ମଧ୍ୟ ଆପଣ ପଛକୁ ହଟିବେ ନାହିଁ।

**ମୀନ** ବିବାଦୀୟ ଚିନ୍ତାଧାରା ସୃଷ୍ଟି କରିପାରନ୍ତି। କର୍ମଜଞ୍ଜାଳର ତୀବ୍ରତା ବୃଦ୍ଧି ପାଇ ଆପଣଙ୍କୁ ବିଶ୍ରାମହୀନ କାମରେ ନିଯୁକ୍ତ କରିବ। ପରିବାର ସକାଶେ ଆକସ୍ମିକ ଭାବରେ ବହୁତ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ପରିସ୍ଥିତିବଶତଃ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

ଆଜି ମାର୍ଗଶିର କୃଷ୍ଣପକ୍ଷ ପ୍ରତିପଦା ବୁଧବାର, ନଭେମ୍ବର ୧୩ ତାରିଖ, ରାଶି/ନକ୍ଷତ୍ର- କୃତ୍ତିକା/ବୃଷ, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୭ମି. ଗତେ ଘ୮।୧୧ମି. ମଧ୍ୟେ, ଘ୧୦।୨୫ମି. ଗତେ ଘ୧୨।୩୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୪୩ମି. ଗତେ ଘ୭।୨୭ମି. ମଧ୍ୟେ, ଘ୧।୨୨ମି. ଗତେ ଘ୩।୩୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୧।୩୧ମି. ଗତେ ଘ୧୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## BRIDE WANTED

Deserving Khandayat groom B.Tech + M.Tech (IIT) working as a Manager. (Caste-no-bar). Contact: 9861022750. D-68165

SC (Pana) boy 1984/ B.Tech, Nationalised Bank Manager "VAISHNABI" 9238578590. D-68509

Age- 38, work in Private sector OBC caste, Rasi 7/3- 8144732934. D-15197

Brahmin Divorced 38/5'8", Bhubaneswar, searching Bride, (Odisha), 8338083380, 8480611745. D-68176

Son Age 30 B.Tech, MBA, IIT Khargpur working in Mumbai Consultant Pwc India, Caste Brahmin, 7008986003. D-15201

Son Age 32 MBBS, SCB, MD in SCB Medical College, working in AIIMS BBSR, 7008986005. D-15203

ସବୁ ଜାତିର ବରପାତ୍ର ପାଇଁ ଘରୋଇ କିମ୍ବା ଚାକିରିଆ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68214

ଭଦ୍ରକର ଜଣେ ବଣିଆ MBA-M.Com Accounts & Finance ଦିଲ୍ଲୀରେ ଚାକିରି କରୁଥିବା ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ଉପଯୁକ୍ତ ପାତ୍ରୀ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। Bharat Matrimony ID- Y1102051 Contact: 9780008808, 9338612003. D-15156

Match required for Brahmin Boy 33/ 5'10"/ M.Com+ICWAI/ BBSR/ Rasi- 24/11. Mob: 7008672773. D-67506

Now Matrimonial ads. only on Wednesday & Sunday Book 1 Get 1 FREE

## GROOM WANTED

Beautiful Patara girl 1991, B-Tech, Software Engineer MNC Bangalore, 9090605880. D-15195

Girl Age 29, MSC OUAT BBSR Working in Deputy Manager Govt Bank Caste-no-bar, 8144589551. D-15202

Bhubaneswarରେ ଚାକିରି କରୁଥିବା Age 34 ଅବିବାହିତା ତେଲି ଝିଅଙ୍କ ପାଇଁ Any caste ଘରଜ୍ୱାଇଁ ଦରକାର। 7381366103. D-67917

ବ୍ରାହ୍ମଣ, କରଣ, ଖଣ୍ଡାୟତ, ତେଲି Bengali ଜାତିର ବରପାତ୍ର ଆବଶ୍ୟକ। "AKANKSHYAGROUP" 7978736177. D-68213

Wanted suitable service groom age within 40-43 for beautiful Karan girl MA, 5'3", family staying Bhubaneswar. (Caste-no-bar) 8249969649. D-15136




## SALE

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




## SALE

6000 sqft. CDA land at Mahanadivihar, Cuttack, Mobile- 9437177313, 8917242678. D-15157

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

213 Decimal Gharabari Sthitiban plot, yellow zone on 60sqft road for sale. Contact: 9338342502 (No Brokers). D-68167

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

3 Acres bagayat farm @ Dadhimachagadia (boundary wall, Borewells, Out house, Electricity) & 2 Acres at Sakhigopal for sale, Call: 9338342502. D-68168

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

3BHK flat, Unit-9, Road No.-8, Bhubaneswar for sale. 8658599408. D-68306

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68169

**ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ- 9861082584.** D-68417

**ଭୁବନେଶ୍ୱର ପିତାପଲ୍ଲି Biswas +2 Science College backsideରେ Yellowzone ପ୍ଲଟ୍ ମିଳୁଅଛି। 8594954102.** D-68419

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସ୍‌ପିଟାଲଠାରେ ବିକ୍ରିହେବ। 9937816565, 9937568585. D-68170

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423




3store building for rent cum sale 1/2/3BHK available for family, bachelor Dhauli, Bhubaneswar. 9337730923. D-15091




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies/ gents smart experts therapist: 8480939300. D-66994

Refresh your mind and soul with best therapy at Orchid Salon/Spa. 9937287222. D-66998

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage ladies & gents smart therapist, 9668814589. D-68702

Kajal Ayurvedic massage club fully relaxed by smart lady, home service available- 9937637219. D-67000

## LOST

I Mrs. Gitarani Swain, W/o Late Bikram Keshari Swain Address- G/E- 17, VSS Nagar, Bhubaneswar, has lost my sale deed bearing ID No- 739/ 1979 Sabak Khata No- 679, plot no- 448, Area AC 0.08 Decimal, out of AC- 188 decimal, another Sabak Khata No- 676, Plot No- 449, Area ac 0.02 decimal out of 0.22 decimal. Hence, I will not be responsible for any misuse of my document. D-15204

## AFFIDAVIT

ଏତଦ୍ୱାରା ମୁଁ ସ୍ମୃତି ରଞ୍ଜନା ପାଳ, ପି: ରବି ଚନ୍ଦ୍ର ପାଳ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼, ପ୍ୟାନ୍‌କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Smruti Ranjana Pal ଭାବେ ପରିଗଣିତ ହେବି। D- 15199

ଏତଦ୍ୱାରା ମୁଁ ଧ୍ରୀତୀ ରଞ୍ଜନା ପାଳ, ପି: ରବି ଚନ୍ଦ୍ର ପାଳ, ସା/ପୋ/ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ ସତ୍ୟପାଠ ମାଧ୍ୟମରେ ଘୋଷଣା କରୁଛି ଯେ, ମୋର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ରରେ Palo ଅଛି, କିନ୍ତୁ ତାହା ବାସ୍ତବରେ Pal ଅଟେ। ମୋର ଭୋଟ ପରିଚୟ ପତ୍ର, ଆଧାରକାର୍ଡ଼ ଓ ପ୍ୟାନ୍‌କାର୍ଡ଼ରେ Pal ଅଛି। ଏଣୁ ମୁଁ ସମସ୍ତ ସରକାରୀ ଓ ବେସରକାରୀ କାଗଜ ପତ୍ରରେ Dhriti Ranjana Pal ଭାବେ ପରିଗଣିତ ହେବି। D-15200

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# ■ ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ

# 'ଇଣ୍ଡୋନେସିଆ କ୍ୟାଲେଣ୍ଡରରେ ରହିବ ବାଲିଯାତ୍ରା'

**କଟକ ଅଫିସ, ୧୨।୧୧**

ଓଡ଼ିଶା ହେଉଛି ଇଣ୍ଡୋନେସିଆବାସୀଙ୍କ ଦ୍ୱିତୀୟ ଘର। ଓଡ଼ିଶା ସହିତ ଆମର ସମ୍ପର୍କ ଅତି ନିବିଡ଼। ବାଣିଜ୍ୟିକ, ଆଧ୍ୟାତ୍ମିକ କ୍ଷେତ୍ରରେ ଓଡ଼ିଶା ସହିତ ଇଣ୍ଡୋନେସିଆର ଅନେକ ସାମଞ୍ଜସ୍ୟ ରହିଛି। ଇଣ୍ଡୋନେସିଆ କ୍ୟାଲେଣ୍ଡରରେ ସ୍ଥାନ ପାଇବ କଟକ ବାଲିଯାତ୍ରା। ଇଣ୍ଡୋନେସିଆର ବିଭିନ୍ନ ପର୍ବପର୍ବାଣି ସହିତ ବାଲିଯାତ୍ରାକୁ ଯୋଗ କରାଯିବ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନକୁ ବାଲିଯାତ୍ରା ଭାବେ ଉଲ୍ଲେଖ କରାଯିବ ବୋଲି ଘୋଷଣା କରିଛନ୍ତି ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସିଦ୍ଧାର୍ଥୋ ରେଜା ସୂର୍ଯ୍ୟୋଦିପୁରୋ। ମଙ୍ଗଳବାର ସନ୍ଧ୍ୟାରେ ଐତିହାସିକ କଟକ ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଦ୍ଧାର୍ଥୋ ଯୋଗଦେଇ ଓଡ଼ିଶା–ଇଣ୍ଡୋନେସିଆ ସମ୍ପର୍କକୁ ବର୍ଣ୍ଣନା କରିବା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କରିଥିଲେ। ବିଜୁ ପଟ୍ଟନାୟକଙ୍କୁ ସେ ହିରୋ ଅଫ ଇଣ୍ଡୋନେସିଆ କହିବା ସହିତ ୧୯୯୫ରେ ଇଣ୍ଡୋନେସିଆ ପକ୍ଷରୁ ବିଜୁଙ୍କୁ ମିଳିଥିବା ଭୂମିପୁତ୍ର ଉପାଧି କଥାକୁ ସେ ମନେପକାଇଥିଲେ। ତେଣୁ ଭବିଷ୍ୟତକୁ ଆଖିଆଗରେ ରଖି ଭାରତ, ଓଡ଼ିଶା ଓ ଇଣ୍ଡୋନେସିଆ ମଧ୍ୟରେ ନୌବାଣିଜ୍ୟ ସମ୍ପର୍କକୁ ମଜଭୁତ କରିବା ପାଇଁ ସେ ବିଭିନ୍ନ ପ୍ରସ୍ତାବ ରଖିଥିଲେ।

ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ଜଗତୀକରଣର ପ୍ରଭାବ ଯୋଗୁ ବ୍ୟବସାୟିକ କ୍ଷେତ୍ରରେ ଦେଖାଦେଇଥିବା ପରିବର୍ତ୍ତନ ସମ୍ପର୍କରେ ସେ ଭାଷଣ ଦେଇଥିଲେ। ଆମେ ସାଧବ ପୁଅଙ୍କୁ ମନେପକାଉଛେ, କିନ୍ତୁ ବର୍ତ୍ତମାନର ଯୁବକ ବ୍ୟବସାୟ ପାଇଁ ମନବଳାଉ ନ ଥିବା ବାଚସ୍ପତି କହିଥିଲେ। ସେହିପରି ମନ୍ତ୍ରୀ ପ୍ରତାପ ଜେନା କହିଥିଲେ, ଚଳିତବର୍ଷ


ବାଲିଯାତ୍ରାର ପ୍ରଥମ ଦିନରେ ଗହଳି।

ରାଜ୍ୟ ସରକାର ବାଲିଯାତ୍ରାକୁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରିଛନ୍ତି। ଯାହା ପ୍ରଥମ ଥର। ବାଲିଯାତ୍ରା ଏବେ ରାଜ୍ୟସ୍ତରୀୟ ମାନ୍ୟତା ପାଇଛି। ଏହାକୁ ରାଷ୍ଟ୍ରୀୟ ସ୍ତରରେ ଏକ ଜାତୀୟ ମେଳାର ମାନ୍ୟତା ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ବାଲିଯାତ୍ରାକୁ ନୂଆ ରୂପରେଖ ଦେବା ପାଇଁ ମଧ୍ୟ ସରକାରୀ ସ୍ତରରେ ଯୋଜନା କରାଯାଉଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଦେଶର ଅର୍ଥନୀତିରେ ଏବେ ଲଘୁଚାପ ସୃଷ୍ଟି ହୋଇଛି। ରୋଜଗାର ପନ୍ଥା ମରିଯାଉଛି। ଏଭଳି ଲଘୁଚାପରୁ ବର୍ତ୍ତିବା ପାଇଁ ମେଳା ମହୋତ୍ସବ ଏକ ପ୍ରମୁଖ ମାଧ୍ୟମ। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ପାରାଦୀପ ବନ୍ଦର ପ୍ରସଙ୍ଗକୁ ଉଦ୍ଧାର କରି ନୌବାଣିଜ୍ୟ ପରମ୍ପରା ଉପରେ କହିଥିଲେ। ଅତୀତରେ ପାରାଦୀପ ବନ୍ଦରକୁ ନେଇ ଅନେକ ଷଡଯନ୍ତ୍ର ହୋଇଥିବା ମହତାବ କହିଥିଲେ। ମାତ୍ର ପାରାଦୀପ ଆଜି ଦେଶର ଦ୍ୱିତୀୟ ବନ୍ଦରର ମାନ୍ୟତା ପାଇଛି। ଭାଇଜାଗ୍ ପରେ ପାରାଦୀପର ନାଁ ଉଠୁଛି। ମହତାବ କହିଥିଲେ, କଳିଙ୍ଗର ନୌବାଣିଜ୍ୟ ଯେବେଠାରୁ ଆରମ୍ଭ ହୋଇଛି ସେବେଠୁ ବାଲିଯାତ୍ରା ଚାଲିଛି। ମୁଖ୍ୟତଃ ଦେଶର ପୂର୍ବ ଉପକୂଳରେ ନୌବାଣିଜ୍ୟ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଓ ପରିବେଶ ଉପଲବ୍ଧ ଅଛି। ପଡୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ଓଡ଼ିଶା ବନ୍ଦର ଉପରେ ନିର୍ଭର କରି ବାଣିଜ୍ୟ କରିବେ। ଏଭଳି ସ୍ଥିତିରେ ବାଣିଜ୍ୟିକ କାରବାର ପାଇଁ ଇଣ୍ଡୋନେସିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବାଲିଯାତ୍ରାକୁ ଆନ୍ତର୍ଜାତୀୟ ବିପଣୀ ମେଳା କରିବା ପାଇଁ ଏକ ଏମ୍‌ଓୟୁ ହେବା ଆବଶ୍ୟକ ବୋଲି ଏମ୍‌ପି କହିଥିଲେ।

ଉତ୍ସବରେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ଚନ୍ଦ୍ରସାରଥି ବେହେରା, ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପ୍ରଶାନ୍ତ ବେହେରାଙ୍କ ସମେତ ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ଓ

■ ଜୋର ଧରିଲା ଜାତୀୟ ମାନ୍ୟତା ପ୍ରସଙ୍ଗ

■ ଏ ବର୍ଷ ୧୦ ଦିନ ଚାଲିବ ଯାତ୍ରା

କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବାଲି ସରକାରଙ୍କ ସଂସ୍କୃତି ବିଭାଗ ମୁଖ୍ୟ ମୁଦାନା ବାଲି ସହିତ ଓଡ଼ିଶାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଧନ୍ୟବାଦ ଦେଇଥିଲେ। ତେବେ ବିଧାୟକ ମୋକିମଙ୍କ ଅନୁରୋଧକ୍ରମେ ମୁଖ୍ୟ ଅତିଥି ପାତ୍ର ବାଲିଯାତ୍ରାକୁ ୮ ଦିନ ପରିବର୍ତ୍ତେ ୧୦ ଦିନ କରିବାକୁ ଘୋଷଣା କରିଥିଲେ। ମଞ୍ଚରେ ଉପସ୍ଥିତ ସମସ୍ତ ବକ୍ତା ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ଉପରେ ଗୁରୁତ୍ୱ ଦେଇଥିଲେ।

# ରତ୍ନସିଂହାସନରେ ମହାପ୍ରଭୁଙ୍କ ସୁନାବେଶ

## ■ ଦର୍ଶନ କଲେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ପୁରୀ ଅଫିସ, ୧୨।୧୧**

ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ମଙ୍ଗଳବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହୋଇଛି। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିଛନ୍ତି। ଅବକାଶ ନୀତି ପରେ ଦାରୁଦିଅଁଙ୍କ ସୁନାବେଶ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟ ବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୁଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘ ନଖି ମାଳି, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ,



ତିଳକ (ଚିତା), ଘାଘଡ଼ା ମାଳି, କୁଣ୍ଡଳ ଓ ତଡ଼ଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ୫ଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହିପରି ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥାଆନ୍ତି।

# ଆଜି ସନ୍ଧ୍ୟା ସୁଦ୍ଧା ସମସ୍ତଙ୍କୁ ବିଦ୍ୟୁତ୍ ସେବା ଲକ୍ଷ୍ୟ

**ବୁଲ୍‌ବୁଲ୍ ପରବର୍ତ୍ତୀ ପୁନରୁଦ୍ଧାର**

**ଭୁବନେଶ୍ୱର, ୧୨।୧୧ (ବ୍ୟୁରୋ)**

ବାତ୍ୟା ବୁଲ୍‌ବୁଲ୍ ଦ୍ୱାରା ପ୍ରାୟ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ପ୍ରଭାବିତ ହୋଇଥିଲେ। ବାତ୍ୟା କମିବାର ଦିନକ ମଧ୍ୟରେ ପ୍ରାୟ ୧୫ ଲକ୍ଷ ଉପଭୋକ୍ତାଙ୍କୁ ପୂର୍ବବତ ସୁବିଧା ଯୋଗାଇ ଦିଆଯାଇଥିଲା। ବଳକା ୧ ଲକ୍ଷଙ୍କ ମଧ୍ୟରୁ ୮୦,୦୦୦ଙ୍କୁ ମଙ୍ଗଳବାର ସୁଦ୍ଧା ବିଦ୍ୟୁତ୍ ସୁବିଧା ଯୋଗାଇ ଦିଆଯାଇଛି। ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲାର ଉପଭୋକ୍ତାମାନେ ହିଁ ବୁଲ୍‌ବୁଲ୍ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଉପରୋକ୍ତ ସ୍ଥାନରେ ସେବା ଯୋଗାଉଥିବା ସେସୁ ଏବଂ ନେସ୍କୋ ଅଧିକାରୀମାନଙ୍କ ସହଯୋଗ କାରଣରୁ ପୁନରୁଦ୍ଧାର କାର୍ଯ୍ୟ ଦ୍ରୁତ ଗତିରେ ହୋଇପାରିଥିବା କୁହାଯାଇଛି। ବୁଲ୍‌ବୁଲ୍ ପରେ ପ୍ରାୟ ୨୦,୦୦୦ ଉପଭୋକ୍ତା ବିଦ୍ୟୁତ୍ ଶକ୍ତିରୁ ବଞ୍ଚିତ ହୋଇଥିଲେ। ହେଲେ ବୁଧବାର ସନ୍ଧ୍ୟା ସୁଦ୍ଧା ଏହି ଉପଭୋକ୍ତାଙ୍କୁ ପୂର୍ବପରି ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଆଶା କରାଯାଉଛି। ଏମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ଉପଭୋକ୍ତା ରହିଛନ୍ତି।



## ଜିଲା ଟିଠି

## କଟକ

# ଘରଭଙ୍ଗା

**କେ**ଉଁ ବେଳାରେ ଫନୀ ବାତ୍ୟା କଟକ ଆସିଥିଲା କେଜାଣି, କେବଳ ଘର ଭାଙ୍ଗିଲାନି ବରଂ ଅନେକ ଘରଭଙ୍ଗାଙ୍କୁ ସୃଷ୍ଟି କରିଦେଇଗଲା। ଫଳରେ ଏବେ ଯାଏ ଘରଭଙ୍ଗା ଓ ଭଙ୍ଗାଳିଙ୍କୁ ନେଇ ଜିଲାରେ ଅଧିକ ଜୋରରେ ତୁମ୍ଭିତୋଫାନ ଚାଲିଛି। ଫନୀ ଘରଭଙ୍ଗା ସହାୟତାକୁ ନେଇ ଦୈନିକ ଜିଲାର ବିଭିନ୍ନ ବ୍ଲକରୁ ଗଦାଗଦା ଅଭିଯୋଗ ଜିଲାପାଳଙ୍କ ନିକଟକୁ ଆସୁଛି। କେଉଁଠି କୋଠାଘର ବାଲାଙ୍କୁ ଫନୀ ସହାୟତା ମିଳିଛି ତ କେଉଁଠି ସ୍ୱାମୀଠାରୁ ସ୍ତ୍ରୀଙ୍କୁ ଅଲଗା କରି ସହାୟତା ଦିଆଯାଇଛି। ସେହିପରି କେଉଁଠି ବାପଠାରୁ ପୁଅକୁ ଓ ଆଉ କେଉଁଠି ଭାଇଠାରୁ ଭାଇକୁ ଅଲଗା କରାଯାଇଛି। ଫନୀ କୁଆଡେ ଏମାନଙ୍କ ଘର ଭାଙ୍ଗି ନ ଥିବାବେଳେ ସରକାରୀ କର୍ମଚାରୀ ଏମାନଙ୍କ ଘରକୁ ଦୁଇଭାଗ କରିଦେଇଛନ୍ତି। ତେଣୁ ଫନୀଠାରୁ ଏମାନେ ଅଧିକ ଭୟଙ୍କର ବୋଲି ଜିଲାବ୍ୟାପୀ ଆଲୋଚନା ହେଉଛି। ମୁଖ୍ୟତଃ ଏଭଳି ଘର ଭାଙ୍ଗିବା କାର୍ଯ୍ୟରେ ଜିଲାରେ କାର୍ଯ୍ୟରତ କେତେଜଣ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଭୂମିକା ସର୍ବାଗ୍ରେ ରହିଛି। ଫନୀ ପରେ କିଭଳି ସର୍ଭେ କରିଥିଲେ କେଜାଣି ସେମାନେ ସୁପାରିସ କରିଥିବା ସହାୟତାକୁ ନେଇ ଏବେ ଜିଲାରେ ବଡ଼ ଅଡୁଆ ପରିସ୍ଥିତି ଉପୁଜିଛି। ଜିଲାର ଯେକୌଣସି ଗ୍ରାମାଞ୍ଚଳକୁ ଯିବା ମାତ୍ରେ ସବୁଠି ଫନୀ ଘରଭଙ୍ଗା ଓ ଘର ଭଙ୍ଗାଳିଙ୍କୁ ନେଇ ଆଲୋଚନା ପର୍ଯ୍ୟାଲୋଚନା। ସବୁଠୁ ମଜାଦାର କଥା ହେଉଛି ଘରଭଙ୍ଗା ସୁପାରିସ କରିଦେଇ ଅଧିକାଂଶ ଆର୍‌ଆଇ ଅନ୍ୟ ସର୍କଲକୁ ବଦଳି ହୋଇଛନ୍ତି। ଫଳରେ ପ୍ରକୃତରେ ଫନୀ କ୍ଷତିଗ୍ରସ୍ତମାନେ ସେମାନଙ୍କ ନାଁ ତାଲିକାରେ ନ ଥିବା ଜାଣି ଆର୍‌ଆଇ ଅଫିସକୁ ଗଲାବେଳକୁ ନୂଆ ବାବୁ ବାହାରି ଆସୁଛନ୍ତି। ସେ ସମୟରେ ମୁଁ ନ ଥିଲି। ଯେଉଁବାବୁ ତୁମ ସର୍ଭେ କରିଥିଲେ ସେ ଏଠୁ ବଦଳି ହୋଇ ପଳାଇଲେଣି ବୋଲି ଉତ୍ତର ମିଳୁଛି। ଆର୍‌ଆଇ ଅଫିସରୁ ନିରାଶ ହୋଇ ଫେରୁଥିବା ଲୋକେ ଏଥିପାଇଁ ସିଧାସଳଖ ସ୍ଥାନୀୟ ନେତା (ସରପଞ୍ଚ, ସମିତି ସଭ୍ୟ)ଙ୍କୁ ଦାୟୀ କରିବା ସହିତ ଆବଶ୍ୟକ ପଡ଼ିଲେ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଗାଳିଦେବାକୁ ପଛାଉନାହାନ୍ତି। ଗୋଟିଏପଟେ ଜିଲାରେ ଆବାସ ଯୋଜନାକୁ ନେଇ ଜୋରଦାର ଖୋଳତାଡ଼ ଚାଲିଛି। ଅନେକ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଫାଇଦା ହାତେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଆବାସ ଦୁର୍ନୀତି ଖୋଳତାଡ଼ରୁ ନେତାମାନଙ୍କ ସମ୍ପୃକ୍ତି ବାହାରି ସାରିଲାଣି। ବଡ଼ମ୍ବା ଓ ମାହାଙ୍ଗାରେ କେତେଜଣ ନେତାଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଏତଲା ଦିଆଯିବା ପରେ ମାମଲା ରୁଜୁ ହୋଇଛି। ଏବେ ସେଥିରେ ଫନୀ ଘରଭଙ୍ଗା ଓ ଭଙ୍ଗାଳିଙ୍କୁ ନେଇ ଆଉ ଏକ ବିବାଦ ଉପୁଜିଛି, ଯାହା ପ୍ରଶାସନ ସମେତ ନେତାଙ୍କୁ ମଧ୍ୟ ଅଡୁଆରେ ପକାଇଛି। ଫନୀ ସହାୟତା ପାଇଥିବା ଲୋକଙ୍କ ବାବଦରେ ଯଦି ପ୍ରଶାସନ ଆଉ ଏକ ସର୍ଭେ କରେ ତେବେ ଘର ଭଙ୍ଗାଳି ଏହି ହିତାଧିକାରୀମାନଙ୍କଠାରୁ କେତେ ପରିମାଣର ସହାୟତା ନେବା ପରେ ସେମାନଙ୍କୁ ସହାୟତା ଯୋଗାଇଛନ୍ତି ତାହା ଧରାପଡ଼ିଯିବ ବୋଲି ଆଲୋଚନା ହେଉଛି।

– ନିର୍ମଳ ପଣ୍ଡା

# ଆଜି ବନକଲାଗି: ୪ଘଣ୍ଟା ଦର୍ଶନ ବନ୍ଦ

**ପୁରୀ ଅଫିସ, ୧୨।୧୧:** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।

# ଭିନ୍ନ ଢଙ୍ଗରେ ପିତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ଜାହ୍ନବୀ

**ମୁମ୍ବାଇ:** ବଲିଉଡ୍ ନିର୍ଦ୍ଦେଶକ ବୋନି କପୁର ୬୪ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ଜନ୍ମଦିନ ଖୁସିକୁ ଦ୍ୱିଗୁଣିତ କରିଛନ୍ତି ବଲିଉଡ୍ ନାୟିକା ତଥା ବୋନିଙ୍କ ଝିଅ ଜାହ୍ନବୀ କପୁର। ଭିନ୍ନ ଢଙ୍ଗରେ ସେ ପିତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଜାହ୍ନବୀ କହିଛନ୍ତି ସେ ସବୁବେଳେ ଏନର୍ଜି ତାଙ୍କ ପିତା ବୋନିଙ୍କଠାରୁ ହିଁ ପାଇଥାଆନ୍ତି। ଏହା ବ୍ୟତୀତ ସେ ଜଣେ 'ବେଷ୍ଟ ମ୍ୟାନ'ବୋଲି ମଧ୍ୟ ଜାହ୍ନବୀ ଉଲ୍ଲେଖ କରିଛନ୍ତି। ଇନଷ୍ଟାଗ୍ରାମରେ ସେ ବୋନିଙ୍କର କିଛି ପୁରୁଣା ଫଟୋ ଶେୟାର କରି ପିତାଙ୍କୁ ୱିସ୍ କରିଛନ୍ତି। ଜାହ୍ନବୀଙ୍କ ହୃଦୟସ୍ପର୍ଶୀ ପୋଷ୍ଟ ସାଙ୍ଗକୁ ଯେତେବେଳେ ବୋନି ପ୍ରଥମେ ଚାଲିବା ଆରମ୍ଭ କରିଥିଲେ ସେମିତି ଏକ ଫଟୋ ସେ ଶେୟାର କରିଛନ୍ତି। ଦୁନିଆର ସବୁ ଖୁସି ତାଙ୍କୁ ମିଳୁ ବୋଲି ଝିଅ ଜାହ୍ନବୀ କାମନା କରିଛନ୍ତି। ଆଗକୁ ଯାଇ ଜଣେ ଅଭିନେତ୍ରୀ ଭାବେ ସେ ତାଙ୍କ ପିତାଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେବେ ବୋଲି ମଧ୍ୟ ଲେଖିଛନ୍ତି।





> ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଭର୍ତ୍ତୃତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ। –ଶ୍ରୀଅରବିନ୍ଦ



# କାଗଜ ଓ କଦଳୀ ପଟୁଆ

ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଐତିହ୍ୟ ବହନ କରୁଛି ବାଲିଯାତ୍ରା। କାର୍ତ୍ତିକ ପୂର୍ଣ୍ଣମୀରେ ନଦୀ ଓ ପୁଷ୍କରିଣୀରେ ଡଙ୍ଗା ଭସାଇ ଅତୀତର ସ୍ମୃତିକୁ ମନେପକାଯାଉଛି। ପୂର୍ବରୁ ଥର୍ମୋକୁଲ ନିର୍ମିତ ଡଙ୍ଗା ବହୁଳ ଭାବେ ଭସାଯାଉଥିଲା। ପ୍ଲାଷ୍ଟିକ୍ ଓ ଥର୍ମୋକୁଲ ବ୍ୟବହାର ଉପରେ ରୋକ ଲଗାଯାଇଥିବାରୁ କାଗଜ ନିର୍ମିତ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ଏଥର ବହୁ ପରିମାଣରେ ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, କାଗଜ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ମାଟିରେ ମିଶିଯାଇଥାଏ । ତେଣୁ ଏହାର ବିକ୍ରି ବୃଦ୍ଧି ପାଇବା ପରିବେଶ ସୁରକ୍ଷା ଦିଗରେ ନିଶ୍ଚିତ ଭାବେ ଏକ ସକାରାତ୍ମକ ସନ୍ଦେଶ ଦେଉଛି। ଏହା ସ୍ୱାଗତଯୋଗ୍ୟ ଯେ, ସାଧାରଣ ନାଗରିକ ସ୍ୱଇଚ୍ଛାରେ ପରିବର୍ତ୍ତନ ଆଣିବାକୁ ଚିନ୍ତା କଲେଣି। ଏଥିରୁ ପ୍ରମାଣ ମିଳୁଛି, ସଚେତନତା ହେଉଛି ପରିବର୍ତ୍ତନର ଏକମାତ୍ର ସଫଳ ଉପାୟ।

ଆଜି ବିଭିନ୍ନ ପ୍ରକାରର ପ୍ରଦୂଷଣ ଯୋଗୁ ଲୋକେ ଘୋର ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀରେ ବାୟୁର ମାନ ଅତ୍ୟନ୍ତ ଖରାପ ସ୍ଥିତିକୁ ଚାଲିଆସି ଜନଜୀବନକୁ କିଭଳି ପ୍ରଭାବିତ କରିଦେଇଛି ତାହା ସମସ୍ତେ ଜାଣିଛନ୍ତି। ଦେଶର ପ୍ରାୟ ସବୁ ନଦୀ ଏବେ ପ୍ରଦୂଷିତ। କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ଭୂପୃଷ୍ଠରେ ବ୍ୟାପକ ଭାବେ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ସହିତ ଚାଷଜମିରେ ବ୍ୟବହୃତ ରାସାୟନିକ ଦ୍ରବ୍ୟ ସମୁଦ୍ର, ନଦୀ ଏବଂ ଭୂତଳ ଜଳକୁ ଦୂଷିତ କରିଦେଉଛି। ଫଳରେ ଜଳଚର ଜୀବଙ୍କ ପ୍ରତି ଏହି ପଦାର୍ଥ ବିପଦ ଭାବେ ଉଭା ହୋଇଛି। ବୈଜ୍ଞାନିକଙ୍କ ମତରେ ପଲିଥିନ୍ ବା ପ୍ଲାଷ୍ଟିକ୍ ମାଟିରେ ନ ମିଶି ୫୦୦ ବର୍ଷ ଯାଏ ପୃଥିବୀପୃଷ୍ଠରେ ପଡ଼ି ରହିଥାଏ। ସ୍ଥିତି ଏଭଳି ଉପୁଜିଛି ଯେ ଗୋରୁ ଓ ତିମି ଭଳି ପ୍ରାଣୀ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଭାରତରେ ପ୍ଲାଷ୍ଟିକ୍‌କୁ ଉପଯୁକ୍ତ ରିସାଇକ୍ଲିଂ ବା ପୁନଃ ବ୍ୟବହାର ଉପଯୋଗୀ କରାଯାଇପାରୁ ନ ଥିବାରୁ ତାହା ଚିନ୍ତାର କାରଣ ପାଲଟିଛି। ଏହାର ବ୍ୟବହାର ଉପରେ ସରକାରୀ ସ୍ତରରେ ନିଷେଧାଜ୍ଞା ଜାରି କରାଯାଇଥିବାରୁ ଲୋକେ ସଚେତନ ହେବା ଆରମ୍ଭ କଲେଣି। କେତେକେ ଭୟରେ ପଲିଥିନ୍ ଧରୁନାହାନ୍ତି। ଜରିମାନା ଡରରେ ପ୍ଲାଷ୍ଟିକ୍ ବର୍ଜନ କରୁଥିବା ବ୍ୟକ୍ତି ଲୁଚାଛପାରେ ସୁଯୋଗ ପାଇଲେ ତାହାର ଉପଯୋଗ କରିପାରେ। ସବୁଠାରୁ ବଡ଼ କଥା ହେଲା, ଲୋକେ ଏବେ କେତେକାଂଶରେ ଏହାର ଭୟଙ୍କର ରୂପକୁ ଅନୁଭବ କରି ସଚେତନ ହେବାକୁ ଆରମ୍ଭ କଲେଣି। କଟକଣା, ଜରିମାନା ଓ ଭୟ ସାମାଜିକ ପରିବର୍ତ୍ତନ ଆଣିପାରେ। ତାହାଠାରୁ କାହିଁ କେତେ ଗୁଣରେ ବିବେକାନୁମୋଦିତ ପଦକ୍ଷେପ ଫରକ ଦେଖାଇଥାଏ। ଓଡ଼ିଶାର ଐତିହାସିକ କଟକ ବାଲିଯାତ୍ରା ୧୨ ନଭେମ୍ବରରୁ ଆରମ୍ଭ ହୋଇଯାଇଛି। ଏଥିସହିତ ରାଜ୍ୟର ପୁରପଲ୍ଲୀରେ ଥିବା ନଦୀ ଓ ପୋଖରୀରେ ଲୋକେ ଡଙ୍ଗା ଭସାଇ ପରମ୍ପରାକୁ ବଜାୟ ରଖିଛନ୍ତି। ତେବେ ବିଗତ ବର୍ଷ ଅପେକ୍ଷା ଏଥର ଲୋକେ ଅଧିକ ପରିମାଣରେ କାଗଜ ଓ କଦଳୀ ପଟୁଆରେ ତିଆରି ଡଙ୍ଗା ଭସାଇଥିବାରୁ ସେମାନଙ୍କ ମଧ୍ୟରେ ପରିବେଶ ସଚେତନତା ବଢ଼ିଛି ବୋଲି କୁହାଯାଇପାରେ। ଆଗରୁ ଡଙ୍ଗାରେ ଥର୍ମୋକୁଲ ଯେଭଳି ପର୍ଯ୍ୟାପ୍ତ ଭାବରେ ବ୍ୟବହାର କରାଯାଉଥିଲା, ତାହାର ପରିମାଣ ହ୍ରାସ ପାଇବା ନଦୀ ଜଳ ପାଇଁ ଶୁଭଙ୍କର। ଅନୁରୂପ ଭାବେ ଗଣେଶ, ଦୁର୍ଗା, କାଳୀ ମୂର୍ତ୍ତିରେ ବିଷାକ୍ତ ରଙ୍ଗ ଓ ରାସାୟନିକ ପଦାର୍ଥ ବ୍ୟବହାର କରାଯାଉଛି। ତାହାକୁ ବେଖାତିର ମନୋଭାବ ପୋଷଣ କରି ନଦୀ, ପୋଖରୀ ଏବଂ ଅନ୍ୟ ଜଳାଶୟରେ ବିସର୍ଜନ କରାଯାଉଥିଲା। ସେଗୁଡ଼ିକ ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି ହେଲାଣି। କୃତ୍ରିମ ପୋଖରୀ କରାଯାଇ ମୂର୍ତ୍ତିଗୁଡ଼ିକୁ ବିସର୍ଜନ କରିବାର ପ୍ରୟାସ ଆରମ୍ଭ ହେଲାଣି। ତାହା ସମ୍ପୂର୍ଣ୍ଣ ସମାଧାନ ନୁହେଁ। ମୂର୍ତ୍ତିର ଆକାର କ୍ଷୁଦ୍ର କରିବା ସହ ସେଥିରେ ଯଦି କୌଣସି ବିଷାକ୍ତ ପଦାର୍ଥ ବ୍ୟବହାର କରା ନ ଯାଆନ୍ତା, ତାହା ଅଧିକ ଗ୍ରହଣୀୟ ହୋଇପାରନ୍ତା। ଏମିତି ଦେଖିଲେ ରାଜ୍ୟର ଅନେକ ଅଞ୍ଚଳରେ ବିଶୁଦ୍ଧ ପାନୀୟଜଳ ମିଳୁନାହିଁ। ଏହି ପରିପ୍ରେକ୍ଷୀରେ ପ୍ଲାଷ୍ଟିକ୍ ବର୍ଜନ ପ୍ରତି ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିନ୍ତା ଜନ୍ମିବା ଉତ୍ସାହପ୍ରଦ।

ସରକାର ଚାପ ପ୍ରୟୋଗ କରି କୌଣସି ବିଷୟରେ ପରିବର୍ତ୍ତନ ଆଣିପାରନ୍ତି। ମାତ୍ର ନାଗରିକ ନିଜେ ସାମାଜିକ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କଲେ, ତାହାର ପ୍ରଭାବ ସୁଦୂରପ୍ରସାରୀ ହୋଇଥାଏ। ଏଠାରେ ଆମେରିକା ସମେତ ଅନେକ ପାଶ୍ଚାତ୍ୟ ରାଷ୍ଟ୍ରର ଉଦାହରଣ ଦିଆଯାଇପାରେ। ସେଠାରେ ସରକାର ସହ ସାଧାରଣ ନାଗରିକର ସେଭଳି ନେଣଦେଣ ନ ଥାଏ। ଆଇନଶୃଙ୍ଖଳା, ନ୍ୟାୟ ଓ ବାସ୍ତବ ସରକାରୀ କାର୍ଯ୍ୟ ବ୍ୟତୀତ ନାଗରିକମାନେ ଦୈନନ୍ଦିନ ଜୀବନରେ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନ ଥାଆନ୍ତି। ସେମାନେ ନିଜେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ପାଲଟିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ, ଓଡ଼ିଶାରେ ପ୍ଲାଷ୍ଟିକ ଓ ଥର୍ମୋକୁଲ ବର୍ଜନ କରି କାର୍ତ୍ତିକ ପୂର୍ଣ୍ଣିମାରେ ଯେଉଁମାନେ କାଗଜ ଓ କଦଳୀ ପଟୁଆରେ ନିର୍ମିତ ଡଙ୍ଗା ଭସାଇଛନ୍ତି, ସେମାନଙ୍କ ଭିତରେ ନିଶ୍ଚୟ ପରିବର୍ତ୍ତନ ଆସିଲା ଭଳି ମନେହେଉଛି। ପୃଥିବୀ ଇତିହାସରେ ପ୍ରସ୍ତର ଯୁଗ, ଲୌହ ଯୁଗ ଓ କାଂସ୍ୟ ଯୁଗ ଥିଲା। ସେହିଭଳି ଭାବେ ବୈଜ୍ଞାନିକମାନେ କହୁଛନ୍ତି, ଆମର ଏହି ଯୁଗ ପ୍ଲାଷ୍ଟିକ୍ ଯୁଗ ଭାବେ ଇତିହାସରେ ଲିପିବଦ୍ଧ ହୋଇ ରହିଯିବ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ନଭେମ୍ବର ୧୯୯୪**

- ଶିକ୍ଷାନୁଷ୍ଠାନ ଓ ସରକାରୀ ଚାକିରି କ୍ଷେତ୍ରରେ ତଫସିଲଭୁକ୍ତ ଜାତି/ଉପଜାତି ଓ ଅନ୍ୟ ପଛୁଆବର୍ଗ ସକାଶେ ଶତକଡା ୫୦ ଭାଗ ସ୍ଥାନ ସଂରକ୍ଷଣ ନୀତିକୁ କର୍ନାଟକ ପାଇଁ କୋହଳ କରିବାକୁ ରାଜ୍ୟ ସରକାର ସୁପ୍ରିମକୋର୍ଟ ନିକଟରେ ଆବେଦନ କରିଛନ୍ତି।
- ସୋମାଲିଆର ଦକ୍ଷିଣାଞ୍ଚଳରେ ଭୟଙ୍କର ବନ୍ୟା ଆସିବା ଫଳରେ ୧୦୦ ଜଣଙ୍କ ପ୍ରାଣହାନି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | A | 0 | | | | | | | B | D | 3 |
| | | E | 3 | | 8 | | | 7 | | | | 6 | | |
| 1 | | 9 | | 7 | 4 | | 6 | | 5 | | | | | |
| | 8 | 0 | 5 | | | 3 | 2 | | | | B | | | A |
| | | | | | | 5 | 4 | | 2 | | | | | 7 |
| | | | | | | | | | | | | 1 | | |
| | B | | C | | 7 | | | | | | | 9 | 0 | |
| | | 5 | | E | | | 1 | | A | 4 | C | | | |
| | | | | 5 | | 7 | | | | B | D | 4 | | |
| 3 | C | | | | 1 | | 0 | | | | E | | | |
| | | | 9 | C | | | | | | | | D | | 1 |
| C | 3 | | B | | | | | 9 | 6 | | | | 2 | |
| | 5 | 8 | | | | 6 | | 4 | 9 | | | 0 | | C |
| | | | | | D | | 7 | C | | 2 | | | | |
| 7 | | 4 | 8 | | | | | A | 1 | | | | E | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | C | A | B | 4 | 0 | 2 | 6 | 3 | 7 | 9 | D | 5 | E | 8 |
| 5 | 3 | 0 | A | 8 | 2 | B | 4 | C | E | 1 | 6 | D | 7 | 9 |
| B | 8 | E | D | 7 | 9 | 1 | 5 | A | 0 | 2 | 3 | 6 | C | 4 |
| D | 9 | 2 | 5 | E | 6 | 8 | 0 | 7 | 4 | B | C | 3 | 1 | A |
| 7 | 4 | 6 | 1 | 3 | C | D | 9 | E | A | 8 | 5 | 0 | 2 | B |
| 3 | E | D | 6 | 9 | A | C | 7 | 1 | 2 | 0 | B | 8 | 4 | 5 |
| 6 | 7 | 8 | 4 | B | E | 5 | 2 | D | 3 | C | A | 9 | 0 | 1 |
| A | 5 | C | 0 | 1 | D | 3 | E | 4 | 9 | 7 | 8 | B | 6 | 2 |
| 0 | B | 1 | 2 | C | 8 | 9 | A | 6 | 5 | D | 4 | E | 3 | 7 |
| 9 | 2 | 4 | 7 | 5 | 3 | 0 | B | 8 | 1 | 6 | E | A | D | C |
| C | D | 5 | 3 | A | 7 | 6 | 1 | 0 | B | 4 | 9 | 2 | 8 | E |
| 4 | 1 | 7 | 8 | 2 | B | E | D | 9 | 6 | 5 | 0 | C | A | 3 |
| 8 | A | B | E | 6 | 5 | 4 | C | 2 | D | 3 | 1 | 7 | 9 | 0 |
| 2 | 6 | 3 | 9 | 0 | 4 | A | 8 | 5 | C | E | 7 | 1 | B | D |
| E | 0 | 9 | C | D | 1 | 7 | 3 | B | 8 | A | 2 | 4 | 5 | 6 |

ଗତକାଲିର ଉତ୍ତର

# ବିଚାରପତି ନିଯୁକ୍ତି ଓ କଲେଜିୟମ୍



ସୁରେନ୍ଦ୍ର କୁମାର ମିଶ୍ର

ବର୍ତ୍ତମାନ ବିଚାରପତି ନିଯୁକ୍ତି ପ୍ରକ୍ରିୟା ଉପରେ ଅନେକ ଆଲୋଚନା ବିଭିନ୍ନ ସ୍ତରରେ ହେଉଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏ ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବା ଓ ଉଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତି ଓ ଓକିଲ ସଂଘ ପରସ୍ପର ମୁହାଁମୁହିଁ ହେବା ପରି ଏକ ଦୁର୍ଭାଗ୍ୟଜନକ ଘଟଣା ସର୍ବସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ତେବେ ପ୍ରଶ୍ନ ଉଠୁଛି ବିଚାରପତି ଚୟନ ଓ ନିଯୁକ୍ତି ପଦ୍ଧତିରେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି କି? ଯଦି ନୁହେଁ, ତେବେ ଏହା ପଛରେ ରହିଥିବା କାରଣ କ'ଣ?

ଭାରତୀୟ ସମ୍ବିଧାନରେ ଧାରା ୧୨୪, ୨୧୭ ଓ ୨୨୨ ଅନୁଯାୟୀ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ରାଜ୍ୟରେ ଥିବା ଉଚ୍ଚ ନ୍ୟାୟାଳୟରେ ବିଚାରପତିମାନଙ୍କର ନିଯୁକ୍ତି ଓ ବଦଳି ନିମନ୍ତେ ବ୍ୟବସ୍ଥା ଅଛି। ବିଚାରପତିମାନଙ୍କ ନିଯୁକ୍ତି ଓ ବଦଳି ଆଦିର ନିଷ୍ପତ୍ତି ସଂସଦୀୟ ବ୍ୟବସ୍ଥାର ମୁଖିଆ ଓ ନ୍ୟାୟପାଳିକାର ମୁଖ୍ୟଙ୍କ ମଧ୍ୟରେ ବିଚାରବିମର୍ଶ ହେଲା ପରେ ସହମତି ଭିତ୍ତିରେ ହୋଇଥାଏ ଓ ଏହା ଉପରେ ଭାରତର ରାଷ୍ଟ୍ରପତି ସ୍ୱୀକୃତିର ମୋହର ଦେଇଥାନ୍ତି। ଆଗରୁ ଏହି ପଦ୍ଧତିକୁ ଅନୁସରଣ କରି ବିଚାରପତିଙ୍କର ଚୟନ ଓ ନିଯୁକ୍ତି ବେଶ୍ ସୁରୁଖୁରୁରେ ହେଉଥିଲା।

କିନ୍ତୁ ସ୍ୱାଧୀନ ଭାରତର ଇତିହାସରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ପରି ଏକ କଳଙ୍କମୟ ଅଧ୍ୟାୟ ତାହାର ଛାପ ନ୍ୟାୟପାଳିକା ଉପରେ ଏପରି ପକାଇଲା ଯେ ନ୍ୟାୟପାଳିକା ତାହାର ନିରପେକ୍ଷତା ରକ୍ଷା କରିବାରେ ଅସମର୍ଥ ହେଲା। ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ କାର୍ଯ୍ୟପାଳିକାର ମାତ୍ରାଧିକ ହସ୍ତକ୍ଷେପ ଦେଖାଗଲା। ଧୀରେ ଧୀରେ ନ୍ୟାୟପାଳିକା ତା'ର ଗରିମା ହରାଇବାକୁ ଲାଗିଥିବା ବେଳେ ୧୯୯୩ ମସିହାରେ ଗୋଟିଏ ମାମଲାର ବିଚାର କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟ ମାଧ୍ୟମରେ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦି ନିମନ୍ତେ ଏକ ନୂତନ ପଦ୍ଧତିର ମୂଳଦୁଆ ପକାଇଲେ। ଏହି ପଦ୍ଧତିକୁ କଲେଜିୟମ୍ କୁହାଗଲା, ଯାହା ଅନୁସାରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ତାଙ୍କର ଦୁଇ ବରିଷ୍ଠ ସହଯୋଗୀ ବିଚାରପତିଙ୍କୁ ନେଇ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦି କରାଯିବା ପାଇଁ ନିଷ୍ପତ୍ତି ହେଲା ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ନାମକୁମାତ୍ର ଲୋଡ଼ାଗଲା। ୧୯୯୮ରେ ତତ୍କାଳୀନ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍ ଏହି କଲେଜିୟମ୍ ବ୍ୟବସ୍ଥା ସଂକ୍ରାନ୍ତ କେତେକ ଆଇନଗତ ପ୍ରଶ୍ନକୁ ନିଜର ସାମ୍ବିଧାନିକ କ୍ଷମତା ବଳରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ନାରେ ଉତ୍ଥାପନ କରିଥିଲେ ଏବଂ ନ୍ୟାୟାଳୟ ଏହା ଉପରେ ନିଜର ମତାମତ ରଖି ନିଜ ଦ୍ୱାରା ସୃଷ୍ଟ କଲେଜିୟମ୍ ବ୍ୟବସ୍ଥା ଅନୁଯାୟୀ ବିଚାରପତି ଚୟନ, ନିଯୁକ୍ତି ଓ ବଦଳି ଆଦିର କ୍ଷମତା ନିଜ ପାଖରେ ରଖିଲେ।

ଏତେସବୁ ପରିବର୍ତ୍ତନ ଭିତରେ ନିରପେକ୍ଷ ନ୍ୟାୟପାଳିକା କିନ୍ତୁ ତାହାର ହୃତଗୌରବ ଆଉ ଫେରାଇ ଆଣିପାରିନି। କାର୍ଯ୍ୟପାଳିକାର ହସ୍ତକ୍ଷେପ ଓ ସ୍ୱେଚ୍ଛାଚାରିତାରୁ ନିଜକୁ ରକ୍ଷା କରିବାର ଚେଷ୍ଟା ଭିତରେ ଧୀରେ ଧୀରେ ନ୍ୟାୟପାଳିକାରେ ସ୍ୱେଚ୍ଛାଚାରିତା ପରି ଭୟଙ୍କର ରୋଗ ପ୍ରବେଶ କଲା। ବିଚାରପତି ଚୟନ ଓ ନିଯୁକ୍ତି ଆଦି ଭଳି ନିଷ୍ପତ୍ତିରେ ପରିବାରବାଦ, ପକ୍ଷପାତିତା ଓ ପ୍ରିୟାପ୍ରୀତି ତୋଷଣ ପରି ଦାଗର ଚିହ୍ନ ଦିଶିଲା। ଯେଉଁ ନ୍ୟାୟପାଳିକାର ବିଚାରପତିମାନେ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରି ଦୁର୍ନୀତିଗ୍ରସ୍ତମାନଙ୍କୁ ଦଣ୍ଡଦେବାର କ୍ଷମତାପ୍ରାପ୍ତ, ସେମାନଙ୍କ ମଧ୍ୟରୁ କେହି କେହି ଦୁର୍ନୀତିରୁ ନିଜକୁ ଦୂରେଇ ନ ପାରି ପ୍ରତ୍ୟକ୍ଷ ବା ପରୋକ୍ଷରେ ସେଥିରେ ସଂଶ୍ଳିଷ୍ଟ ହୋଇପଡିଲେ। ଧୀରେ ଧୀରେ ଲୋକମତ ନ୍ୟାୟପାଳିକା ଓ ବିଚାରପତିମାନଙ୍କ ସାଧୁତା ଉପରେ ପ୍ରଶ୍ନବାଚୀ ଲଗାଇଲା।

ଜାନୁୟାରୀ ୨୦୧୩ରେ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ କଲେଜିୟମ୍ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ଚେଷ୍ଟା ଗ୍ରହଣୀୟ ନୁହେଁ ବୋଲି ମତ ରଖିଲେ। ୨୦୧୩ରେ ସଂସଦରେ National Judicial Appointments Commission (NJAC)ର ବ୍ୟବସ୍ଥା ସର୍ବସମ୍ମତିକ୍ରମେ ଅଣାଗଲା ଏବଂ ସମ୍ବିଧାନର ୧୨୦ତମ ସଂଶୋଧନ ବିଲ୍, ୨୦୧୩ ଅନୁଯାୟୀ ସମ୍ବିଧାନର ଧାରା ୧୨୪(୨) ଓ ୨୧୭(୧)ରେ ପରିବର୍ତ୍ତନ କରାଗଲା। ଏହି ବ୍ୟବସ୍ଥା ଦ୍ୱାରା ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି, ତାଙ୍କର ଦୁଇଜଣ ବରିଷ୍ଠ ସହଯୋଗୀ ବିଚାରପତି, କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରୀ ଓ ଦୁଇଜଣ ସମାଜର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ବିଚାରପତି ଚୟନ ହେବା ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇ ବିଚାରପତି ନିଯୁକ୍ତି ହେବାର ବ୍ୟବସ୍ଥା କରାଗଲା। ହେଲେ ଏହି ବ୍ୟବସ୍ଥାକୁ ସର୍ବୋଚ୍ଚ ବିଚାରାଳୟ ୧୬ ଅକ୍ଟୋବର ୨୦୧୫ରେ ଅବୈଧ ଘୋଷଣା କରିବା ସଙ୍ଗେ ସଙ୍ଗେ କଲେଜିୟମ୍ ପଦ୍ଧତିକୁ ପୂର୍ବବତ୍ ଚାଲୁରଖିଲେ। କେବଳ ଗୋଟିଏ ନୂଆ ଦିଗ ସେଥିରେ ଯୋଡ଼ିଦେଲେ, ଯାହାକୁ Memorandum of Procedure (MOP) ବୋଲି କୁହାଗଲା। ଏହି MOP ଅନୁସାରେ କିଛି ପ୍ରସଙ୍ଗରେ ନ୍ୟାୟପାଳିକାର କଲେଜିୟମ୍ ଓ ସରକାରଙ୍କ ମଧ୍ୟରେ ଏକ ବୁଝାମଣାର ବ୍ୟବସ୍ଥା ରହିଲା ଓ ତାହାକୁ ଉଭୟ ଅନୁସରଣ କରିବା ପାଇଁ ପ୍ରତିବଦ୍ଧତା ରହିଲା।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ହାଇକୋର୍ଟ କଲେଜିୟମ୍‌ର ୨୦୧୮ ଓ ୨୦୧୯ରେ ବିଚାରପତି ନିଯୁକ୍ତି ପାଇଁ ଚୟନ ହୋଇଥିବା ପ୍ରାର୍ଥୀଙ୍କ ବିଷୟ ବିଚାରକୁ ନେବା ଆବଶ୍ୟକ। ୨୦୧୮ରେ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ୧୨ଜଣ ପ୍ରାର୍ଥୀଙ୍କ ନାମ ମନୋନୀତ କରି ସୁପ୍ରିମକୋର୍ଟର କଲେଜିୟମ୍ ପାଖକୁ ପଠାଇଲେ। ସେଥିମଧ୍ୟରୁ ୮ ଜଣ ଥିଲେ ଓକିଲ ଓ ୪ଜଣ ବିଚାର ବିଭାଗର ଅଫିସର। କଲେଜିୟମ୍ ଓ ସରକାରଙ୍କ ବୁଝାମଣା ଅନୁଯାୟୀ ଓକିଲମାନଙ୍କର ବୟସ, ଆୟ ଇତ୍ୟାଦିର ସୀମା ଧାର୍ଯ୍ୟ ହୋଇଛି। ଯେଉଁ ଓକିଲମାନଙ୍କ ନାମ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସୁପାରିସ କରିଥିଲେ, ସେମାନଙ୍କର ଆୟ ଉପରୋକ୍ତ ସୀମାଠାରୁ କମ୍ ଥିବା ହେତୁ ସୁପ୍ରିମ୍‌କୋର୍ଟର କଲେଜିୟମ୍ ସେମାନଙ୍କ ସୁପାରିସକୁ ଅଗ୍ରାହ୍ୟ କରିଥିଲେ। ସେହିପରି ଯେଉଁ ୪ଜଣ ଜିଲା ଜଜ୍ ପାହ୍ୟାର ଅଫିସରଙ୍କ ନାମ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସୁପାରିସ କରିଥିଲେ ତନ୍ମଧ୍ୟରୁ ୩ ଜଣଙ୍କର ସମ୍ବିଧାନର ଧାରା ୨୧୭(୨) ଅନୁସାରେ ୧୦ ବର୍ଷର ଚାକିରି ଅବଧି ପୂରଣ ହୋଇ ନ ଥିବାରୁ ସେମାନଙ୍କ ନାମ ମଧ୍ୟ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଦ୍ୱାରା ଅଗ୍ରାହ୍ୟ ହେଲା ଓ ମାତ୍ର ଜଣେ ହାଇକୋର୍ଟ ଜଜ୍ ହିସାବରେ ୨୦୧୫ରୁ ଖାଲିଥିବା ଜଜ୍ ପଦରେ ନିଯୁକ୍ତି ପାଇଲେ। ତେବେ ପ୍ରଶ୍ନ ଉଠେ, ଯଦି ୨୦୧୮ରେ ୩ ଜଣ ଅଫିସର ସମ୍ବିଧାନ ଅନୁଯାୟୀ ହାଇକୋର୍ଟ ଜଜ୍ ପଦ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ, ତେବେ ସେମାନଙ୍କ ନାମ ୨୦୧୫ରୁ ୨୦୧୮ ଭିତରେ ଖାଲି ପଡ଼ିଥିବା ଜଜ୍ ପଦ ପାଇଁ କିପରି ଓ କାହିଁକି ସୁପାରିସ କରାଯାଇଥିଲା? ଓଡ଼ିଶା ହାଇକୋର୍ଟ କଲେଜିୟମ୍‌ର ବିଚାରପତିମାନେ କ'ଣ ସମ୍ବିଧାନର ଏହି ବ୍ୟବସ୍ଥା ତଥା MOPରେ ରହିଥିବା ବ୍ୟବସ୍ଥା ଜାଣି ନ ଥିଲେ?

ବର୍ତ୍ତମାନ ପୁଣି ୨୦୧୯ରେ ଓଡ଼ିଶା ହାଇକୋର୍ଟ କଲେଜିୟମ୍ ୮ଜଣ ଓକିଲ ଓ ୪ଜଣ ଜିଲା ଜଜ୍‌ଙ୍କ ନାମକୁ ଜଜ୍ ପଦ ପାଇଁ ସୁପାରିସ କରି ସୁପ୍ରିମ୍‌କୋର୍ଟ କଲେଜିୟମ୍‌କୁ ପଠାଇଲେ। ୮ଜଣ ଓକିଲଙ୍କ ମଧ୍ୟରୁ ଜଣେ ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ନୁହନ୍ତି ବୋଲି ଓକିଲ ସଂଘ ତରଫରୁ ପ୍ରତିବାଦ କରାଯାଇଥିଲା। କିନ୍ତୁ ସେହି ପ୍ରାର୍ଥୀଙ୍କୁ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଚୟନ କରି ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ୬ଜଣ ଓକିଲଙ୍କ ନାମ ଫେରାଇ ଦେଇଥିବା ବେଳେ ମାତ୍ର ଜଣଙ୍କର ନାମ ବିଚାରାଧୀନ ରଖିଛନ୍ତି। ସେହିପରି ବିଚାରବିଭାଗର ଯେଉଁ ୪ଜଣ ଅଫିସରଙ୍କ ନାମ ଓଡ଼ିଶା ହାଇକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ ସେମାନଙ୍କ ମଧ୍ୟରେ ୨୦୧୮ ମସିହାର ଅକୃତକାର୍ଯ୍ୟ ତଥା ସମ୍ବିଧାନ ଅନୁଯାୟୀ ଅଯୋଗ୍ୟ ଥିବା ୩ଜଣ ପ୍ରାର୍ଥୀଙ୍କ ନାମ ସାମିଲ ଥିଲା। ୨୦୧୯ରେ ୪ଜଣ ବିଚାର ବିଭାଗ ଅଫିସରଙ୍କ ମଧ୍ୟରୁ ଜଣେ ଅଫିସରଙ୍କ ନାମ ସୁପ୍ରିମ୍‌କୋର୍ଟ କଲେଜିୟମ୍ ଗ୍ରହଣ କଲେ। ଶୁଣାଯାଏ ଏହି ଯୋଗ୍ୟ ବିବେଚିତ ପ୍ରାର୍ଥୀ (ଜିଲା ଜଜ୍) ୨୦୧୮ ଡିସେମ୍ବରରେ ଚାକିରିରେ ୧୦ ବର୍ଷ ପୂରଣ କରିଛନ୍ତି। ତେବେ ଯେଉଁ ଜଜ୍ ପଦବୀଗୁଡ଼ିକ ୨୦୧୮ ଡିସେମ୍ବର ପୂର୍ବରୁ ପୂରଣ ନ ହୋଇ ଖାଲିପଡ଼ିଛି, ସେହି ପଦବୀ ପୂରଣ ପାଇଁ ଏହି ଜିଲା ଜଜ୍ କିପରି ଯୋଗ୍ୟ ବିବେଚିତ ହେଲେ? ଏତେଦିନ ଧରି ଜଜ୍ ପଦବୀ ଖାଲି ପଡ଼ିଲା ଓ ବିଚାର ବିଭାଗର ଅନେକ ଜିଲାଜଜ୍ ଏସବୁ ପଦବୀ ପାଇଁ ଯୋଗ୍ୟ ଥିଲାବେଳେ ସେମାନଙ୍କ ନାମ କାହିଁକି ସୁପାରିସ କରାଯାଇ ନ ଥିଲା? ଇତିମଧ୍ୟରେ ସେପରି ଅଫିସରଙ୍କ ମଧ୍ୟରୁ କିଛି ଅବସର ନେଲେଣି ଓ କିଛି ଏବେ ମଧ୍ୟ କାର୍ଯ୍ୟରତ।

ସର୍ବୋଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ହାଇକୋର୍ଟର କଲେଜିୟମ୍ ସାମ୍ବିଧାନିକ ବ୍ୟବସ୍ଥା ଓ MOP ନିୟମ ନିଶ୍ଚୟ ଜାଣିଛନ୍ତି। ସେମାନେ ବିଚାରକରି ଯୋଗ୍ୟ ପ୍ରାର୍ଥୀ ଚୟନ କରିବାର କ୍ଷମତା ମଧ୍ୟ ରଖିଛନ୍ତି। ତେବେ ୨୦୧୮ ଓ ୨୦୧୯ରେ ସୁପାରିସ ହୋଇଥିବା ସମୁଦାୟ ୨୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ କାହିଁକି ମାତ୍ର ୩ ଜଣଙ୍କୁ ଯୋଗ୍ୟ ଘୋଷଣା କରାଗଲା? ତେଣୁ ପ୍ରଶ୍ନ ଉଠେ ଏପରି ଘଟଣା ଘଟିବାର କାରଣ କ'ଣ ନ୍ୟାୟପାଳିକାରେ ସ୍ୱଚ୍ଛତାର ଅଭାବ?

ମୋ ବିଚାରରେ ସର୍ବସାଧାରଣଙ୍କ ମନରେ ନ୍ୟାୟପାଳିକା ପ୍ରତି ଆସ୍ଥା ଓ ବିଶ୍ୱାସ ଜନ୍ମାଇବା ପାଇଁ ବର୍ତ୍ତମାନ ନ୍ୟାୟପାଳିକାର ଦୁଇ ଅଙ୍ଗ ଯଥା ବିଚାରପତି ଓ ଓକିଲଙ୍କ ମଧ୍ୟରେ ଲଢ଼େଇ ମନୋଭାବ ନ ରହୁ ବରଂ ଏକ ସମାଧାନର ସୂତ୍ର ନେଇ ଉଭୟେ ଜନସାଧାରଣଙ୍କ ମନରେ ନ୍ୟାୟପାଳିକା ପ୍ରତି ସମ୍ମାନ ଓ ବିଶ୍ୱାସ ସୃଷ୍ଟି କରିବାର ମାର୍ଗ ଖୋଜନ୍ତୁ।

ଆଇନଜୀବୀ, କାଠଗଡ଼ା, ଢେଙ୍କାନାଳ,
ମୋ–୯୯୩୭୦୩୧୦୯୭

# ଦିଲ୍ଲୀ ପ୍ରଦୂଷଣ ଓ ପ୍ରତିକାର



ଭରତ ଝୁନ୍‌ଝୁନ୍‌ୱାଲା

କ୍ଷେତରେ ନଡ଼ା ନ ପୋଡ଼ିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ କୁଇଣ୍ଟାଲ ପ୍ରତି ୧୦୦ ଟଙ୍କା ବା କିଲୋପ୍ରତି ୧ ଟଙ୍କା ପ୍ରୋତ୍ସାହନ ରାଶି କୃଷକମାନଙ୍କୁ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ। ଅତୀତରେ ନଡ଼ା ପୋଡିବା ଦ୍ୱାରା ଦିଲ୍ଲୀର ବାୟୁ ପ୍ରଦୂଷଣ ବୃଦ୍ଧି ପାଇଥିଲା ଓ ଏବେ ବି ବୃଦ୍ଧିପାଉଛି ବୋଲି କୁହାଯାଉଛି। କିନ୍ତୁ ଏହା ମୁଖ୍ୟ କାରଣ ନୁହେଁ। ବିଶ୍ୱର ସବୁଠାରୁ ପ୍ରଦୂଷିତ ୧୦ଟି ସହର ମଧ୍ୟରେ ରହିଛି ଦିଲ୍ଲୀ ଓ କୋଲକାତା। କିନ୍ତୁ ଦିଲ୍ଲୀ ଭଳି କୋଲକାତା ନଡ଼ାପୋଡ଼ା ଯୋଗୁ ଉପୁଜୁଥିବା ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉନାହିଁ। ଯେଉଁ ସମୟରେ ନଡ଼ା ପୋଡାଯାଉ ନାହିଁ ସେତେବେଳେ ବି ଦିଲ୍ଲୀର ବାୟୁ ଭଲ ରହୁ ନ ଥିବା ଲକ୍ଷ୍ୟ କରାଯାଉଛି। ତେଣୁ ନଡ଼ା ପୋଡାଯିବା ସମୟରେ ବାୟୁ ପ୍ରଦୂଷଣ ବେଶି ରହିବା ସ୍ୱାଭାବିକ।

ଦିଲ୍ଲୀର ବାୟୁ ପ୍ରଦୂଷଣ ପାଇଁ ଟ୍ରାଫିକ୍, ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ନଡ଼ା ପୋଡିବା ଏହି ତିନୋଟି କାରଣ ହିଁ ଦାୟୀ। ଟ୍ରାଫିକ୍ ଯୋଗୁ ହେଉଥିବା ପ୍ରଦୂଷଣକୁ ରୋକିବା ଲାଗି ଅନେକ ଉପାୟ ରହିଛି। ପ୍ରଥମେ ନିର୍ଗମନ ମାନକକୁ କଡାକଡି କରାଯିବା ଉଚିତ। ଘରୋଇ କାର ବ୍ୟବହାର ମଧ୍ୟ କମାଇବା ଦରକାର। ଏହା କରିବାକୁ ହେଲେ ସର୍ବସାଧାରଣ ଯାତାୟାତରେ ଯଥେଷ୍ଟ ପୁଞ୍ଜି ଖଟାଇବାକୁ ପଡିବ। ଅଧିକ ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦେଇ ଏହାକୁ ଅଧିକ କ୍ରିୟାଶୀଳ କରାଯିବା ଆବଶ୍ୟକ। ମେଟ୍ରୋ ଏ ଦିଗରେ ଖୁବ୍ ଭଲ କାମ କରିଛି ଓ ଏଥିପାଇଁ ଆହୁରି ଅନେକ ନୂଆ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇପାରେ। ଆମେରିକାର ଜାତୀୟ ରାଜପଥରେ ସ୍ୱତନ୍ତ୍ର ଭାବେ 'ହାଇ ଅକୁପାନ୍ସି ଭେହିକିଲ' ଲେନ୍ ରହିଛି ଯେଉଁଠି କମ୍ ଭିଡ଼ ରହେ। ଅତିକମ୍‌ରେ କେବଳ ତିନିଜଣ ବ୍ୟକ୍ତିଙ୍କୁ ନେଉଥିବା କାର୍ ଏହି ଲେନ୍‌ରେ ଯାଇପାରିବ। ଠିକ୍ ଏହି ସିଷ୍ଟମ୍‌ରେ ଦିଲ୍ଲୀ ରାସ୍ତାରେ ଅତି କମ୍‌ରେ ତିନିଜଣଙ୍କୁ ନେଉଥିବା କାର୍‌କୁ ଚାଲିବା ଲାଗି ଅନୁମତି ଦେବା ଉଚିତ। ଦିଲ୍ଲୀ ଚାରି ପାଖରେ ଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁ ବି ବାୟୁ ପ୍ରଦୂଷଣ ବଢୁଛି। ନିକଟରେ ସରକାର ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ରହିଥିବା ପ୍ରଦୂଷଣ ନିୟମକୁ କୋହଳ କରିଦେବା ଦ୍ୱାରା ଏହା ବୃଦ୍ଧି ପାଉଛି। ଏହି ନିୟମକୁ କଡାକଡି କରାଯିବା ଉଚିତ। ସରକାର ମଧ୍ୟ ତାପଜ ବିଦ୍ୟୁତ୍ କେନ୍ଦ୍ର ସମ୍ପର୍କରେ ସରକାରଙ୍କ ଦୃଷ୍ଟିକୋଣ ଉପରେ ପୁନର୍ବିଚାର କରିବା ଦରକାର। ବିଦ୍ୟୁତ୍ ଶକ୍ତି ପାଇଁ କୋଇଲା ଆଧାରିତ ତାପଜ ବିଦ୍ୟୁତ୍, ଜଳ ବିଦ୍ୟୁତ୍, ଆଣବିକ ଏବଂ ସୌରଶକ୍ତି ଭଳି ଉତ୍ସ ରହିଛି। ଏହି ଚାରିଟି ମଧ୍ୟରୁ ତାପଜ ବିଦ୍ୟୁତ୍ ସବୁଠୁ ଅଧିକ ବାୟୁ ପ୍ରଦୂଷଣକାରୀ। ଏହା ବାୟୁ ପ୍ରଦୂଷଣ କରିବା ସହ ବିଶ୍ୱତାପମାତ୍ରା ବୃଦ୍ଧି ମଧ୍ୟ କରୁଛି, ଯାହା ମାନବ ସମାଜ ଲାଗି ବିପଦର କାରଣ ହେଉଛି। ଏହା ଜଳ ବିଦ୍ୟୁତ୍‌ଠାରୁ ସାମାନ୍ୟ କ୍ଷତିକାରକ। ଜଳଭଣ୍ଡାରକୁ ଗଛପତ୍ର ତଥା ଜୀବ ଅଂଶ ବିଶେଷ ଭାସି ଆସି ଏହାର ପୃଷ୍ଠରେ ଜମି ରହେ। ପରେ ଜଳଭଣ୍ଡାରର ନିମ୍ନାଂଶରେ ଥିବା ଅମ୍ଳଜାନକୁ ଏହା ଶୋଷିବାରେ ଲାଗେ ଓ ବିଘଟନ ପ୍ରକ୍ରିୟାରେ ପଚିଶଢ଼ିଯାଏ। ସେଥିରୁ ମିଥେନ ଗ୍ୟାସ୍ ନିର୍ଗତ ହୁଏ। ଏହି ଗ୍ୟାସ୍ ଅଙ୍ଗାରକାମ୍ଳଠାରୁ ୨୦ ଗୁଣ କ୍ଷତିକାରକ। ଏହା ତୁଳନାରେ ଜନବସତିଠାରୁ ଦୂରରେ ତଥା ଜଳ ନିର୍ବହନ ରହିତ ଆଣବିକ ଶକ୍ତିକେନ୍ଦ୍ର ପରିବେଶ ପାଇଁ ଭଲ। ସୌରଶକ୍ତି ପରିବେଶ ପାଇଁ ସବୁଠାରୁ ଭଲ। ଏଣୁ ସବୁ ତାପଜ ଓ ଜଳ ବିଦ୍ୟୁତ୍ କେନ୍ଦ୍ର ବନ୍ଦ କରି ସୌର ଓ ଆଣବିକ ପ୍ଲାଣ୍ଟ ଆଡକୁ ମୁହାଁଇବା ଆବଶ୍ୟକ।

ଏହାପରେ ନଡ଼ା ପୋଡିବା ପ୍ରଦୂଷଣର ତୃତୀୟ କାରଣ। ଏହା ବର୍ଷରେ ଥରେ ପ୍ରାୟ ଦଶଦିନ ପାଇଁ ହୋଇଥାଏ। ନଡା ଭାରି ଦରକାରୀ। ଏହା କାଗଜ ତିଆରିରେ ଲାଗିଥାଏ। ଏହାକୁ ବିଦ୍ୟୁତ୍ ଶକ୍ତି ପାଇଁ ଇନ୍ଧନ ଭାବେ ବି ବ୍ୟବହାର କରାଯାଇପାରିବ। ଏଥିରୁ ଖତ ମଧ୍ୟ ମିଳିବ। ସମସ୍ୟା ହେଉଛି ଏହାର ପରିମାଣ। ନଡ଼ାକୁ ଠୁଳ କରି ବିଡା ବାନ୍ଧିବା ଓ ପରିବହନ ଖର୍ଚ୍ଚ ଅଧିକ। ଏହାକୁ କାଗଜକଳ ଗେଟ୍ ପାଖରେ ପହଞ୍ଚାଇବା ପାଇଁ ମୂଲ୍ୟ ୫ରୁ ୧୦ ଟଙ୍କା ରହୁଛି। ଏହି ଦରରେ ଚାଷୀ ଏହାକୁ କାରଖାନା ପାଖରେ ପହଞ୍ଚାଇ ପାରିବେ ନାହିଁ। ଏଣୁ ସେମାନେ ତାହାକୁ ପୋଡି ଦେଉଛନ୍ତି। ଅନ୍ୟପକ୍ଷରେ ଶୀତଦିନିଆ ଚାଷ ପାଇଁ ଏହାକୁ ଜମିରୁ ତରବରିଆ ଭାବେ ସଫା କରିବା ଦରକାର ପଡୁଛି। ଉଚ୍ଚତମ ନ୍ୟାୟାଳୟ ନଡ଼ାକୁ ନ ପୋଡିବା ଲାଗି କୃଷକମାନଙ୍କୁ କିଲୋ ପ୍ରତି ୧ ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡା ବାନ୍ଧି ଠୁଳ କରିବା ପାଇଁ ବି ଏତିକି ଅର୍ଥ ଯଥେଷ୍ଟ ନୁହେଁ। ଯେହେତୁ ବୁଣାବୁଣି ଜୋରସୋରରେ ଚାଲିଥାଏ ସେଥିପାଇଁ କୃଷକଙ୍କ ପାଖରେ ଏହି କାମ କରିବା ପାଇଁ ସମୟ, ଶ୍ରମ ଓ ଶ୍ରମିକଙ୍କର ଅଭାବ ଥାଏ। ସରକାରଙ୍କ ପାଖରେ ଏହି ସମସ୍ୟାର ସମାଧାନ ପାଇଁ ଏକ ବିକଳ୍ପ ରହିଛି। ସରକାର ନଡ଼ା ବିଡ଼ା କିଣି ତାହାକୁ ପେପର ଫ୍ୟାକ୍ଟ୍ରିକୁ ନିଲାମ କରିପାରିବେ। ଏହାଦ୍ୱାରା ବ୍ୟବସାୟୀମାନେ ଯେମିତି ଗାଁ ଗାଁ ବୁଲି ଶସ୍ୟ କିଣୁଛନ୍ତି ଠିକ୍ ସେମିତି ଠିକାଦାରମାନେ ଦେଶର ସବୁଆଡୁ ଶ୍ରମିକ ଯୋଗାଡ଼କରି ନଡ଼ା ବିଡ଼ା ସଂଗ୍ରହ କରିପାରିବେ। ଏହି ଉପାୟରେ ବାୟୁ ପ୍ରଦୂଷଣ ରୋକାଯିବା ସହ ପ୍ରାକୃତିକ ବାୟୋମାସ୍ ସଂରକ୍ଷଣ ମଧ୍ୟ ହୋଇପାରିବ। ମୁଁ ନିଶ୍ଚିତ ଯେ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାର ଲାଭ ଉପରସୂଚିତ ଗୋଟି ଗୋଟି କରି ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପର ମୂଲ୍ୟଠାରୁ ଯଥେଷ୍ଟ ଅଧିକ। ଯଦି ସରକାର ଏହା କରିବାକୁ ରାଜି ତେବେ ଆମର ସବୁ ସହରର ବାୟୁ ପ୍ରଦୂଷଣମୁକ୍ତ ହୋଇପାରିବ।

Email: bharatjj@gmail.com

## ଏଇ ଭାରତରେ

ହିନ୍ଦୁ ଧର୍ମରେ ମୃତ୍ୟୁ ପରେ ଶ୍ରାଦ୍ଧ ଦିଆଯିବାର ପରମ୍ପରା ରହିଥିବାବେଳେ ଗୁଜରାଟର ଏକ ଗାଁରେ ମୃତ୍ୟୁ ପୂର୍ବରୁ ତିନି ଜଣ ବୃଦ୍ଧଙ୍କୁ ଶ୍ରାଦ୍ଧ ଦେବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ଘଟଣା ଘଟିଛି ମୋରବି ଜିଲା ଗୋରଖିଜଡିଆ ଗାଁରେ। ବୃଦ୍ଧମାନଙ୍କ ଶେଷଇଚ୍ଛା ପୂରଣ କରିବା ପାଇଁ ସନ୍ତାନମାନେ ଏମିତି ଏକ ଅଜବ ପରମ୍ପରା ଆପଣାଇଛନ୍ତି। ଗୋଟିଏ ପରିବାରର ତିନିଜଣ ବୃଦ୍ଧଙ୍କ ମଧ୍ୟରୁ ଗଙ୍ଗାରାମ ଭାଇ ମନଜୀ ଭାଇଗୋରିଆଙ୍କ ବୟସ ୧୦୦ ବର୍ଷ। ସେ ଏବେ ବି ସୁସ୍ଥ ଅଛନ୍ତି। ତାଙ୍କ ପରେ ଜୀବରାଜ ଭାଇ ମନଜୀ ଭାଇ ଗୋରିଆଙ୍କୁ ୯୮ ବର୍ଷ ହୋଇଥିବା ବେଳେ ବଜିବେନ ଜୀବରାଜ ଭାଇ ଗୋରିଆଙ୍କ ବୟସ ୯୬। ଧୁମ୍‌ଧାମରେ ଏମାନଙ୍କ ଶ୍ରାଦ୍ଧ କ୍ରିୟା ସମାପନ କରାଯିବା ପରେ ମୃତ୍ୟୁ ଭୋଜ ମଧ୍ୟ ଦିଆଯାଇଛି। ଏହାପରେ ତିନି ବୃଦ୍ଧଙ୍କୁ ଫୁଲମାଳ ପିନ୍ଧାଇ ବାଜାବଜାଇ ଶୋଭାଯାତ୍ରାରେ ନିଆଯାଇଥିଲା। ଶୋଭାଯାତ୍ରାରେ ଗାଁ ଲୋକେ ବି ଭାଗ ନେଇଥିଲେ। ଶୋଭାଯାତ୍ରାରେ ପରିବାରର ପୁଅ, ବୋହୂ, ଝିଅ, ଭଉଣୀ ସମସ୍ତେ ବାଦ୍ୟର ତାଳେ ତାଳେ ଗର୍‌ବା ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାବେଳେ ଭଜନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ସବୁଠୁ ବୟସ୍କ ବୃଦ୍ଧ ଗଙ୍ଗାରାମ ଏଠାକାର ପୂର୍ବତନ ବିଧାୟକ ଗୋକଳଦାସ ପରମାରଙ୍କ ସହ ବହୁ ଜନକଲ୍ୟାଣ କାର୍ଯ୍ୟ କରିଥିବାରୁ ସେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଚିରନ୍ତନୀ

ଗୋପେ ଉଠୁଥିଲା ଯେ ସ୍ୱନ ଲହରୀ
ଆଜି ଶୁଭେ ସେ ଧ୍ୱନି ଭୁବନ ଭରି,
ନବ ନବ ଛନ୍ଦେ ସେ ଉଠଇ ବାଜି
ନବ ନବ ସ୍ପନ୍ଦନ ରଚଇ ଆଜି!
(ବଂଶୀ ଧ୍ୱନି)
ମାନବ ଜୀବନ ଲଭିଅଛୁ ଯେବେ ଦି'ଦିନ ପାଇଁ
ତେବେ କିପାଁ କରୁ ବିରସ ବଦନ କହ ତ ଭାଇ!
ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି?
(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସତ୍ୟ ନା ଅର୍ଦ୍ଧସତ୍ୟ

ମହାଶୟ,

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ରିପୋର୍ଟରେ ଦର୍ଶାଯାଇଛି ଯେ, ଗ୍ରାମୀଣ ଓଡ଼ିଶାରେ ଏବେ ଶତପ୍ରତିଶତ ଘରେ ପାଇଖାନା ତିଆରି ହୋଇଛି ଏବଂ ବାହାରେ କେହି ମଳତ୍ୟାଗ କରୁନାହାନ୍ତି। ଗତ ୫ ବର୍ଷରେ ଓଡ଼ିଶାର ଗ୍ରାମାଞ୍ଚଳରେ ୬୬ ଲକ୍ଷ ୮୩ ହଜାର ୧୪୮ଟି ବ୍ୟକ୍ତିଗତ ଘରୋଇ ପାଇଖାନା ତିଆରି ହୋଇଛି। ଓଡ଼ିଶା ସରକାରଙ୍କ ରିପୋର୍ଟକୁ ଭିତ୍ତିକରି କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟର ସତ୍ୟତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ପ୍ରକୃତ କଥାଟି ହେଉଛି ଯେ ପ୍ରତି ଘରେ ପାଇଖାନା ତିଆରି ହୋଇଥିବା କଥାରେ ସତ୍ୟତା ଥାଇପାରେ। ମାତ୍ର ଗ୍ରାମାଞ୍ଚଳରେ ଅର୍ଦ୍ଧାଧିକ ଲୋକ ପାଇଖାନା ବ୍ୟବହାର କରୁନାହାନ୍ତି। ଏମାନେ ବାହାରେ ମଳତ୍ୟାଗ କରୁଛନ୍ତି। ପାଇଖାନାଗୁଡ଼ିକ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି। ଏଣୁ ଏହି ରିପୋର୍ଟ ଅସତ୍ୟ କିମ୍ବା ଅର୍ଦ୍ଧସତ୍ୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ନିରାମୟରେ ସବୁ ଔଷଧ ମିଳୁ

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା 'ନିରାମୟ' କେନ୍ଦ୍ରରୁ ମାଗଣା ଔଷଧ କମ୍ ମୂଲ୍ୟର ଉପଲବ୍ଧ ହେଉଛି। କିନ୍ତୁ ଦାମିକା ଔଷଧ କିଣିବାକୁ କୁହାଯାଉଛି। ତେଣୁ ନିରାମୟ କେନ୍ଦ୍ରଗୁଡ଼ିକରେ ସବୁ ଔଷଧ ମିଳୁ। ଅନ୍ୟ କମ୍ପାନୀର ଦାମିକା ଔଷଧ କିଣିବାକୁ ଗରିବ ଲୋକମାନେ ବାଧ୍ୟ ନ ହୁଅନ୍ତୁ। ଏଥିପ୍ରତି ସ୍ୱାସ୍ଥ୍ୟବିଭାଗ ଏବଂ ମନ୍ତ୍ରୀ ଦୃଷ୍ଟି ଦେବା ଆବଶ୍ୟକ। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଔଷଧ ତାଲିକା ଟଙ୍ଗାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହମ୍ମଦ ଜୟନ୍ତୀ ପାଳିତ

ଢେଙ୍କାନାଳ ଅଫିସ,୧୨।୧୧: ଢେଙ୍କାନାଳ ସଦର ବ୍ଲକ ତାଳବରକୋଟ ଅହମଦି ମୁସଲିମ ସମ୍ପ୍ରଦାୟ ପକ୍ଷରୁ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ସମ୍ପୃକ୍ତ ସମ୍ପ୍ରଦାୟର ଯୁବକମାନେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ଆରୋଗ୍ୟ କାମନା କରିଥିଲେ। ସମ୍ପ୍ରଦାୟର ସଭାପତି ସେର ଅଲ୍ଲୀ ଖାନ୍‌ଙ୍କ ନେତୃତ୍ୱରେ ଗ୍ରାମର ମୌଲବୀ ମୀର ସୁବାନ ଅଲ୍ଲୀ, ଯୁବ ସଭାପତି ମୋଜିମ୍ ଖାନ୍, ଉପସଭାପତି ସୟେଫ୍ ଅଲ୍ଲୀ ଖାନ୍, ସେକ୍ ସାଦିକ ଅଲ୍ଲୀ, ସତାର ଖାନ୍, ନଜିର ଖାନ୍, ସିକନ୍ଦର ଖାନ୍, ଏନାମୁଲ ହକ, ଜବାର ମହମ୍ମଦ ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ଦିଆନ ଖାନ୍ ଧନ୍ୟବାଦ ପ୍ରଦାନ କରିଥିଲେ।

### ତ୍ରିନାଥ ମନ୍ଦିରରେ ପଞ୍ଚୁକ ପୂଜା

ଢେଙ୍କାନାଳ ଅଫିସ,୧୨।୧୧: ଢେଙ୍କାନାଳ ସହର ରେଙ୍ଗାଳି କଲୋନୀସ୍ଥିତ ତ୍ରିନାଥ ମନ୍ଦିରରେ ଉପଦେଷ୍ଟା ରବି ନାରାୟଣ ସାମନ୍ତରାୟଙ୍କ ନେତୃତ୍ୱରେ ପଞ୍ଚୁକ ପୂଜା ଅନୁଷ୍ଠିତ ହୋଇଯାଇଛି। କୀର୍ତ୍ତନ ମଣ୍ଡଳୀ ସମ୍ପାଦକ ଜ୍ଞାନରଞ୍ଜନ ଯାଦବଙ୍କ ଦ୍ୱାରା ୫ଦିନ ଧରି ନଗର ପରିକ୍ରମା କରାଯାଇଥିଲା। ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଉପସଭାପତି ସୌମ୍ୟରଞ୍ଜନ ଭୂତିଆ, ସଭ୍ୟ ବିଜୟ ସାହୁ, ପ୍ରଦୀପ ବ୍ରହ୍ମ, ଅଭି ଦାଶ, ଲିଙ୍ଗରାଜ ମହାନ୍ତି, ପଞ୍ଚାନନ ନାଏକ, ବିଶ୍ୱନାଥ ବାହାଦୁର, ଗୋବିନ୍ଦ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ଉପନଗରପାଳ ସୁମିତ୍ରା ଭୋଇ, ମାନବ ଅଧିକାର ଜିଲା ଉପସଭାପତି ଦୀପ ନାରାୟଣ ଷଡଙ୍ଗୀ ଉପସ୍ଥିତ ଥିଲେ।


### ଦୁର୍ଘଟଣାରେ ଜଣେ ଗୁରୁତର

ଭୁବନ,୧୨।୧୧(ଡି.ଏନ.ଏ): ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠକୁ ଦର୍ଶନ ପାଇଁ ଆସିଥିବା ଗଁଦିଆ ଥାନା ମନ୍ଦାର ଗ୍ରାମର ଶଙ୍କର୍ଷଣ ବେହେରା(୨୫) ବୋଲେରୋ ଧକ୍କାରେ ମଙ୍ଗଳବାର ଗୁରୁତର ହୋଇଛନ୍ତି। ତାଙ୍କର ମୁହଁ ଓ ଛାତିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ସ୍ଥାନୀୟ ଲୋକେ ପ୍ରଥମେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ପଠାଯାଇଛି।

### ନିଆଁ ଲାଗି ମହିଳା ଗୁରୁତର

କାମାକ୍ଷାନଗର,୧୨।୧୧(ଡି.ଏନ.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବାଇଶିଙ୍ଗା ଗ୍ରାମର କାଳନ୍ଦୀ ସାହୁଙ୍କ ସ୍ତ୍ରୀ ଗାୟତ୍ରୀ ସାହୁ (୩୨)ମଙ୍ଗଳବାର ଗ୍ୟାସରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ସେ ଘରେ ଗ୍ୟାସରେ ଚା' କରୁଥିବା ସମୟରେ ତାଜା ଉପରେ ଜାରରେ ଥିବା କିରୋସିନ ଢାଳି ହୋଇଯିବାରୁ ନିଆଁରେ ଲାଗି ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ୫ ଶୌଚାଳୟକୁ ଆଇଏସ୍‌ଓ ମାନ୍ୟତା


Certificate
This is to certify that
PUBLIC TOILET (NEW DHH, DHENKANAL MUNICIPALITY)
ISO 9001:2015
for the following scope:
PROVIDING PUBLIC TOILET SERVICES
International Accurate Certification

ଢେଙ୍କାନାଳ ଅଫିସ,୧୨।୧୧: ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ବିଭିନ୍ନ ସ୍ଥାନରେ ନିର୍ମିତ ୫ଟି ଟଏଲେଟ୍‌କୁ ଆଇଏସ୍‌ଓ ମାନ୍ୟତା ପ୍ରଦାନ କରାଯାଇଛି। ପରିଚାଳନାରେ ଗୁଣବତ୍ତା ବଜାୟ ରଖିଥିବାରୁ ଏହି ୫ଟି ଟଏଲେଟ୍‌କୁ ଆଇଏସ୍‌ଓ ମାନ୍ୟତା ମିଳିଥିବା ମଙ୍ଗଳବାର ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସୂଚନା ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ, ନେହେରୁ ପାର୍କଠାରେ ନିର୍ମିତ ପବ୍ଲିକ ଟଏଲେଟ୍ ଏବଂ ପର୍ବତିଆ ସାହି, ଟାଉନହଲ, କାଠଗଡା ଜୁଆଙ୍ଗ ସାହି ଅଞ୍ଚଳରେ ନିର୍ମିତ କମ୍ୟୁନିଟି ଟଏଲେଟ୍ ଆଇଏସ୍‌ଓ ମାନ୍ୟତା ପାଇଥିବା ପୌରସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଜିଲାପାଳ ତଥା ପୌରସଂସ୍ଥାର ପ୍ରଶାସକ ଭୂମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ମିଳିଥିବା ନିର୍ବାହୀ ଅଧିକାରୀ ଜଣାଇଛନ୍ତି।

## ସନ୍ଧ୍ୟାତାରାର ୩୭ ତମ ବୋଇତବନ୍ଦାଣ ଉତ୍ସବ

# ନୌବାଣିଜ୍ୟ ପରମ୍ପରାର ନମୁନା ପ୍ରଦର୍ଶିତ


ସନ୍ଧ୍ୟାତାରା ପକ୍ଷରୁ ଆୟୋଜିତ ବୋଇତବନ୍ଦାଣ ଉତ୍ସବ।

ଢେଙ୍କାନାଳ ଅଫିସ,୧୨।୧୧

ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ୩୭ତମ ବୋଇତବନ୍ଦାଣ ଉତ୍ସବ ମଙ୍ଗଳବାର ଭାଗୀରଥି ସାଗର ନୂଆ ପୋଖରୀଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ଅବିକଳ ନମୁନା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ କହିଲେ ଯେ, ବହୁବର୍ଷ ହେବ ସନ୍ଧ୍ୟାତାରା ସାହିତ୍ୟ ସଂସଦ ଆମ ପରମ୍ପରା ଓ ଐତିହ୍ୟକୁ ବଜାୟ ରଖିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରଶଂସାର ପାତ୍ର। ସଂସଦର ସଭାପତି ଡ. ଭବାନୀ ଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ଶରତ ମିଶ୍ର ଭରଦ୍ୱାଜ ପରିଚାଳନା କରିଥିଲେ। ଏହି ଅବସରରେ ସାଧବ ବୋହୂ ଓ ସାଧବ ପୁଅ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶତାଧିକ କୁନିକୁନି ପିଲାମାନେ ଏଥିରେ ସାମିଲ ହୋଇଥିଲେ। ସାଧବ ବୋହୂ ପ୍ରତିଯୋଗିତାରେ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଯାଜ୍ଞସେନୀ ପଣ୍ଡା ପ୍ରଥମ, ଦିଲ୍ଲୀ ପବ୍ଲିକ ସ୍କୁଲର ସିଦ୍ଧି ସମୃଦ୍ଧି ଦ୍ୱିତୀୟ ଓ ବ୍ରିଟିଶ ପବ୍ଲିକ ସ୍କୁଲର ସାନଭି ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ସାଧବ ପୁଅ ବେଶ ପ୍ରତିଯୋଗିତାରେ ଦିଲ୍ଲୀ ପବ୍ଲିକ ସ୍କୁଲର ଉତ୍କଳଜିତ ରଥ ପ୍ରଥମ, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସାଇ ପ୍ରୀତମ ଶତପଥୀ ଦ୍ୱିତୀୟ, ଅମ୍ରିତା ପ୍ରି ନର୍ସରୀ ସ୍କୁଲର ଦେବାଂଶା ଦ୍ୱିବିତ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଚଳିତବର୍ଷ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସର୍ବାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହାପରେ ବୋଇତବନ୍ଦାଣ ସମାରୋହ ଅନୁଷ୍ଠିତ ହୋଇଥିଲା। ପରମ୍ପରାର ପ୍ରତୀକ ସ୍ୱରୂପ ସାଧବ ବୋହୂମାନେ ବୋଇତରେ ସାଧବ ପୁଅମାନଙ୍କୁ ନୌବାଣିଜ୍ୟ ପାଇଁ ବିଦାୟ ଜଣାଇଥିଲେ। ଏଥିପୂର୍ବରୁ ସରଗମ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତର ଆସର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ନିରଦାନନ୍ଦ ନନ୍ଦ, ଭରତ ହାତୀ, ଭ୍ରମରବର ହୋତା, ବିଭୂତି ବେହେରା, ଅଭିମନ୍ୟୁ ସାହୁ, ଭବାନୀକାନ୍ତ ନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।


ନୌବାଣିଜ୍ୟ ପରମ୍ପରାର ନମୁନା ପ୍ରଦର୍ଶନ କରାଯାଉଛି।

# ଦେବଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ବଳରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଢେଙ୍କାନାଳ ଅଫିସ,୧୨।୧୧

ଢେଙ୍କାନାଳ ସହରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ବିଭିନ୍ନ ଦେବଦେବୀଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଭୋର ୪ଟାରୁ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଗଣେଶ ବଜାର, ମହାବୀର ବଜାର, ମଠ୍ରନାବଜାର, ଜୟଗୋପାଳ ସାହିଠାରେ ଶ୍ରଦ୍ଧାଳୁମାନଙ୍କୁ ସକାଳେ ଖିରି ପ୍ରସାଦ ବଣ୍ଟନ କରାଯାଇଥିଲା। କୁଞ୍ଜକାନ୍ତ, ନୂଆପୋଖରୀ ଆଦିରେ ଡଙ୍ଗା ଭସାଇବା ପାଇଁ ଜନ ସମାଗମ ହୋଇଥିଲା। କୁଞ୍ଜକାନ୍ତ ଶ୍ରୀରାଧାକୃଷ୍ଣଙ୍କ ମନ୍ଦିରରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଉଛି। ସହରର ପ୍ରମୁଖ ପୀଠ ଶ୍ରୀବଳରାମଙ୍କ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସଦର ବ୍ଲକ ଭୋଜଦେଇପୁର ଶାସନସ୍ଥିତ ଭୋଳେଶ୍ୱରଜୀଉ ମହାଦେବଙ୍କ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳିତ ହୋଇଥିଲା। ଗେଙ୍ଗୁଟିଆ, ବାରଦା, ଜହ୍ନତଇଳା, ସାଙ୍କୁଲେଇ, ଗୁରୁଜଙ୍ଗ, ଅସନବାହାଳି, ସଦାଶିବପୁର, ରଣପଶି ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ସଂକୀର୍ତ୍ତନ ମଣ୍ଡଳି ପୀଠରେ ଯୋଗ ଦେଇଥିଲେ ବୋଲି ମନ୍ଦିରର ଟ୍ରଷ୍ଟି ଦୁର୍ଗାଚରଣ ମହାପାତ୍ର ଜଣାଇଛନ୍ତି।

# ୨ ପରିବାର ମଧ୍ୟରେ ଗଣ୍ଡଗୋଳ, ୨ ମୃତ

ସୋରଡା,୧୨।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସୋରଡା ଥାନା ନୂଆଗଡ ଗ୍ରାମ ଖଦାଳସାହିରେ ମଙ୍ଗଳବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ୫ଜଣ ଗୁରୁତର ଆହତ ହୋଇ ସୋରଡା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଉକ୍ତ ସାହିର ମନୋଜ ନାୟକ (୨୬) ଓ ପୁନିଆ ନାୟକ (୬୦)। ମନୋଜଙ୍କ ବାପା ବିଦ୍ଧୁ, ମା' ଗେଲି, ଜେଜେବାପା ଉଲା, ଜେଜେ ମା' ଇନ୍ଦୁ, ଭାଇ ସୌଦାଗର ଗୁରୁତର ଆହତ ହୋଇଛନ୍ତି। ସୋରଡା ମେଡିକାଲରେ ସେମାନଙ୍କ ଚିକିତ୍ସା ଚାଲିଛି। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛି। ମୃତ ମନୋଜଙ୍କ ଭାଇ ସୌଦାଗରଙ୍କ ଏତଲା ପ୍ରକାରେ ନଂ.୧୯୧/୧୯ ଓ ମୃତ ପୁନିଆଙ୍କ ପୁଅ ଗାଣ୍ଡୁଙ୍କ ଏତଲା ଆଧାରରେ ନଂ.୧୯୨/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ପୁନିଆଙ୍କ ପକ୍ଷରୁ ଗାଣ୍ଡୁ ନାୟକ, ଟୁଙ୍ଗୁରୁ ନାୟକ, ବାବୁଲି ନାୟକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ଛତ୍ରପୁରରୁ ସାଇଣ୍ଟିଫିକ୍ ଟିମ୍ ନୂଆଗଡରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଗାଁରେ ପୋଲିସ ଫୋର୍ସ ମୁତୟନ ହୋଇଛି। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ସୂଚନା ପ୍ରକାରେ, ମନୋଜ ଚେନ୍ନାଇରେ ରହି କାମ କରନ୍ତି। ୨ମାସ ତଳେ ସେ ଗାଁକୁ ଆସିଥିଲେ। ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କକୁ ପୁନିଆଙ୍କ ପରିବାର ବିରୋଧ କରୁଥିଲେ। ମଙ୍ଗଳବାର ପୁନିଆଙ୍କ ପୁତୁରା ଏପରି କାର୍ଯ୍ୟରୁ ନିବୃତ ରହିବାକୁ ମନୋଜଙ୍କୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ପରେ ୨ ପରିବାର ମାରଣାସ୍ତ୍ର ଧରି ପରସ୍ପରକୁ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରୁ ବହୁ ମାରଣାସ୍ତ୍ର ଜବତ କରିଛି।

# ୧୫ ଟନ୍ ଚୋରା ରଡ୍ ଜବତ

ଭାପୁର,୧୨।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ପୋଲିସ ରବିବାର ଗୋବିନ୍ଦପ୍ରସାଦ ଗ୍ରାମ ନିକଟରେ ଚଢ଼ାଉ କରି ୧୫ ଟନ୍ ଚୋରା ଲୁହା ରଡ଼ ଜବତ କରିଛି। ଏଥିସହିତ ରଡ଼ ଜବତ ସ୍ଥାନ ନିକଟରୁ ଏକ ବାଇକ(ଓଡ଼ି୦୬ଏଫ-୨୦୭୫) ଜବତ କରାଯାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଅନ୍ୟପକ୍ଷରେ ଏହା ସ୍କାନ ଷ୍ଟିଲ କମ୍ପାନୀ ରାଉରକେଲାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବାବେଳେ ଚୋରି ହୋଇଥିବା କମ୍ପାନୀ ଅଧିକାରୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଭାପୁର ଫାଣ୍ଡି ଅଧିକାରୀ ପ୍ରଶାନ୍ତ ପଡିହାରୀ ପ୍ରକାଶ କରିଛନ୍ତି।



# ଜମି ବିବାଦରୁ ଦମ୍ପତିଙ୍କୁ ହତ୍ୟା

ବାରିପଦା ଅଫିସ,୧୨।୧୧

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଫୁଲଝରଣ ଗ୍ରାମରେ ଜମିବାଡ଼ି ବିବାଦରୁ ଏକ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ଏହି ଘଟଣାରେ ପୋଲିସ ମାମଲା (ନଂ.୧୩୧/୧୯) ରୁଜୁ କରି ମୃତକଙ୍କ ସମ୍ପର୍କୀୟ ପୁତୁରା ଓ ତାଙ୍କର ଦୁଇ ଜଣ ସାଙ୍ଗଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଫୁଲଝରଣ ଗ୍ରାମର ସୁରାଇ ଟୁଡୁ ଓ ତାଙ୍କ ସ୍ତ୍ରୀ ଲେଗାଇଙ୍କୁ ହତ୍ୟା କରାଯାଇଛି। ସୋମବାର ଏହି ଦମ୍ପତିଙ୍କ ମୃତଦେହ ଭିନ୍ନ ଭିନ୍ନ ସ୍ଥାନରୁ ପୋଲିସ ଉଦ୍ଧାର କରିଥିଲା। ଉଭୟଙ୍କୁ କେହି ଧାରୁଆ ଅସ୍ତ୍ରରେ ଅତି ନୃଶଂସ ଭାବେ ହତ୍ୟା କରିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଜମିଜମା ବିବାଦରୁ ଏହି ଦମ୍ପତିଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି।

# ଖଡ଼ଗପ୍ରସାଦରେ ବୋଇତବନ୍ଦାଣ

ଢେଙ୍କାନାଳ ଅଫିସ,୧୨।୧୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ତୈଳିକ ବୈଶ୍ୟ ସମାଜ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ମଙ୍ଗଳବାର ଗ୍ରାମରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧବ ବୋହୂ ଓ ସାଧବ ପୁଅ ବେଶରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ବ୍ରାହ୍ମଣୀ ନଦୀ କୂଳରେ ବୋହୂମାନେ ଧୂପଦୀପରେ ବୋଇତ ଓ ସାଧବ ପୁଅମାନଙ୍କୁ ବନ୍ଦାପନା କରିଥିଲେ। ଗ୍ରାମ ଦୋଳମଣ୍ଡପଠାରେ ତୈଳିକ ବୈଶ୍ୟ ସମାଜ ସଭାପତି ଗୁରୁବାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ ମୁଖ୍ୟଅତିଥି, ଶିକ୍ଷାବିତ ପ୍ରଫେସର ହରେକୃଷ୍ଣ କର ମୁଖ୍ୟବକ୍ତା ଭାବେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ସାମାଜିକ ଓ ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ।


ବ୍ରାହ୍ମଣୀ ନଦୀ କୂଳରେ ବୋଇତବନ୍ଦାଣ ଉତ୍ସବ।

ସମାଜ ୫୫ ସମିତିର ଉପସଭାପତି ବୈଦନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ନରୋତ୍ତମ ରାଉତ, ଜିଲା ପରିଷଦ ସଦସ୍ୟା ଅର୍ଚ୍ଚନା ସାହୁ, ୫୫ ସମିତିର ଉପସଭାପତି ଅନୁକୂଳ ସାହୁ, ସମାଜ ଉପଦେଷ୍ଟା ବିନୋଦ କୁମାର ସାହୁ, ସମ୍ପାଦକ ପ୍ରମୋଦ କୁମାର ସାହୁ, ସମିତି ଉପସଭାପତି ରବି ନାରାୟଣ ମହାପାତ୍ର, କୃଷ୍ଣଚନ୍ଦ୍ର ନାୟକ ଓ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସାଧବବୋହୂ ବେଶରେ ଶୋଭାଯାତ୍ରା


ଯୋରନ୍ଦାପାଟଣାରେ ବୋଇତ ବନ୍ଦାଣ ଉତ୍ସବ।

ଢେଙ୍କାନାଳ ଅଫିସ,୧୨।୧୧

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯୋରନ୍ଦାପାଟଣା ତୈଳିକ ବୈଶ୍ୟ ସମାଜ ପକ୍ଷରୁ ୧୪ତମ ବୋଇତ ବନ୍ଦାଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ମହିଳାମାନେ ସ୍ଥାନୀୟ ପୁଷ୍କରିଣୀରେ ଡଙ୍ଗା ଭସାଇଥିଲେ। ସକାଳ ୮ଟାରେ ଏକ ସୁସଜ୍ଜିତ ବୋଇତରେ ୭ ଜଣ ସାଧବ ବୋହୂ ବେଶରେ ସଜେଇ ହୋଇ ଶୋଭାଯାତ୍ରାରେ ଯୋରନ୍ଦା, ଯୋରନ୍ଦା ପାଟଣା, ତାରିଣୀ ବଜାର, ଜାମୁସରା, ନାଟିମା ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇଯାଇଥିଲା। ତୈଳିକ ବୈଶ୍ୟ ସମାଜର ଦିଗମ୍ବର ସାହୁ, କାହ୍ନୁଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ସୁଧାକର ସାହୁ, ପ୍ରହ୍ଲାଦ ସାହୁ, ତ୍ରିଲୋଚନ ସାହୁ, ପ୍ରକାଶ କୁମାର ସାହୁ, ବୈରାଗୀ ଚରଣ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସିମିନଈରେ ବାଲୁକା କଳା ପ୍ରଦର୍ଶିତ

ଢେଙ୍କାନାଳ ଅଫିସ,୧୨।୧୧

ଢେଙ୍କାନାଳ ଜିଲା ସିମିନଈ ଗ୍ରାମରେ ମଙ୍ଗଳବାର କାର୍ତ୍ତିକ ପୂର୍ଣ୍ଣିମା ପାଳନ ଅବସରରେ ବାଲୁକା କଳା ପ୍ରଦର୍ଶନ ହୋଇଥିଲା। ବାଲୁକା ଶିଳ୍ପୀ ସୁବ୍ରତ ମହାରଣା ଏବଂ ରୁଦ୍ର ନାରାୟଣ ମହାରଣା ବାଲୁକା କଳା ପ୍ରଦର୍ଶନ କରିଥିଲେ। ଗ୍ରାମବାସୀ ପ୍ରତ୍ୟୁଷରୁ ଗ୍ରାମ ଦେବତୀ ଓ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ଜଳାଶୟଗୁଡିକରେ ଡଙ୍ଗା ଭସାଇଥିଲେ। ଗ୍ରାମର କମେଇଶୁଣୀ, ଲକ୍ଷ୍ମୀନାରାୟଣ ମନ୍ଦିର ସହିତ ଶିବ ମନ୍ଦିରର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବାଲୁକା କଳାକୁ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଜମିଥିଲା।


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସିମିନଈରେ ପ୍ରଦର୍ଶିତ ବାଲୁକା କଳା।


## LEGAL NOTICE

To,
All the Concern,
Sir/Madam,
You had given your vehicle at M/s UTKAL AUTOMOBILES LTD. for repair, and the detail of your Repair Order is as mentioned below:

| Sl. No. | Registered Owners Name | Model | Vehicle Regd. No. | R.O. Date |
|---|---|---|---|---|
| Vehicles at Hyundai workshop, Pahal: HYUNDAI | | | | |
| 1 | Mr. GIRIJA SANKAR DAS | EON | OR-02BV 3321 | 21.11.2011 |
| 2 | Mr. PRAKASH CHANDRA DAS | XCENT | OD-05Q 8694 | 30.01.2017 |
| 3 | Mrs. PARVATI GAWN | Santro | OR-02AP 3068 | 19.08.2007 |
| 4 | M/s. RSD DEALMARK PVT | VERNA | WB-02AA 6900 | 24.04.2017 |
| 5 | Mr. SUVANKAR ASIRWAD | XCENT | OD-02X 9934 | 07.05.2017 |
| 6 | Mr. SHIRSENDU CHATTERJEE | I10 | HR-06V 9282 | 17.02.2017 |
| 7 | Mr. GOLEKH SWAIN | I10 | OD-02AM 0325 | 07.08.2017 |
| 8 | Mr. DEBASHIS BEHERA | VERNA | OD-02AA 2375 | 30.12.2018 |
| 9 | Mr. SAIKH SUBANI | I10 | AP-27AN 3939 | 13.01.2017 |

Even though you have been notified by our legal advisor to take back your vehicle by settling the dues of the company but till today you have not turned up. So the company is constrained to publish that we are not going to be held responsible in any manner if anything happens to your above mentioned vehicle.
From:
UTKAL AUTOMOBILES LTD.
(an authorized dealer of Hyundai vehicles)
UTKAL Plot No. 517, NH-16, Pahal, Nakhara, Bhubaneswar – 752101



## ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼

ବିଜ୍ଞାପନ ସଂଖ୍ୟା.3687/ସଇରାତ ତା.04.11.19

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲା ଅନ୍ତର୍ଗତ ଶେରଗଡ଼ ତହସିଲରେ ଥିବା ଗୋବିନ୍ଦପୁର ଏବଂ ଲକ୍ଷ୍ମୀନୃସିଂହପୁର ସଇରାତ ଉତ୍ସଗୁଡ଼ିକୁ ଆଗାମୀ ୨(ଦୁଇ) ବର୍ଷ ନିମନ୍ତେ ୨୦୧୯-୨୦୦ରୁ ୨୦୨୦-୨୧ ପର୍ଯ୍ୟନ୍ତ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଲିଜନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।

ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ପ୍ଲଟ୍ ନଂ., ରକବା ଏବଂ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ଗଞ୍ଜାମ ଜିଲା ୱେବ୍‌ସାଇଟ୍ 'http://ganjam.nic.in'ରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାରଙ୍କ କାର୍ଯ୍ୟାଳୟ ସହ ତା୨୦।୧୧।୨୦୧୯ରିଖଠାରୁ ତା୨୭।୧୧।୨୦୧୯ରିଖ ମଧ୍ୟରେ ସରକାରୀ କାର୍ଯ୍ୟଦିବସରେ ଯୋଗାଯୋଗ କରିପାରନ୍ତି।

ସ୍ୱା./- ତହସିଲଦାର, ଶେରଗଡ଼




## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**




ସ୍ୱର୍ଗତା ଶକୁନ୍ତଳା ମହାନ୍ତି
ଧାମରା, ଭଦ୍ରକ
ଆବିର୍ଭାବ: ୦୧।୦୮।୧୯୬୭
ତିରୋଧାନ: ୧୩।୧୧।୨୦୧୪
ମା', ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୫୧୩୫

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ସୁବୋଧ କୁମାର ଦତ୍ତ
୧୩୧, ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୨।୧୯୨୮
ତିରୋଧାନ: ୨୭।୧୧।୨୦୦୪
ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା ଓ କର୍ତ୍ତବ୍ୟନିଷ୍ଠା ଆମ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇ ସଦା ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଆପଣଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୧୫୧୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ କରୁଣାକର ସାହୁ
ଦୋଳପଦୀ, ବନ୍ତ, ଭଦ୍ରକ
ଆବିର୍ଭାବ: ୦୭।୦୧।୧୯୩୬
ତିରୋଧାନ: ୧୩।୧୧।୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାବାହୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
କନ୍ୟା, ପୁତ୍ର, ପୁତ୍ରବଧୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୧୯୬

■ ନୂତନ ଖାଉଟି ସୁରକ୍ଷା ଆଇନକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

# 'ରାଜ୍ୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିୟମାବଳୀ କର'

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଖାଉଟି ସୁରକ୍ଷା ଆଇନ ୧୯୮୬ ବଦଳରେ କେନ୍ଦ୍ର ସରକାର ନୂତନ ଖାଦ୍ୟ ସୁରକ୍ଷା ଆଇନ-୨୦୧୯ ପ୍ରଣୟନ କରିଛନ୍ତି। ଏହି ଆଇନ କାର୍ଯ୍ୟକାରୀ କରିବାକୁ ଆବଶ୍ୟକୀୟ ନିୟମାବଳୀ ପ୍ରସ୍ତୁତ କରାଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରସ୍ତାବକୁ ନିୟମାବଳୀରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ୍‌ଙ୍କୁ ଚିଠି ଲେଖିଛନ୍ତି।

କେନ୍ଦ୍ରମନ୍ତ୍ରୀ ପାଶ୍ୱାନଙ୍କୁ ଲେଖିଥିବା ଚିଠିରେ ମନ୍ତ୍ରୀ ସ୍ୱାଇଁ ଉଲ୍ଲେଖ କରିଛନ୍ତି ଯେ, ନୂତନ ଆଇନ ଅନୁଯାୟୀ କେନ୍ଦ୍ରୀୟ ଖାଉଟି ସୁରକ୍ଷା ପରିଷଦରେ ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ସଭ୍ୟ ହିସାବରେ ଅନ୍ତର୍ଭୁକ୍ତ କରାଯାଉ। ଆଇନର ଧାରା ୨୯ ଅନୁଯାୟୀ ଜିଲା ଖାଉଟି ବିବାଦ ସମାଧାନ ଆୟୋଗରେ ସଭାପତି ଓ ସଭ୍ୟମାନଙ୍କ ଇସ୍ତଫା ଗ୍ରହଣ ଏବଂ ଅପସାରଣ କ୍ଷମତା ରାଜ୍ୟ ହାତରେ ନ୍ୟସ୍ତ କରାଯିବାର ଆବଶ୍ୟକତା ଅଛି। ସେହିପରି ଧାରା ୩୦ ଅନୁଯାୟୀ ଜିଲା ଆୟୋଗ ସଭାପତି ଓ ସଦସ୍ୟମାନଙ୍କ ଦରମା, ଭତ୍ତା ଆଦି ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅଭିଯୋଗ ଦାଖଲ କରିବା ସମୟରେ ଖାଉଟି ନଗଦ କିମ୍ବା ଇଲେକ୍‌ଟ୍ରୋନିକ୍ ଫର୍ମାଟ୍‌ରେ ଦାଖଲ କରିଥିବା ଦେୟଗୁଡ଼ିକ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ହେଡ୍‌ସ ଅଫ୍ ଆକାଉଣ୍ଟରେ ଦାଖଲ ହେବ। ଏହି ଅର୍ଥରାଶିକୁ ରାଜ୍ୟ ଖାଉଟି କଲ୍ୟାଣ ପାଣ୍ଠିରେ ଜମା ରଖାଯିବ। ଖାଉଟି ବିବାଦ ସମାଧାନ ଆୟୋଗଙ୍କ ଇସ୍ତଫା ଗ୍ରହଣ କିମ୍ବା ଅପସାରଣ କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ନ୍ୟସ୍ତ କରିବା ଦରକାର। ସେହିପରି ରାଜ୍ୟ କମିଶନର ସଭାପତି ଓ ସଭ୍ୟମାନଙ୍କ ଦରମା ଓ ଭତ୍ତା ଆଦି ଖର୍ଚ୍ଚ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଖାଉଟି ମଧ୍ୟସ୍ଥତା ସେଲ୍ ରାଜ୍ୟ ସରକାରଙ୍କ ଦ୍ୱାରା ସୁପାରିସକ୍ରମେ କରାଯାଉ। ଇ-କମର୍ସ ଓ ସିଧାସଳଖ ବିକ୍ରି ବ୍ୟବସ୍ଥାରେ ଅନୈତିକ ବ୍ୟବସାୟ ରୋକିବା ଓ ଖାଉଟିମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମୁଚିତ ପଦକ୍ଷେପ ନେବା ଆବଶ୍ୟକ। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ କୌଣସି ଖାଉଟି ବିବାଦ ସମ୍ପର୍କରେ ସିଧାସଳଖ ଜିଲାପାଳଙ୍କଠାରୁ ରିପୋର୍ଟ ତଲବ କରିବା ବ୍ୟବସ୍ଥା ରହିଛି। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷଙ୍କ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ରହିବାର ବ୍ୟବସ୍ଥା ରହିଛି ମାତ୍ର ଓଡ଼ିଶା ସହିତ ସମସ୍ତ ରାଜ୍ୟଗୁଡିକରେ ଏହାର ଆଞ୍ଚଳିକ କର୍ଯ୍ୟାଳୟ ଖୋଲାଯାଉ। କେନ୍ଦ୍ରୀୟ ଖାଉଟି ସୁରକ୍ଷା କର୍ତ୍ତୃପକ୍ଷ ରାଜ୍ୟ କିମ୍ବା ଜିଲା କମିଶନର ଖାଉଟି ମାମଲାରେ ସିଧାସଳଖ ହସ୍ତକ୍ଷେପ କରିବାର କ୍ଷମତା ରହିଥିବାବେଳେ ଏଥିରେ ପରିବର୍ତ୍ତନ କରାଯିବାର ଆବଶ୍ୟକତା ରହିଛି। ନିର୍ଦ୍ଦିଷ୍ଟ ମାମଲା ସମ୍ପର୍କରେ ପ୍ରଥମେ ରାଜ୍ୟ ସରକାରଙ୍କ ମତାମତ ନେବା ପାଇଁ କୁହାଯାଇଛି। ନୂତନ ଆଇନରେ ଜିଲା ତଥା ରାଜ୍ୟ ଖାଉଟି କମିଶନରେ ସଭାପତି ଓ ସଦସ୍ୟମାନଙ୍କର ନିଯୁକ୍ତି ସମ୍ପର୍କରେ ଚୟନ, ନିଯୁକ୍ତି ସର୍ତ୍ତାବଳୀ, ନିଯୁକ୍ତି ଅବଧି, ଇସ୍ତଫା, ଅପସାରଣ ଆଦି କ୍ଷମତା କେନ୍ଦ୍ର ସରକାରଙ୍କ ନିକଟରେ ଥିବାବେଳେ ଏହାକୁ ପରିବର୍ତ୍ତନ କରି ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା କାଏମ ରଖିବା ଦରକାର। ଜିଲା ଓ ରାଜ୍ୟ ଆୟୋଗର ସଭାପତି ଓ ସଦସ୍ୟମାନଙ୍କ ଦରମା ଓ ଭତ୍ତା ଆଦି ଖର୍ଚ୍ଚ ବ୍ୟତୀତ ଏହାର ପରିଚାଳନାଗତ ଖର୍ଚ୍ଚର ୭୫ପ୍ରତିଶତ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏତଦ୍‌ବ୍ୟତୀତ ମହିଳାମାନଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ଦେବା ଦିଗରେ ଆୟୋଗରେ ଜଣେ ମହିଳା ସଦସ୍ୟା ରଖିବା ପାଇଁ ବାଧ୍ୟତାମୂଳକ ବୋଲି ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟମାବଳୀ ଚୂଡ଼ାନ୍ତ କରିବା ପୂର୍ବରୁ ସମସ୍ତ ରାଜ୍ୟ ସରକାରଙ୍କ ସହିତ ଏ ସଂକ୍ରାନ୍ତରେ ବିସ୍ତୃତ ବିଚାର ଆଲୋଚନା କରିବାକୁ ମନ୍ତ୍ରୀ ସ୍ୱାଇଁ ଚିଠିରେ ଉଲ୍ଲେଖ କରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଉତ୍କଳିକା ମିଶ୍ର



ଗୋପୀନାଥ ସା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜି ବିଜେଡି ବିଧାୟକ ଦଳ ବୈଠକ

ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ):** ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ବୁଧବାରଠାରୁ ଆରମ୍ଭ ହେବ। ଚଳିତ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିରିକ୍ତ ବଜେଟ ଆଣିବାକୁ ଯାଉଛନ୍ତି। ଏହି ବଜେଟର ଆକାର ପ୍ରାୟ ୮୩୦୦ କୋଟି ଟଙ୍କା ରହିଥିବା ଜଣାପଡ଼ିଛି। ସାଧାରଣ ନିର୍ବାଚନ ପରେ ଏହା ଦ୍ୱିତୀୟ ଅଧିବେଶନ। ପୂର୍ବାପେକ୍ଷା ବିରୋଧୀ ଦଳ ଭାଜପାର ସଂଖ୍ୟା ବୃଦ୍ଧି ପାଇଛି। ସଂଖ୍ୟା ଦୃଷ୍ଟିରୁ କମ୍ ହୋଇଥିଲେ ମଧ୍ୟ କଂଗ୍ରେସ ଗୃହ ଭିତରେ ପ୍ରଭାବୀ ପ୍ରଦର୍ଶନ କରୁଛି। ତେଣୁ ବିରୋଧୀଙ୍କ କିପରି ସଫଳ ମୁକାବିଲା କରାଯିବ, ସେ ନେଇ ପୂର୍ବାହ୍ନ ୧୦ଟାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ବିଧାୟକ ଦଳ ନେତା ନବୀନ ପଟ୍ଟନାୟକ ଏହାର ଅଧକ୍ଷତା କରିବେ। ନିକଟରେ ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଉଭୟ ଭାଜପା ଏବଂ କଂଗ୍ରେସ ବିଧାନସଭାରେ ଉଠାଇବେ। ଭାଜପା ଏହି ପ୍ରସଙ୍ଗରେ ବିଧାନସଭା ଚଳାଇଦେବ ନାହିଁ ବୋଲି ପୂର୍ବରୁ କହିସାରିଛି। କଂଗ୍ରେସ ମଧ୍ୟ ଏହାକୁ ଆୟୁଧ କରି ଶାସକ ଦଳକୁ ଘେରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି। ତେଣୁ ଏହି ପ୍ରସଙ୍ଗକୁ ବିଜେଡି କିପରି ମୁକାବିଲା କରିପାରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

■ ମାଟିଆଗୁଣ୍ଡି ପୋକ ଫସଲ ଉଜାଡ଼ିଲା

## ଧାନ କ୍ଷେତରେ ନିଆଁ ଲଗାଇଲେ ଚାଷୀ

**କର୍ଲାମୁଣ୍ଡା,୧୨।୧୧(ଡି.ଏନ.ଏ.)**

ବର୍ଷକର ଧାନ ଅମଳ ହେବା ପୂର୍ବରୁ ଲାଗିଲା ରୋଗ ପୋକ। ବିପିଏଚ୍ ରୋଗ ଲାଗି ପ୍ରାୟ ୧ ଏକର ସ୍ୱର୍ଣ୍ଣ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡିଗଲା। ଏକାଧିକବାର କୀଟନାଶକ ସିଞ୍ଚନ କରିଥିଲେ ମଧ୍ୟ ତାହା କାମରେ ଆସିଲାନି। ଶେଷରେ ନିରୂପାୟ ହୋଇ ଚାଷୀ ନିଜ କ୍ଷେତରେ ନିଆଁ ଲଗାଇଦେଲେ। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗ୍ରାମରେ ଏଭଳି ଘଟଣା ଘଟିଛି । ଏହି ଗ୍ରାମର ଖଗେଶ୍ୱର ଭୋଇଙ୍କ ମାତ୍ର ୨ ଏକର ଚାଷ ଜମି ରହିଛି। ସ୍ତ୍ରୀ ଓ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପରିବାର ପାଇଁ ଏହି ଚାଷ ଜମି ବର୍ଷକର ଆହାର ଯୋଗାଇଥାଏ। ଗରିବ ପରିବାର ଖଗେଶ୍ୱର ଧାର କରଜ କରି ୨ ଏକର ଜମିରେ ଧାନ ଚାଷ କରିଥିଲେ। କିନ୍ତୁ ସ୍ୱର୍ଣ୍ଣଧାନ କରିଥିବା ପ୍ରାୟ ୧ ଏକର ଜମିରେ ଗତ କିଛି ଦିନ ତଳେ ମାଟିଆଗୁଣ୍ଡି ପୋକ ବ୍ୟାପି ଲାଗିଲା। ଗ୍ରାମବାସୀ ତଥା କୃଷି ବିଭାଗ ପରାମର୍ଶରେ କୀଟନାଶକ ସିଞ୍ଚନ କରିଥିଲେ। ବାରମ୍ବାର ସିଞ୍ଚନ ପରେ ବି ରୋଗ ନିୟନ୍ତ୍ରଣ ହେବା ବଦଳରେ ବ୍ୟାପକ ରୂପ ନେଲା। ପରେ ନିରୂପାୟ ଖଗେଶ୍ୱର ୧ ଏକର ଜମିରେ ନିଆଁ ଲଗାଇ ଦେଇଥିବା କହିଛନ୍ତି। ଏ ନେଇ ଭାରପ୍ରାପ୍ତ ତହସିଲଦାର ସର୍ବେଶ୍ୱର ଜାଲଙ୍କୁ ପଚାରିବାରୁ ଆପଣଙ୍କ ଜରିଆରେ ହିଁ ଏହି ଖବର ଶୁଣିବାକୁ ପାଇଲି। ଘଟଣାସ୍ଥଳକୁ ଯୋରାଡବ୍ରା ଆର୍‌ଆଇ ଯାଇ ତଦନ୍ତ କରିବେ ବୋଲି କହିଥିଲେ। ଅନ୍ୟପଟେ ଏହି ବ୍ଲକର ଯୋରାଡବ୍ରା ଓ ସାପଲହରା ପଞ୍ଚାୟତର ବିଭିନ୍ନ ଗାଁରେ ମାଟିଆଗୁଣ୍ଡି ପୋକ ଯୋଗୁ ଧାନଚାଷ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଏହି କ୍ଷୁଦ୍ରଚାଷୀଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ କର୍ଲାମୁଣ୍ଡା କୃଷକ କଲ୍ୟାଣ ମଞ୍ଚ ଦାବି କରିଛି।



ଚାଷ ଜମିରେ ଚାଷୀ ନିଆଁ ଲଗାଇଦେଇଛନ୍ତି।

■ ଗାଁସାଥୀଙ୍କ ଗଣଧାରଣା ଅବ୍ୟାହତ

## ଆଉ ଏକ ବଡ଼ ଆନ୍ଦୋଳନର ପ୍ରସ୍ତୁତି

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ଶାଖା ତରଫରୁ ଗତ ୪ ତାରିଖରୁ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଗଣଧାରଣା ଅବ୍ୟାହତ ରହିଛି। ସ୍ଥାୟୀ ନିଯୁକ୍ତି, ମାସିକ ୬ ହଜାରରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରଦାନ, ପଞ୍ଚାୟତିରାଜ ବିଭାଗ ଚିଠି ନଂ-୧୭୧୩୭କୁ ସମ୍ପୂର୍ଣ୍ଣ ବାତିଲ, କାର୍ଯ୍ୟ ପାଉ ନ ଥିବା ଗାଁସାଥୀ (ମେଟ୍)ଙ୍କୁ କ୍ଷତିପୂରଣ ଦେବା ଲାଗି ସ୍ୱତନ୍ତ୍ର କର୍ପସ ପାଣ୍ଠି ଗଠନ ଓ ୩ଟି ଗାଁସାଥୀ (ମେଟ୍) ବିରୋଧୀ ଚିଠିର ଆବଶ୍ୟକୀୟ ପରିବର୍ତ୍ତନ ଆଦି ୫ ଦାବି ନେଇ ଧାରଣା ଚାଲିଛି। ଧାରଣାସ୍ଥଳରେ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାରା ଓଡ଼ିଶାର ଗାଁସାଥୀ (ମେଟ୍) ସଂଘର ରାଜ୍ୟ, ଜିଲା ଓ ବ୍ଲକ କମିଟି ସଭ୍ୟସଭ୍ୟାମାନେ ଆସନ୍ତା ୧୮ ତାରିଖ ସକାଳ ୯ଟାରେ ଧାରଣାସ୍ଥଳରେ ଏକତ୍ରିତ ହେବାକୁ ରାଜ୍ୟ ସଂଘ ଆହ୍ୱାନ ଦେଇଛି। ସେଠାରେ ପୁନର୍ବାର ନଭେମ୍ବର ଶେଷ ସୁଦ୍ଧା ଏକ ବିଶାଳ ରାଲିର ଆୟୋଜନ କରାଯାଇ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ଗାଁସାଥୀ ସଙ୍ଗଠକ ସୁଶାନ୍ତ ସେଠୀ, କୁଳମଣି ମେଷ୍ଟା, ସୌଭାଗ୍ୟ ମିଶ୍ର, କୃଷ୍ଣ କୁରାମୀ, ଶଙ୍କର୍ଷଣ ପଲାଇଙ୍କ ସମତେ ୫ଶହରୁ ଉର୍ଦ୍ଧ୍ୱ ଗାଁସାଥୀ ସଙ୍ଗଠକ ଉପସ୍ଥିତ ଥିଲେ।

## ଚାକିରି ପ୍ରଲୋଭନ ଦେଖାଇ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର

**ସଜନାଗଡ଼, ୧୨।୧୧(ଡି.ଏନ.ଏ.)**

ଚାକିରି ପ୍ରଲୋଭନ ଦେଖାଇ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ଆଦିବାସୀ ବିଧବାଙ୍କୁ ଗଣବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ପୀଡିତାଙ୍କ ସହ ଅନ୍ୟ ମହିଳାମାନେ ଏକାଠି ହୋଇ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ. ୨୮୮/୧୯) ରୁଜୁ କରାଯାଇଛି। ପୀଡ଼ିତାଙ୍କୁ ଡାକ୍ତରୀମାଇନା କରାଯାଇଥିବା ସବ୍‌ଇନ୍ସପେକ୍ଟର ଗଣେଶ ତ୍ରିପାଠୀ ସୂଚନ ଦେଇଛନ୍ତି।

ଗତ ୬ ତାରିଖ ସନ୍ଧ୍ୟାରେ ଖନ୍ତାପଡ଼ା ଥାନା ରାମନଗର ଗ୍ରାମର ବାପୁନୁ ସିଂ (୧୯) ଉକ୍ତ ମହିଳାଙ୍କ ଘରେ ପହଞ୍ଚି ଏକ ଚିଙ୍ଗୁଡ଼ି କମ୍ପାନୀରେ ଚାକିରି କରାଇଦେବାକୁ ପ୍ରସ୍ତାବ ଦେଇଥିଲେ। ମହିଳାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ବାପୁନୁଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ। ରାତି ପ୍ରାୟ ୧୦ଟା ବେଳେ ବାପୁନୁ ଉକ୍ତ ଅଞ୍ଚଳର ତପନ ସିଂ (୨୫) ଓ କୁନ୍ଥା ସିଂ (୩୨) ନାମକ ଦୁଇ ଯୁବକଙ୍କ ସହିତ ମହିଳାଙ୍କ ପରିଚୟ କରାଇ ଚାକିରି ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ଜଣକ ତପନ ଓ କୁନ୍ଥାଙ୍କ ସହ ଏକ ମୋଟରସାଇକେଲ ଯୋଗେ ଯାଇଥିଲେ। ଗଡ଼ଭଙ୍ଗପଦା ପୋଖରୀଠାରେ ଯୁବକଦ୍ୱୟ ମହିଳାଙ୍କୁ ଗାଡ଼ିରୁ ଓହ୍ଲାଇ ସେଠାରେ ବଳାତ୍କାର କରିଥିଲେ। ମହିଳା ଜଣକ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ସେମାନେ ତାଙ୍କୁ ଛାଡ଼ି ନ ଥିଲେ। ଏହି ଘଟଣା ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବା ପାଇଁ ମଧ୍ୟ ସେମାନେ ଧମକ ଦେଇଥିଲେ। କୌଶଳକ୍ରମେ ମହିଳାଜଣକ ସେମାନଙ୍କ କବଳରୁ ଖସି ଆସି ରାତିରେ ଘରେ ପହଞ୍ଚିଥିଲେ। ଏହା ପରଦିନ ସେ ଗ୍ରାମସଭାରେ ତାଙ୍କ ପ୍ରତି ହୋଇଥିବା ବଳାତ୍କାର ବିଷୟରେ ପ୍ରକାଶ କରିଥିଲେ। ଗ୍ରାମସଭା ତରଫରୁ ଉଭୟ ଯୁବକଙ୍କୁ ଡକାଯାଇଥିଲା। କିନ୍ତୁ ସେମାନେ ନ ଆସିବାରୁ ମହିଳାଜଣକ ନୀଳଗିରି ଥାନାର ଆଶ୍ରୟ ନେଇଛନ୍ତି।

## ଡଙ୍ଗା ଭସାଇବା ବେଳେ ନଦୀରେ ବୁଡ଼ି ୨ ମୃତ

ରାୟଗଡ଼ା ଅଫିସ ,୧୨।୧୧: ରାୟଗଡ଼ା ଜିଲାରେ ମଙ୍ଗଳବାର ଡଙ୍ଗା ଭସାଇବା ବେଳେ ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ୨ ଜଣ ହେଲେ ମୁନିଗୁଡ଼ା ଅଞ୍ଚଳର ସୁମନ ବେହେରା (୧୭) ଓ ଗୁମୁଡ଼ାର ସନ୍ତୋଷ ଜେନା । ଯୁଜିଏମ୍‌ଆଇଟି ଛାତ୍ର ସୁମନ ୩ ସାଙ୍ଗ ସହ ମିଶି ଝୁଲାପୋଲ ନିକଟ ନାଗାବଳୀ ନଦୀକୁ ଡ଼ଙ୍ଗା ଭସାଇବାକୁ ଯାଇଥିଲେ । ଡଙ୍ଗା ଭସାଉଥିବା ବେଳେ ଶ୍ୟାମସୁନ୍ଦରଙ୍କ ଗୋଡ଼ ଖସିଯାଇଥିଲା। ସାଙ୍ଗକୁ ବଞ୍ଚାଇବାକୁ ଯାଇ ସୁମନ ପାଣି ଭିତରକୁ ଯାଇଥିଲେ। ହେଲେ ଶ୍ୟାମସୁନ୍ଦର କୌଣସିମତେ କୂଳକୁ ଆସି ଯାଇଥିବା ବେଳେ ସୁମନ ଭାସିଯାଇଥିଲେ। ଖବରପାଇ ପୋଲିସ ଏବଂ ଅଗ୍ନିଶ୍ରମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଅନ୍ୟପଟେ ସୁମନଙ୍କ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଥାନାରେ ଏତଲା ଦେଇଛନ୍ତି। ସେହିପରି ଗୁଣପୁର ଗୁମୁଡ଼ାରେ ବଂଶଧାରା ନଦୀରେ ବୁଡ଼ି ଆଉ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଗୁମୁଡ଼ା ଗୋପାଳପୁରର ସନ୍ତୋଷ ଜେନା। ସନ୍ତୋଷ ବଡ଼ି ଭୋରରୁ ପରିବାର ଲୋକଙ୍କ ସହ ଡ଼ଙ୍ଗା ଭସାଇବାକୁ ବଂଶଧାରା ନଦୀକୁ ଯାଇଥିଲେ। ନଦୀରେ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ।

ସରିଲା କାର୍ତ୍ତିକ ବ୍ରତ, ଘରକୁ ବାହୁଡ଼ିଲେ ହବିଷିଆଳି

## କାଳିଆ ଚାହିଁଲେ ପୁଣି ଆର ବରଷକୁ ଦେଖା

### ସ୍ନେହର ଲୁହରେ ଭିଜିଲା ଆଶ୍ରୟସ୍ଥଳୀ

ପୁରୀ ଅଫିସ,୧୨।୧୧:

ସରିଯାଇଛି ଧର୍ମ ମାସ କାର୍ତ୍ତିକ। ଏହି ପୁଣ୍ୟ ମାସର ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଓ ପବିତ୍ର ମହୋଦଧିରେ ଡଙ୍ଗା ଭସାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏମାନଙ୍କ ମଧ୍ୟରେ ରହିଥିଲେ ହଜାର ହଜାର ହବିଷିଆଳି, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନଙ୍କ ବ୍ରତ ଶେଷ କରିଛନ୍ତି। ଏକମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ଆଶ୍ରୟସ୍ଥଳୀରେ ରହି କାର୍ତ୍ତିକ ବ୍ରତ ପାଳିଥିବା ହବିଷିଆଳି ଏବେ ଘରକୁ ଫେରିଯାଇଛନ୍ତି । ସେମାନଙ୍କୁ ସାଥୀରେ ନେବା ଲାଗି ମଙ୍ଗଳବାର ଦିନତମାମ୍ ତିନୋଟି ଆଶ୍ରୟସ୍ଥଳୀ (ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ନରେନ୍ଦ୍ରକୋଣ ସ୍ଥାୟୀ ହବିଷିଆଳି କୋଠା ଏବଂ ପୌରସଂସ୍ଥା କଲ୍ୟାଣ ମଣ୍ଡପ) ସମ୍ମୁଖରେ ଲାଗିଥିଲା ସମ୍ପର୍କୀୟଙ୍କ ଭିଡ଼।

ଶ୍ରୀକ୍ଷେତ୍ରରେ ଏହି ମାସକ ରହଣି ମଧ୍ୟରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷିଆଳି। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରା ମୂଳେ ରାଇଦାମୋଦର ପୂଜା କରୁଥିଲେ, ଏକାଠି ମହାପ୍ରସାଦ ସେବନ କରୁଥିଲେ ଆଉ ସୁଖଦୁଃଖ ବାଣ୍ଟୁଥିଲେ ସେମାନଙ୍କଠାରୁ ବିଦାୟ ନେବାର ମୁହୂର୍ତ୍ତ ଥିଲା କଷ୍ଟଦାୟକ, ଯାହାକି ଆଶ୍ରୟସ୍ଥଳୀଗୁଡ଼ିକୁ ଦେଖିଲେ ଏହା ବାରି ହୋଇପଡୁଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡ଼ାଇ ଦେଉଥିଲେ ତ ଆଉ କିଏ କାଳିଆ ଚାହିଁଲେ ପୁଣି ଆରବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଏହି ସ୍ନେହ ଓ ଆଦର କେବଳ ହବିଷିଆଳିଙ୍କ ମଧ୍ୟରେ ସୀମିତ ନ ଥିଲା, ଆଶ୍ରୟସ୍ଥଳ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବି ଛୁଇଁ ଯାଇଥିଲା। ଦିନତମାମ୍ ଆଶ୍ରୟସ୍ଥଳୀଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା। ୩ଟି ଆଶ୍ରୟସ୍ଥଳୀରେ ଥିବା ହବିଷିଆଳିଙ୍କ ମଧ୍ୟରୁ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଦେଢ ହଜାରରୁ ଊର୍ଦ୍ଧ୍ୱ ଘରକୁ ଫେରିଯାଇଥିବାବେଳେ ଅନ୍ୟମାନେ ବୁଧବାର ଯିବେ ବୋଲି ଜଣାପଡ଼ିଛି।

### ଭୁଲି ହେବନି ଭଲପାଇବା

ଆଶ୍ରୟସ୍ଥଳୀ ନୁହେଁ ପରିବାର ଭଳି ଲାଗୁଥିଲା। ମାସଟା କେମିତି ବିତିଗଲା ଜାଣିପାରିଲୁ ନାହିଁ। କାଳିଆ ଠାକୁର ତୁମମାନଙ୍କର ମଙ୍ଗଳ କରିବେ। ଖାଇବା, ପିଇବା ବଡ଼ କଥା ନୁହେଁ। ସ୍ନେହ, ଆଦର ପାଖରେ ଏ ସବୁର ମୂଲ୍ୟ କିଛି ନାହିଁ। ମା' ଭଳି ଯତ୍ନ ନେଇଛ। ଠାକୁରଙ୍କୁ କୋଟି ପ୍ରଣାମ। ସରକାରଙ୍କୁ ଧନ୍ୟବାଦ। ତୁମମାନଙ୍କୁ ମହାପ୍ରଭୁ ଭଲରେ ରଖନ୍ତୁ। ଭୁଲି ହେବନି ତୁମମାନଙ୍କ ଭଲପାଇବା। ଏତିକି କହିବା ବେଳେ ନିଜ କୋହ ସମ୍ଭାଳି ପାରି ନ ଥିଲେ ନୂଆପଡ଼ା ଜିଲାର କୁନ୍ତଳା ସାହୁ। ଘରକୁ ଫେରିଯିବା ଅବ୍ୟବହିତ ପୂର୍ବରୁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳୀ ଫାଟକ ପାଖରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆଗରେ ସେ ଏମିତି କହି କାନ୍ଦି ପକାଇଥିଲେ। ଏଠି ଅନ୍ୟମାନଙ୍କ ସହ ହସ, ଖୁସିରେ ଦିନ କାଟୁଥିଲୁ। ଏବେ ଘରକୁ ଯିବା ସମୟ ହୋଇଗଲା। ସବୁ ସେହି କାଳିଆର ଇଚ୍ଛା କହି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରିଥିଲେ କୁନ୍ତଳା। କେବଳ କୁନ୍ତଳା ନୁହଁନ୍ତି ୩ଟି ଯାକ ଆଶ୍ରୟସ୍ଥଳୀରେ ଏମିତି ଅନେକ ହବିଷିଆଳି ଘରକୁ ଫେରିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଶଂସା କରୁଥିଲେ।



## ଗୁରୁନାନକ ଜୟନ୍ତୀରେ ବାଚସ୍ପତି

## ସମ୍ପ୍ରତି ନାନକଙ୍କ ଅମୃତବାଣୀର ପ୍ରାସଙ୍ଗିକତା ରହିଛି

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ):** ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ପଞ୍ଜାବର ସୁଲତାନପୁର ଲୋଧିଠାରେ ଗୁରୁନାନକଙ୍କ ୫୫୦ତମ ଜୟନ୍ତୀ (ପ୍ରକାଶ ପର୍ବ)ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ଏହି ଉପଲକ୍ଷେ ଐତିହାସିକ ବେର୍‌ସାହିବ୍ ଗୁରୁଦ୍ୱାରଠାରେ ଆୟୋଜିତ ସଭାରେ ଯୋଗଦେଇ ଡ. ପାତ୍ର କହିଥିଲେ ଯେ, ଗୁରୁନାନକ ଦେବ ସୁଲତାନପୁର ଲୋଧିଠାରେ ୧୪ ବର୍ଷ ବିତାଇଥିଲେ। ସେ ପ୍ରତ୍ୟହ ପବିତ୍ର କାଲିବେନ୍ ନଦୀରେ ସ୍ନାନ କରି ବେର୍ ଗଛମୂଳରେ ଧ୍ୟାନ କରୁଥିଲେ। ପ୍ରଥମ ସ୍ନାନ ପରେ ତାଙ୍କର ଦିବ୍ୟଜ୍ଞାନ ପ୍ରାପ୍ତି ହୋଇଥିଲା। ସେହିପରି ଗୁରୁନାନକଙ୍କ ମତରେ କେବଳ ଜଣେ ଈଶ୍ୱର ଅଛନ୍ତି ଓ ସେ ହେଉଛନ୍ତି ସତ୍ୟ ବୋଲି ବାଚସ୍ପତି କହିଥିଲେ। ସେ ପ୍ରଥମ ଶିଖ୍‌ଗୁରୁଙ୍କର ଜୟନ୍ତୀରେ ଯୋଗଦେଇ ନିଜକୁ ଗର୍ବିତ ମନେ କରୁଥିବା ସୂର୍ଯ୍ୟପାତ୍ର କହିଛନ୍ତି। ସମ୍ପ୍ରତି ନାନକଙ୍କ ଅମୃତବାଣୀର ପ୍ରସଙ୍ଗିକତା ରହିଥିବା ବାଚସ୍ପତି ମତ ରଖିଥିଲେ। ଏହି ଅବସରରେ ହରିୟାଣାର ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର, ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧ କମିଟିର ଅଧକ୍ଷ ଗୋବିନ୍ଦ ସିଂହ ଲଙ୍ଗୱାଲ୍ ଓ ପୂର୍ବତନ ଅଧକ୍ଷା ବିବି ଜାଗିର୍ କୌର୍‌ଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ସେହି ଉତ୍ସବରେ ଯୋଗ ଦେଇଥିଲେ।

# ଯୁବକଙ୍କ ସହ ବଟି ମୂଲଚାଲର ଭିଡିଓ ଭାଇରାଲ

■ ରାତାରାତ ବଦଳିଲେ ବଡ଼ସାହି ଥାନା ଅଧିକାରୀ

**ବାରିପଦା ଅଫିସ/ ବଡ଼ସାହି, ୧୨।୧୧(ସ୍ୱ.ପ୍ର)**

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧିକାରୀ ବିଶ୍ୱଜ କୁମାର ରାଉତରାୟଙ୍କୁ ସୋମବାର ରାତିରେ ବଦଳି କରାଯାଇଛି। ତାଙ୍କୁ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ତାଙ୍କ ସ୍ଥାନରେ ସବ-ଇନ୍ସପେକ୍ଟର ମଞ୍ଜୁଲତା ଧଡ଼ାଙ୍କୁ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମଦାସ ସୂଚନା ଦେଇଛନ୍ତି। ଆଡମିନ୍‌ଷ୍ଟ୍ରେଟିଭ ଗ୍ରାଉଣ୍ଡରେ ତାଙ୍କ ବଦଳି କରାଯାଇଥିବା ଦର୍ଶାଯାଇଛି। ତେବେ ବିଭାଗୀୟ ଚିଠି ବଦଳରେ ଡିଆଇଜିର ଭିଏଚଏଫରେ ଏହି ନିର୍ଦ୍ଦେଶ ପ୍ରଦାନ କରାଯାଇଛି।



ଇନ୍ସପେକ୍ଟର ବିଶ୍ୱଜ କୁମାର ରାଉତରାୟ।

ଗତ ଅଗଷ୍ଟ ପହିଲାରେ ରାଉତରାୟଙ୍କୁ ଜିଲା ପୋଲିସ ମୁଖ୍ୟାଳୟରୁ ବଡ଼ସାହି ଥାନା ଅଧିକାରୀ ଭାବେ ବଦଳି କରାଯାଇଥିଲା। ୩ ମାସ ମଧ୍ୟରେ ଜଣେ ଥାନା ଅଧିକାରୀଙ୍କ ହଠାତ୍ ବଦଳି କରାଯିବା ନେଇ ସ୍ଥାନୀୟ ଅଞ୍ଚଳ ସମେତ ଜିଲା ପୋଲିସ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ଥାନା ଅଧିକାରୀ ରାଉତରାୟ ଓ ବୈଶିଙ୍ଗା ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ହେଉଥିବା ମୂଲଚାଲର ଏକ ୧୪ ମିନିଟ ୧୪ ସେକେଣ୍ଡର ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଭିଡିଓ ଏସ୍‌ପିଙ୍କ ହସ୍ତଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆଲୋଚନା ହେଉଛି। ଭିଡିଓରେ ଯୁବକ ଜଣକ ଇନ୍ସପେକ୍ଟର ରାଉତରାୟଙ୍କ ସହିତ ଟଙ୍କା ମୂଲଚାଲ କରୁଛନ୍ତି। ଦଶହରାରେ ଥାନାର ପୂଜା ସହିତ ସମସ୍ତ ଷ୍ଟାଫଙ୍କ ପାଇଁ ନୂଆ ଡ୍ରେସ ଅଣାଯିବ। ଏଥିପାଇଁ ବହୁତ ଖର୍ଚ୍ଚ ହେବ। ଏଣୁ ଅଧିକା ଟଙ୍କା ଦେବାକୁ ଇନ୍ସପେକ୍ଟର ଦାବି କରୁଛନ୍ତି। ସେହିପରି ରାଜସ୍ୱ ବିଭାଗର ଅଧିକାରୀଙ୍କ ସହିତ ମଧ୍ୟ ସଲାସୁତୁରା କରିବା ପାଇଁ ସଂପୃକ୍ତ ଯୁବକ ଇନ୍ସପେକ୍ଟର ରାଉତରାୟଙ୍କୁ କହୁଛନ୍ତି। ଘଟଣା ସମ୍ପର୍କରେ ଇନ୍ସପେକ୍ଟର ରାଉତରାୟଙ୍କୁ ପଚାରିବାରୁ କିଛିଦିନ ତଳେ ଏହି ଯୁବକ ବେଆଇନ ଭାବେ ମୋରମ ଚାଲାଣ କରୁଥିବାବେଳେ ତାଙ୍କର ୫ଟି ଗାଡ଼ିକୁ ପୋଲିସ ଅଟକ ରଖିଥିଲା। ସେ ଜାଣିଶୁଣି ଥାନାକୁ ଆସି ସମ୍ପର୍କ ସୃଷ୍ଟିକରିବା ସହ ଭିଡିଓ କରି ତାଙ୍କୁ ଫସାଇବାକୁ ଉଦ୍ୟମ କରିଛନ୍ତି ବୋଲି କହିଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ,ବୁଧବାର,୧୩ ନଭେମ୍ବର, ୨୦୧୯



ସାମାଜିକ ଅସମାନତାକୁ ଦୂରକରିବା ପାଇଁ ଲୋକେ ଗୁରୁ ନାନକଙ୍କ ଶିକ୍ଷାକୁ ଅନୁସରଣ କରିବା ଉଚିତ।
-ରାମନାଥ କୋବିନ୍ଦ,
ରାଷ୍ଟ୍ରପତି



## ସଂକ୍ଷେପରେ

### କଶ୍ମୀରରେ ପୁଣି ରେଳସେବା ଆରମ୍ଭ

**ଶ୍ରୀନଗର, ୧୨।୧୧(ପି.ଟି.):** ଜମ୍ମୁ-କଶ୍ମୀର ପରିସ୍ଥିତିରେ ସୁଧାର ଆସିପାରିଛି। ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ସୁରକ୍ଷା ଦୃଷ୍ଟିରୁ ବନ୍ଦ ରହିଥିବା ରେଳସେବା ୩ ମାସ ପରେ ମଙ୍ଗଳବାରଠାରୁ ପୁଣି ଆରମ୍ଭ ହୋଇଛି। ବାରାମୁଲ୍ଲା ଓ ଶ୍ରୀନଗର ମଧ୍ୟରେ ରେଳ ଚଳାଚଳ କରିଛି। ଖୁବ୍‌ଶୀଘ୍ର ଶ୍ରୀନଗର-ବନିହାଲ୍ ରେଳଲାଇନ ଦେଇ ଟ୍ରେନ ଚଳାଚଳ ସ୍ୱାଭାବିକ ହେବ ବୋଲି ରେଳୱେ ଅଧିକାରୀ ପ୍ରକାଶ କରିଛନ୍ତି। ରେଳୱେ ଟ୍ରାକ୍‌ର ସୁରକ୍ଷା ଯାଞ୍ଚ କରାଯିବା ପରେ ରେଳ ଚଳାଚଳ କରିବ ବୋଲି ସେ ମତ ଦେଇଛନ୍ତି। ଉପତ୍ୟକାର କେତେକ ସ୍ଥାନରେ ମିନିବସ୍ ସେବା ମଧ୍ୟ ଆରମ୍ଭ କରାଯାଇଛି। ବଯ୍‌ୱାରା-ବଟମାଲୁ ରୁଟ୍‌ରେ ସହର ଦେଇ କେତେକ ମିନିବସ୍ ଯାତାୟାତ କରୁଥିବା ନଜରକୁ ଆସିଛି। କାର୍ ଓ ଅଟୋରିକ୍ସା ଚଳାଚଳ କରିଛି। ପ୍ରକାଶଥାଉ କି, ଗତ ଅଗଷ୍ଟ ୫ରୁ ଟ୍ରେନ ଚଳାଚଳ ଏଠାରେ ବନ୍ଦ ରହିଥିଲା।

### ଜାଭ୍‌ଡ଼େକରଙ୍କୁ ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ, ୧୨।୧୧(ପି.ଟି.):** ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ କହିବା ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ଥିବା ଶିବସେନା ଏମ୍‌ପି ଅରବିନ୍ଦ ସାୱନ୍ତଙ୍କ ଇସ୍ତଫାପତ୍ର ଗ୍ରହଣ କରିନେଇଛନ୍ତି। ସାୱନ୍ତଙ୍କ ଇସ୍ତଫା ଗୃହୀତ ହେବା ପରେ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭ୍‌ଡ଼େକରଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତାଙ୍କ ମନ୍ତ୍ରଣାଳୟ ସହ ଜାଭ୍‌ଡ଼େକର ଭାରିଶିଳ୍ପ ଓ ପବ୍ଲିକ ଏଣ୍ଟରପ୍ରାଇଜେସ୍ ବିଭାଗର ଦାୟିତ୍ୱ ତୁଲାଇବେ ବୋଲି ରାଷ୍ଟ୍ରପତିଭବନ ମୁଖପାତ୍ର ପ୍ରକାଶ କରିଛନ୍ତି।

### 'ସାମ୍ବିଧାନିକ ପ୍ରକ୍ରିୟାକୁ ଉପହାସ କରିଛନ୍ତି ରାଜ୍ୟପାଳ'



**ନୂଆଦିଲ୍ଲୀ,୧୨।୧୧(ପି.ଟି.):** ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସୁପାରିସ କରି ସାମ୍ବିଧାନିକ ପ୍ରକ୍ରିୟାକୁ ଉପହାସ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ମଙ୍ଗଳବାର ସମାଲୋଚନା କରାଯାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ରାଜ୍ୟପାଳ ଭାଜପା, ଶିବସେନା ଏବଂ ଏନ୍‌ସିପିକୁ ସରକାର ଗଠନ ଲାଗି ମନଇଚ୍ଛା ସମୟ ଦେଇଛନ୍ତି। ଏହା ଲଜ୍ଜାଜନକ, ଅସାଧୁ ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ରାଜ୍ୟପାଳ କୋଶିୟାରୀ ଗଣତନ୍ତ୍ରକୁ ଗଭୀର କ୍ଷତି ପହଞ୍ଚାଇଥିବା ସୁର୍ଜେୱାଲା କହିଛନ୍ତି।



ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ ଅବସରରେ ଅମୃତସରର ସ୍ୱର୍ଣ୍ଣମନ୍ଦିରରେ ଶ୍ରଦ୍ଧାଳୁମାନେ ମହମବତି ଜଳାଉଛନ୍ତି।



୨୫ତମ କୋଲକାତା ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଅବସରରେ କୋଲକାତାର ନନ୍ଦନରେ ଏକ ହାତଟଣା ରିକ୍ସା ଉପରେ ବସିଛନ୍ତି କୁର୍ଦ୍ଦିଶ ନିର୍ଦ୍ଦେଶକ ଏର୍ସିନ ସେଲିକ୍।

## ରାଷ୍ଟ୍ରପତି ଶାସନ ଲାଗୁ ହେବା ସତ୍ତ୍ୱେ

# ସରକାର ଗଠନ ଉଦ୍ୟମ ଜାରି

**ମୁମ୍ବାଇ,୧୨।୧୧(ଆଇଏଏନ୍‌ଏସ୍)**

ମହାରାଷ୍ଟ୍ରରେ ମଙ୍ଗଳବାର ରାଷ୍ଟ୍ରପତି ଶାସନ ଜାରି କରାଯିବା ପରେ ସବୁ ରାଜନୈତିକ ଦଳ ବିସ୍ମିତ ହେବା ସତ୍ତ୍ୱେ ସରକାର ଗଠନ ପ୍ରକ୍ରିୟାରୁ ଓହରିନାହାନ୍ତି। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ସନ୍ତୁଷ୍ଟ ହେବା ଭଳି ଭିନ୍ନ ଭିନ୍ନ ରାଜନୈତିକ ସମୀକରଣ ସୃଷ୍ଟିକରି ସରକାର ଗଢ଼ିବା ପାଇଁ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ପକ୍ଷରୁ ଉଦ୍ୟମ ଚାଲିଥିବାବେଳେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ମଧ୍ୟ ଏଥିରୁ ପଛରେ ପଡ଼ିନାହିଁ। ଏହାକୁ ନେଇ ମହାରାଷ୍ଟ୍ରରେ ଛକାପଞ୍ଝା ଚାଲିଥିବାବେଳେ ଦିଲ୍ଲୀ ରାଜନୀତି ମଧ୍ୟ ସରଗରମ ହୋଇଛି। ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ମହାରାଷ୍ଟ୍ରର ୫୯ ବର୍ଷର ଇତିହାସରେ ଏହାକୁ ମିଶାଇ ୩ ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଏହା ପୂର୍ବରୁ ୧୯୮୦ ଫେବୃୟାରୀରୁ ଜୁନ୍ ମଧ୍ୟରେ ୧୧୨ ଦିନ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ସେହିପରି ୨୦୧୪ ସେପ୍ଟେମ୍ବର-ଅକ୍ଟୋବରରେ ୩୩ ଦିନ କେନ୍ଦ୍ରୀୟ ଶାସନ ଅଧୀନରେ ରହିଥିଲା ଏହି ରାଜ୍ୟ। ଅକ୍ଟୋବର ୨୧ରେ ନିର୍ବାଚନ ଫଳ ୨୪ ତାରିଖରେ ଆସିବା ପରେ ରାଜନୈତିକ ସଙ୍କଟକୁ ନେଇ ଜାରି ସଦ୍ୟ ରାଷ୍ଟ୍ରପତି ଶାସନ ସବୁଠୁ ବଡ଼ ଦଳ ଭାଜପା ପାଇଁ ଆଶ୍ୱସ୍ତି ଆଣିଦେଇଥିବାବେଳେ ଏନ୍‌ସିପି, କଂଗ୍ରେସ ଓ ଶିବସେନା ମଧ୍ୟ ପରସ୍ପର ପାଇଁ ଗ୍ରହଣଯୋଗ୍ୟ ହେବା ଭଳି ବୁଝାମଣା କରିବାକୁ ସମୟ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି, ରାଜ୍ୟପାଳଙ୍କୁ ଆମେ ୪୮ ଘଣ୍ଟା ମାଗିଥିଲୁ। କିନ୍ତୁ ସେ ରାଷ୍ଟ୍ରପତି ଶାସନ ଜାରି କରି ୬ ମାସ ସମୟ ଦେଇଛନ୍ତି। ଯଦି ଜମ୍ମୁ-କଶ୍ମୀରରେ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ସହ ମିଶି ଭାଜପା ସରକାର ଗଠନ କରିପାରୁଛି ତେବେ ଆମେ କାହିଁକି ଏନସିପି-କଂଗ୍ରେସ ସହ ମିଶି ନ ପାରିବୁ। ହିନ୍ଦୁତ୍ୱର ମାନେ କେବଳ ରାମମନ୍ଦିର ନିର୍ମାଣ ନୁହେଁ। ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ କାର୍ଯ୍ୟକାରୀ କରିବା ଆବଶ୍ୟକତା ରହିଛି, ଯାହା ଉପରେ ଆମେ କାମ କରୁଛୁ ବୋଲି ଉଦ୍ଧବ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଶିବସେନାର ମହାରାଷ୍ଟ୍ରର ଜନାଦେଶକୁ ଅସମ୍ମାନ କରିଛି ବୋଲି ବରିଷ୍ଠ ଭାଜପା ନେତା ସୁଧୀର ମୁଙ୍ଗନ୍ତିୱାର ସମାଲୋଚନା କରିଛନ୍ତି। ଭାଜପା ନେତା ନାରାୟଣ ରାଣେ କହିଛନ୍ତି, ଶିବସେନା, ଏନ୍‌ସିପି ଓ କଂଗ୍ରେସ ସରକାର ଗଢ଼ିପାରିବେ ନାହିଁ। ଭାଜପା ସରକାର ଗଠନ ପାଇଁ ଉଦ୍ୟମ କରିବ ଓ ସଫଳ ହେବ। ଏନ୍‌ସିପି ନେତାମାନେ ମଧ୍ୟ ସରକାର ଗଠନ ପାଇଁ ଉଦ୍ୟମ ଚଳାଇଛନ୍ତି। ଏନ୍‌ସିପି ଥରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଢ଼ିବା ପରେ ଶପଥ ଗ୍ରହଣ କରାଯିବ ବୋଲି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ତେବେ ତାଙ୍କ ଦାଦା ତଥା ଦଳର ମୁଖ୍ୟ ଶରଦ ପାୱାର ତରବରିଆ ଭାବେ ପଦକ୍ଷେପ ନିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଆଇନ ବିଶେଷଜ୍ଞଙ୍କ ମତରେ ନବନିର୍ବାଚିତ ବିଧାୟକମାନେ ଜଣେ ପ୍ରୋଟେମ୍ ସ୍ପିକର (କାମଚଳା ବାଚସ୍ପତି, ଯାହାଙ୍କୁ ରାଜ୍ୟପାଳ ନିଯୁକ୍ତ କରିଥାନ୍ତି)ଙ୍କ ଦ୍ୱାରା ଶପଥ ନେଇ ନ ଥିବାରୁ ରାଜ୍ୟରେ ବିଧାନସଭାର ଅସ୍ତିତ୍ୱ ନାହିଁ। ତେଣୁ ରାଷ୍ଟ୍ରପତି ଶାସନ ଚାଲିଥିବା ଅବଧି ମଧ୍ୟରେ ଏହାକୁ ନିଲମ୍ବନ ଅବସ୍ଥାରେ ରଖାଯିବାର ପ୍ରଶ୍ନ ଉଠୁନାହିଁ। ଗୃହ ଗଠିତ ହୋଇ ନ ଥିବାରୁ ଅନ୍ୟ ପଦକ୍ଷେପଗୁଡ଼ିକ କିପରି ପ୍ରଭାବକୁ ଆସିପାରିବ। କୌଣସି ଦଳ ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ସରକାର ଗଠନ ପାଇଁ ତାଙ୍କୁ ବୁଝାଇବା ପରେ ହିଁ ଯାହା ହେବା କଥା ହେବ ବୋଲି ଜଣେ ବିଶ୍ଳେଷକ କହିଛନ୍ତି।



ମୁମ୍ବାଇରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର(ମଝି)ଙ୍କ ସହ ବରିଷ୍ଠ କଂଗ୍ରେସ ନେତା ଅହମଦ ପଟେଲ ଓ ମଲିକାର୍ଜୁନ ଖାର୍ଗେ।

**ମହାରାଷ୍ଟ୍ରରେ ଛକାପଞ୍ଝା**

- ସାଧାରଣ ସର୍ବନିମ୍ନ କାର୍ଯ୍ୟସୂଚୀ ଉପରେ କାମ ଚାଲିଛି: ଉଦ୍ଧବ
- ଶିବସେନା-ଏନ୍‌ସିପି-କଂଗ୍ରେସ ପାରିବେ ନାହିଁ, ଭାଜପା ହିଁ ସରକାର ଗଢ଼ିବ: ନାରାୟଣ ରାଣେ
- ତରବର ହୋଇ ସରକାର ଗଠନ କରିବୁ ନାହିଁ: ପାୱାର

# ଶିବସେନା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**

ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଶିବସେନାକୁ ସରକାର ଗଠନ ପାଇଁ ଅଧିକ ସମୟ ନ ଦେବା ନିଷ୍ପତ୍ତିକୁ ଦଳ ଚ୍ୟାଲେଞ୍ଜ କରିଛି। ଏହା ବିରୋଧରେ ଶିବସେନା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପିଟିଶନର ଜରୁରୀ ଶୁଣାଣି ପାଇଁ ଅନୁରୋଧ କରିଛି। ଶିବସେନା ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ କପିଲ ସିବଲ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟପାଳ ଏକତରଫା ଭାବେ ଓ ମନ୍ଦ ଉଦ୍ଦେଶ୍ୟ ରଖି ଶିବସେନାକୁ ଅଧିକ ୩ ଦିନ ସମୟ ଦେଇନାହାନ୍ତି। ସେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଏପରି କରିଛନ୍ତି। ଏହା ସମ୍ବିଧାନର ଅନୁଚ୍ଛେଦ ୧୪ ଓ ୨୧ର ଉଲ୍ଲଂଘନ।

# ଇନ୍‌ଫୋସିସ୍ ସିଇଓଙ୍କ ବିରୋଧରେ ଅଭିଯୋଗ

**ବେଙ୍ଗାଲୁରୁ, ୧୨।୧୧(ପି.ଟି.):**

**ବ୍ୟକ୍ତିଗତ ଗସ୍ତ ଲାଗି ୨୨ ଲକ୍ଷ ଖର୍ଚ୍ଚ କରିଛନ୍ତି**

ଗ୍ଲୋବାଲ ସଫ୍ଟୱେର୍ ମେଜର ଇନ୍‌ଫୋସିସ୍ ଲିମିଟେଡ୍‌ର ସମସ୍ୟା ବଢ଼ିବାରେ ଲାଗିଛି। ପ୍ରଥମ ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ ଗତ ଅକ୍ଟୋବର ମାସରେ ସାର୍ବଜନୀନ ହେବା ପରେ ଏବେ ଦ୍ୱିତୀୟ ହ୍ୱିସିଲବ୍ଲୋୟରଙ୍କ ଅଭିଯୋଗ ଆସିଛି। ହ୍ୱିସିଲ୍‌ବ୍ଲୋୟର କମ୍ପାନୀର ଅର୍ଥ ବିଭାଗରେ କାର୍ଯ୍ୟ କରୁଥିବାବେଳେ ଚାକିରି ଚାଲିଯିବା ଭୟରେ ନାମ ପ୍ରକାଶ କରିନାହାନ୍ତି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖ୍ କମ୍ପାନୀ ଆଦର୍ଶୀତିନିୟମକୁ ଭୁଲିଯାଇଛନ୍ତି। ୧୮ ମାସ ଚାକିରି ମଧ୍ୟରେ ସେ ମୁମ୍ବାଇରୁ କମ୍ପାନୀକୁ ଯିବାଆସିବା କରୁଛନ୍ତି। ପାରେଖ୍‌ଙ୍କ ବ୍ୟକ୍ତିଗତ ବିମାନ ଭଡ଼ା ୨୨ ଲକ୍ଷରେ ପହଞ୍ଚିଥିବା ସେ ଅଭିଯୋଗ କରିଛନ୍ତି। କମ୍ପାନୀ ଆଇନରେ ସିଇଓ ବେଙ୍ଗାଲୁରୁ ଅଧୀନ ହେବା ଦରକାର ବୋଲି କୁହାଯାଇଥିବାବେଳେ ଇନ୍‌ଫୋସିସ୍ ବୋର୍ଡ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ସମସ୍ତ କର୍ମଚାରୀଙ୍କ ଯିବାଆସିବା ଖର୍ଚ୍ଚ କମ୍ପାନୀ ବହନ କରୁଛି। ହେଲେ ମାସକୁ ମୁମ୍ବାଇରୁ ବେଙ୍ଗାଲୁରୁ ଅତିକମ୍‌ରେ ୨ ଥର ଯିବାଆସିବା ଦ୍ୱାରା ଖର୍ଚ୍ଚ ବଢ଼ୁଛି। ଇନ୍‌ଫୋସିସ୍ ଅଧ୍ୟକ୍ଷ ନନ୍ଦନ ନିଲେକାନିଙ୍କ ଅବଗତ ଲାଗି ସେ ଏଭଳି ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା କହିଛନ୍ତି। ଜଣେ ଶେୟାର୍‌ହୋଲ୍ଡର ଓ କର୍ମଚାରୀ ହିସାବରେ କମ୍ପାନୀକୁ ଅବଗତ କରାଇବା ମୋ କର୍ତ୍ତବ୍ୟ ଓ ଏନେଇ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ହ୍ୱିସିଲ୍‌ବ୍ଲୋୟର କହିଛନ୍ତି।

**ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡରେ ଭାଜପାକୁ ଝଟକା**

# ୫୦ ଆସନରେ ଲଢ଼ିବ ଏଲ୍‌ଜେପି

**ନୂଆଦିଲ୍ଲୀ,୧୨।୧୧(ପି.ଟି.)**

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ରୁ ଦ୍ୱିତୀୟ ବୃହତ୍ତମ ଦଳ ଶିବସେନା ଓହରିବା ପରେ ଭାଜପାକୁ ଶକ୍ତ ଝଟକା ଦେଇଛି କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)। ଝାଡ଼ଖଣ୍ଡର ୫୦ ଆସନରେ ଏଲ୍‌ଜେପି ଏକାକୀ ନିର୍ବାଚନ ଲଢ଼ିବା ପାଇଁ ଘୋଷଣା କରିଛି। ଏହାସହ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଜାରି କରିବା ନିଷ୍ପତ୍ତିକୁ ନେଇ ମଧ୍ୟ ଏଲ୍‌ଜେପି ଅଧ୍ୟକ୍ଷ ଚିରାଗ ପାଶ୍ୱାନ 'ଦୁର୍ଭାଗ୍ୟଜନକ' କହି ଭାଜପାକୁ ସମାଲୋଚନା କରିଛନ୍ତି।

୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ୫ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହାର ଫଳାଫଳ ୨୩ରେ ଆସିବ। ଏଥିପାଇଁ ଭାଜପା ପକ୍ଷରୁ ୫୨ ଜଣିଆ ପ୍ରାର୍ଥୀ ତାଲିକା ରବିବାର ପ୍ରକାଶ ପାଇଥିବାବେଳେ ପାଶ୍ୱାନଙ୍କ ପୁଅ ତଥା ନିକଟରେ ଦଳର ମଙ୍ଗ ଧରିଥିବା ଚିରାଗ କହିଛନ୍ତି, ତାଙ୍କ ଦଳ ଏକାକି ୫୦ ଆସନରେ ନିର୍ବାଚନ ଲଢ଼ିବ। ଭାଜପାର ସହଯୋଗୀ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ ୟୁନିୟନ୍ (ଏଜେଏସ୍‌ୟୁ) ଅଧ୍ୟକ୍ଷ ସୁଦେଶ ମହତୋ ମଧ୍ୟ ଆସନ ବୁଝାମଣାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଜେଏସ୍‌ୟୁ ୧୯ ଆସନ ଦାବି କରୁଥିବାବେଳେ ୧୭ ଆସନରେ ସନ୍ତୁଷ୍ଟ ହେବାକୁ ପ୍ରସ୍ତୁତ ବୋଲି କହିଛି। ଏପରି ସମୟରେ ଆମ ମଧ୍ୟରେ ମେଣ୍ଟ ହୋଇଥିବାବେଳେ ଭାଜପା କିପରି ପ୍ରଥମ ତାଲିକ ପ୍ରକାଶ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାଜପା ମୁଖ୍ୟ ସଚେତକ ରାଧାକୃଷ୍ଣ କିଶୋର ଟିକେଟ ନ ପାଇବାରୁ ଏଜେଏସ୍‌ୟୁରେ ଯୋଗଦେଇଛନ୍ତି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ୍ୟ ଝାଡ଼ଖଣ୍ଡରେ ଏକୁଟିଆ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ସମ୍ବର ହ୍ରଦରେ ସହସ୍ରାଧିକ ବିଦେଶାଗତ ପକ୍ଷୀଙ୍କ ମୃତ୍ୟୁ

**ଜୟପୁର, ୧୨।୧୧(ପି.ଟି.)**



ରାଜସ୍ଥାନର ସମ୍ବର ହ୍ରଦରେ ସହସ୍ରାଧିକ ବିଦେଶାଗତ ପକ୍ଷୀଙ୍କ ମୃତ୍ୟୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରାୟ ୧୦ ପ୍ରଜାତିର ୫ ହଜାର ଏହି ପକ୍ଷୀ ମରିପଡ଼ିଥିବା ଜଣାପଡ଼ିବା ପରେ ତନାଘନା ଆରମ୍ଭ ହୋଇଛି। ପ୍ରଦୂଷିତ ଜଳ କାରଣରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଥିବାବେଳେ ସେମାନଙ୍କ ମଳ ପରୀକ୍ଷା କରାଯାଇଛି। ସରକାରୀ ଭାବେ ମୃତ ପକ୍ଷୀଙ୍କ ସଂଖ୍ୟା ୧୫ଶହ ବୋଲି ଦର୍ଶାଯାଇଛି। ହ୍ରଦର ୧୩ କିଲୋମିଟର ପର୍ଯ୍ୟନ୍ତ ଏହି ମଲାପକ୍ଷୀଙ୍କ ଶବ ପଡ଼ିରହିବା ପକ୍ଷୀପ୍ରେମୀଙ୍କୁ ଆଘାତ ଦେଇଛି। ଫରେଷ୍ଟ ରେଞ୍ଜର ରାଜେନ୍ଦ୍ର ଜାଖର ମୂଷଳଧାରାରେ ବର୍ଷା ଓ ପବନ ହେବା ଯୋଗୁ ଏଭଳି ପକ୍ଷୀଙ୍କ ମୃତ୍ୟୁ ଘଟିଥିବା କହିଛନ୍ତି। ଜୟପୁରର ଏକ ମେଡିକାଲ ଟିମ୍ ସେଠାରୁ ପାଣି ଓ ବିଦେଶୀ ପକ୍ଷୀଙ୍କୁ ସଂଗ୍ରହ କରି ପ୍ରୀରୀକ୍ଷା ଲାଗି ଭୋପାଳ ପଠାଇଥିବା ଜଣାପଡ଼ିଛି। ବାର୍ଡ ଫ୍ଲୁ ର କୌଣସି ସଙ୍କେତ ନାହିଁ ଓ ତଦନ୍ତ ପରେ ସବୁ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।

# ଦୁଇ ଟ୍ରେନ ମୁହାଁମୁହିଁ ଧକ୍କା: ୧୬ ମୃତ

**ଢାକା, ୧୨।୧୧(ପି.ଟି.)**



- ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର
- ତଦନ୍ତ ଲାଗି ୪ କମିଟି ଗଠିତ


ବାଂଲାଦେଶର ବ୍ରାହ୍ମଣବାଡ଼ିଆ ଜିଲାରେ ମଙ୍ଗଳବାର ଦୁଇଟି ଟ୍ରେନ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ୧୬ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଚିଟାଗଙ୍ଗ ଅଭିମୁଖେ ଯାଉଥିବା ଉଦୟନ୍ ଏକ୍ସପ୍ରେସ ମୋଣ୍ଡୋଭାଗ ରେଳଷ୍ଟେଶନ ନିକଟରେ ଟ୍ରାକ୍ ପରିବର୍ତ୍ତନ କରିବା ପରେ ବିପରୀତ ଦିଗରୁ ଢାକା ଅଭିମୁଖେ ଆସୁଥିବା ତୁର୍ନା ନିଶିତା ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ କରାଯାଇଥିବାବେଳେ ଆହତ ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଧିକାଂଶ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ମୃତ୍ୟୁସଂଖ୍ୟା ବୃଦ୍ଧିପାଇପାରେ ବୋଲି ଆଶଙ୍କା କରାଯାଉଛି। ରେଳମନ୍ତ୍ରୀ ନୁରୁଲ୍ ଇସ୍‌ଲାମ ସୁଜନ୍ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ଦୁର୍ଘଟଣାସ୍ଥଳରେ ୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ କୁହାଯାଇଛି। ତୁର୍ନା ନିଶିତା ଟ୍ରେନ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ରେଳୱେ ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି। ଦୁର୍ଘଟଣାର ତଦନ୍ତ ଲାଗି ୪ ଭିନ୍ନ କମିଟି ଗଠନ କରାଯାଇଛି। ବାଂଲାଦେଶ ରାଷ୍ଟ୍ରପତି ଅବ୍ଦୁଲ ହମିଦ୍, ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଏନେଇ ଦୁଃଖପ୍ରକାଶ କରିଛନ୍ତି।

## ଇତିହାସର ଆଇନାରେ

### ନଭେମ୍ବର ୧୩ର ପ୍ରମୁଖ ଘଟଣା

୧୯୯୫ ନଭେମ୍ବର ୧୩ରେ ଆମେରିକା ଦ୍ୱାରା ପରିଚାଳିତ ରିୟାଧ୍‌ସ୍ଥିତ ସାଉଦି ଆରବିଆନ୍ ନ୍ୟାଶନାଲ ଗାର୍ଡ ଟ୍ରେନିଂ ସେଣ୍ଟର୍ ନିକଟରେ ଟ୍ରକ୍ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୫ ଆମେରିକାନ୍ ଓ ୨ ଭାରତୀୟ ପ୍ରାଣ ହରାଇଥିଲେ। ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଫର୍ ଚେଞ୍ଜ୍ ନାମକ ଏକ ଆତଙ୍କବାଦୀ ସଙ୍ଗଠନ ଏହି ବିସ୍ଫୋରଣ ଲାଗି ନିଜକୁ ଦାୟୀ କରିଥିଲା।

୨୦୧୫ ନଭେମ୍ବର ୧୩ରେ ପ୍ୟାରିସ୍‌ରେ ସଂଘବଦ୍ଧ ଆକ୍ରମଣ କରାଯାଇ ୧୩୦ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଆଖିବୁଜା ଗୁଳିମାଡ଼ରେ ୩୬୮ ଜଣ ଆହତ ହୋଇଥିଲେ। ୭ ଆକ୍ରମଣକାରୀ କେତେକଙ୍କୁ ବନ୍ଧକ ରଖି ବିସ୍ଫୋରଣ ମଧ୍ୟ କରିଥିଲେ। ୮୦ ଜଣ ଗୁରୁତର ହୋଇଥିଲେ। ଅପରେଶନ ପରେ ୭ ଆକ୍ରମଣକାରୀ ନିପାତ୍ ହୋଇଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପାଗ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୬ | ୧୯.୧ |
| ଚାନ୍ଦବାଲି | ୩୦.୦ | ୨୧.୯ |
| କଟକ | ୩୧.୪ | ୧୮.୮ |
| ପାରାଦ୍ୱୀପ | ୩୦.୧ | ୨୩.୧ |
| ଭୁବନେଶ୍ୱର | ୩୧.୬ | ୧୯.୬ |
| ଗୋପାଳପୁର | ୩୩.୦ | ୨୧.୦ |
| ପୁରୀ | ୩୧.୦ | ୨୧.୮ |
| ଅନୁଗୋଳ | ୩୧.୧ | ୧୫.୦ |
| ବାରିପଦା | ୨୯.୦ | ୧୯.୬ |
| ଝାରସୁଗୁଡ଼ା | ୨୯.୬ | ୧୫.୮ |
| କେନ୍ଦୁଝର | ୨୮.୭ | ୧୫.୭ |
| ସମ୍ବଲପୁର | ୩୦.୮ | ୧୬.୪ |
| ସୁନ୍ଦରଗଡ଼ | ୨୬.୫ | ୧୨.୦ |
| ହୀରାକୁଦ | ୩୦.୫ | ୧୮.୫ |
| ତାଳଚେର | ୩୨.୨ | ୧୯.୨ |
| ଭବାନୀପାଟଣା | ୨୯.୫ | ୧୬.୩ |
| ବଲାଙ୍ଗୀର | ୩୦.୨ | ୧୭.୫ |
| କୋରାପୁଟ | ୨୯.୦ | ୧୪.୬ |
| ଫୁଲବାଣୀ | ୨୯.୦ | -- |
| ଟିଟିଲାଗଡ଼ | ୩୦.୦ | ୧୪.୧ |
| ମାଲକାନଗିରି | ୩୦.୦ | -- |
| ସୋନପୁର | -- | ୧୬.୮ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୦ |

ଡିଗ୍ରୀ ସେଲ୍‌ସିୟସ୍

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

**ବଇଣ୍ଡା,୧୨।୧୧(ଡି.ଏନ.ଏ.):** ତାଳଚେର-ସମ୍ବଲପୁର ରେଳପଥର କିଶୋରନଗର ଥାନା ଖଇରମୁଣ୍ଡା ନିକଟସ୍ଥ ରେଳଧାରଣା ପରିସରରୁ ମଙ୍ଗଳବାର ହଣ୍ଡପା ଥାନା ଠେଲକନାଳୀ ଗ୍ରାମର ସୁଲୁ ପ୍ରଧାନ(୧୮)ଙ୍କ ମୃତଦେହକୁ କିଶୋରନଗର ପୋଲିସ ଉଦ୍ଧାର କରିଛି। ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବା ପାଇଁ ରେଳଧାରଣାରେ ପକାଇ ଦେଇଥିବା ଠେଲକନାଳୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ସୁଲୁ ଜଣେ ଟ୍ରାକ୍ଟର ଡ୍ରାଇଭର। ସୋମବାର ରାତିରେ ସେ ଘରୁ ପଳାଇ ଆସିଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ରେଳ ଧାରଣାରେ ପଡ଼ିଥିବା ଶୌଚ ପାଇଁ ଯାଇଥିବା ଖଇରମୁଣ୍ଡା ଅଞ୍ଚଳର କିଛି ଯୁବକ ଦେଖି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। କିଶୋରନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ନଂ. ୧୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଆଇଆଇସି ପ୍ରତିଭା ମାଝି କହିଛନ୍ତି, ସୁଲୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇନି। ସେ ଘରୋଇ କଳିକୁ କେନ୍ଦ୍ର କରି ଆତ୍ମହତ୍ୟା କରିଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ, ଜଣେ କୋର୍ଟଚାଲାଣ

**ବଇଣ୍ଡା,୧୨।୧୧(ଡି.ଏନ.ଏ.):** ଠାକୁରଗଡ଼ ଥାନା ଶିଶୁକଟା ଗ୍ରାମର ସତ୍ୟଭାମା ନାୟକଙ୍କୁ ସେହି ଗ୍ରାମର ପ୍ରସନ୍ନ ନାୟକ ମାଡ଼ ମାରିଥିବା ଅଭିଯୋଗରେ ପୋଲିସ ପ୍ରସନ୍ନଙ୍କୁ ମଙ୍ଗଳବାର ଗିରଫ କରିଛି। ସତ୍ୟଭାମା ଘରେ ଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମାରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୧୭/୧୯ରେ ଏକ ମାମଲା ରୁଜୁ କରି ପ୍ରସନ୍ନଙ୍କୁ ଆଠମଲ୍ଲିକ କୋର୍ଟଚାଲାଣ କରିଛି।

### କେନ୍ଦୁପତ୍ର ଜବତ, ଜଣେ ଗିରଫ

**ବଇଣ୍ଡା,୧୨।୧୧(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଲେଇପଥର ଗ୍ରାମରୁ କଟକ ଅଞ୍ଚଳକୁ ଚାଲାଣ ହେଉଥିବା ଚୋରା କେନ୍ଦୁପତ୍ର ବୋଝେଇ ୨ଟି ସ୍କୁଟିକୁ ଧଣ୍ଡାତୋପା ବନବିଭାଗ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ କଟକ ଜିଲା ତିଗିରିଆ ଗ୍ରାମର ଅକୁଳ ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ ଜଣେ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ବନ ବିଭାଗ କହିଛି, ସ୍କୁଟି (ନଂ.ଓଡି୦୫-ଏଚ୧୭୪୫) ଓ (ଓଡି୦୫-ଭି୮୧୪୬) ଯୋଗେ ପ୍ରାୟ ୨୦ ହଜାର ଟଙ୍କାର ୯ ବଣ୍ଡଲ କେନ୍ଦୁପତ୍ର ବସ୍ତା ମାଧ୍ୟମରେ ତିଗିରିଆ ଓ କଟକ ଅଞ୍ଚଳକୁ ଚାଲାଣ କରାଯାଉଥିବା ଆଠମଲ୍ଲିକ ଡିଏଫଓ ସୂଚନା ପାଇଥିଲେ। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଧଣ୍ଡାତୋପା ବନବିଭାଗ ଫରେଷ୍ଟର ସୁବ୍ରତ କୁମାର ଶତପଥୀ, ଗାର୍ଡ କବିତା ସାହୁ ଚଢ଼ାଉ କରିଥିଲେ।

### କ୍ଷତିପୂରଣ ଦେବାକୁ ଦାବିପତ୍ର

**ଜଳେଶ୍ୱର, ୧୨।୧୧(ଡି.ଏନ.ଏ.):** 'ବୁଲ୍‌ବୁଲ୍' ଦ୍ୱାରା ପ୍ରଭାବିତ ଚାଷୀ ଓ ଜନସାଧାରଣଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ମଣନାଥ ରୋଡ଼ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ବାଲେଶ୍ୱର ଜିଲାପାଳଙ୍କୁ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଚାଷଜମିର ତଦନ୍ତ କରି ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ, ଆସନ୍ତା ରବିଋତୁ ଫସଲ ପାଇଁ ସାର ଓ ବିହନ ମାଗଣା ଯୋଗାଇ ଦେବା, ସମସ୍ତ କୃଷିଋଣ ଛାଡ କରାଯିବା ଓ ନୂତନ ଋଣ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ଏହି ଦାବିପତ୍ରର ଏକ ନକଲ ଜଳେଶ୍ୱର ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଉନ୍ନୟନ ପରିଷଦ ପକ୍ଷରୁ କମଲ ଚକ୍ରବର୍ତ୍ତୀ, ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■କୋଟଗରା, ଘଟିପିରିରେ ବୋଇତ ବନ୍ଦାଣ ଉତ୍ସବ

# ମହୋତ୍ସବରେ ପରିଣତ ହୋଇଛି ପରମ୍ପରା


କାମାକ୍ଷାନଗରରେ ସାଧବବୋହୂ, ପୁଅ ବେଶ ହୋଇଥିବା ପିଲାଙ୍କ ଗହଣରେ ଖଣି ମନ୍ତ୍ରୀ ।


ଘଟିପିରିଠାରେ ବୋଇତବନ୍ଦାଣ ଉତ୍ସବ ।

**କାମାକ୍ଷାନଗର/ଭାପୁର,୧୨।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୋଟଗରା ପଞ୍ଚାୟତ କପିଳେଶ୍ୱର ପୋଖରୀ ପରିସରରେ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲଳିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣି, ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ବର୍ତ୍ତମାନ ସମସ୍ତେ ନିଜ ନିଜର ପରମ୍ପରା ଓ ପରିବେଶ ପ୍ରତି ସଚେତନ ହେଲେଣି। ପ୍ରତ୍ୟେକ ପରମ୍ପରା ଏବେ ମହୋତ୍ସବରେ ପରିଣତ ହୋଇଛି, ଯାହାକି ସମାଜ ପାଇଁ ଶୁଭ ସଙ୍କେତ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ମହାନ୍ତି ଯୋଗଦେଇ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ ହୃଦାନନ୍ଦ ପରିଡା, ପ୍ରେମାନନ୍ଦ ସାହୁ, ସରପଞ୍ଚ ଶିଶିରକାନ୍ତ ବେହେରା, କାମାକ୍ଷାନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ, ପୂର୍ବତନ ସମିତିସଭ୍ୟ ସୁଶାନ୍ତ କୁମାର ପଟ୍ଟନାୟକ, ଅଶ୍ୱିନୀ କୁମାର ପରିଡା, ପୂର୍ବତନ ସରପଞ୍ଚ ଦିଗନ୍ତ ଜ୍ୟୋତି ସାହୁ, ସାମାଜିକ କର୍ମୀ ମଙ୍ଗତଲାଲ କଟାରୁକା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

ସେହିପରି ଓଡ଼ାପଡ଼ା ବ୍ଲକ ଘଟିପିରି ଗ୍ରାମରେ ସପ୍ତରାଜ୍ୟ ତୈଳିକ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଡ. ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବୋଇତ ବନ୍ଦାଣ ଓ ଉତ୍କଳୀୟ ପରମ୍ପରାରେ ସାଧବକୂଳର ଐତିହ୍ୟ, ସାଂସ୍କୃତିକ ଭାଗିଦାରୀରେ ସୌଦାଗରମାନଙ୍କ ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଠାଣୀ ସାହୁ, ନିଧି ସାହୁ, ପ୍ରାଣବନ୍ଧୁ ସାହୁ, ଚୈତନ୍ୟ ସାହୁ, ରସାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ଘଟିପିରି ସାହି ଓ ରାମେଶ୍ୱରପୁର ସାହି ଆନୁକୂଲ୍ୟରେ ସଭାପତି ପ୍ରଭାକର ସାହୁ, ସପ୍ତରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ନଗରକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ପୁଷ୍କରିଣୀରେ ବୋଇତ ଭସାଣ କରାଯାଇଥିଲା। ଭସାଣ ପୂର୍ବରୁ କୁନିକୁନି ପିଲାମାନେ ସାଧବ ବୋହୂ ବେଶ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : dklselfie@gmail.com


@ କମଳଲୋଚନ


@ ସୋନୁ

■ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା

# ମହିଳାରେ କୁଆଖିଆ, ପୁରୁଷରେ କଟକ ଚାମ୍ପିୟନ

**ଢେଙ୍କାନାଳ ଅଫିସ,୧୨।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡା ପଞ୍ଚାୟତ ଡେଙ୍ଗବୋରେଇ ଗ୍ରାମରେ ୩ ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ମହିଳା ବିଭାଗର ଫାଇନାଲ ମ୍ୟାଚରେ କୁଆଖିଆ ଦଳ ୩୫-୨୦ ପଏଣ୍ଟରେ ପଟିଆ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗରେ କଟକ ଦଳ ୪୫-୩୭ ପଏଣ୍ଟରେ ଭୁବନେଶ୍ୱର କିଶୋର କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ଆଜବେଷ୍ଟସର ଜେନେରାଲ ମ୍ୟାନେଜର ରଘୁନାଥ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ବିଭାଗର ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


ଚାମ୍ପିୟନ ପୁରୁଷ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଗତ ୧୦ ତାରିଖରେ ଏମ୍‌ପି ମହେଶ ସାହୁ ଏହି ପ୍ରତିଯାଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ, ଗୁଣ୍ଡିଚାପଡା ସରପଞ୍ଚ କାର୍ତ୍ତିକ ସାହୁ ଓ ସାମାଜିକ କର୍ମୀ ନାସେର ଅହମ୍ମଦ ଅଲ୍ଲୀ ଖାନ୍ ଯୋଗ ଦେଇଥିଲେ। ମହିଳା ବିଭାଗରେ ୪ ଓ ପୁରୁଷ ବିଭାଗରେ ମୋଟ ୭ଟି ଦଳ ଏଥିରେ ଭାଗ ନେଇଥିଲେ। ଓଡ଼ିଶା କବାଡି ଆସୋସିଏଶନର କାର୍ଯ୍ୟକର୍ତ୍ତାମାନେ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ଡେଙ୍ଗବୋରେଇ ୟୁଥ୍ କ୍ଲବର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ନୌକାବିହାର କଲେ ସାଧବପୁଅ



**ଭୁବନ,୧୨।୧୧(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ବ୍ରାହ୍ମଣୀ ନଦୀରେ ମଙ୍ଗଳବାର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଭୋର ସମୟରେ ବୋଇତକୁ ସଜାଇ ସାଧବ ପୁଅ ମାନେ ନୌକାବିହାର କରିଥିଲେ। ମହିଳାମାନେ ବୋଇତ ବନ୍ଦାଣ କରିଥିଲେ। ଏହି ଅବସରରେ ବୁଦ୍ଧେଶ୍ୱର ଶୈବପୀଠରେ ଚାଲିଥିବା ବାଲିଯାତ୍ରା ଉଦ୍‌ଯାପିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଭୁବନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ବାଲିଯାତ୍ରାରେ ହଜାର ହଜାର ଲୋକଙ୍କ ସାମଗମ ହୋଇଥିଲା। ୨ ଶହରୁ ଉର୍ଦ୍ଧ୍ୱ ଉଠା ଦୋକାନୀ ପୂଜା ଅବସରରେ ସେମାନଙ୍କ ପସରା ଖୋଲିଥିଲେ। ଏଥିସହ ଲୋକେ ଠୁଙ୍କାପୁରିର ମଜା ନେଇଥିଲେ। ଯାତ୍ରାରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବନ୍ଦୋବସ୍ତ କରାଯାଇଥିଲା। ଅପରାହ୍ନ ୨ଟା ସମୟରେ ପୁରୁଷୋତ୍ତମପୁର ଗ୍ରାମରୁ ଶିବ ଠାକୁରଙ୍କ ପ୍ରତିମାକୁ ପରିକ୍ରମା ସହ ଶୈବପୀଠକୁ ଅଣାଯାଇ ହରିହର ଭେଟ ପରେ ଯାତ୍ରା ସମ୍ପନ୍ନ ହୋଇଥିଲା ।

## ଫଟୋରେ ଖବର


ଢେଙ୍କାନାଳ ସହର କୁଞ୍ଜକାନ୍ତ ପୋଖରୀରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଧୁବନ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ।


କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ସ୍ଥିତ ବଳରାମ ମନ୍ଦିରରେ ଭଜନ ପରିବେଷଣ କରାଯାଉଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ** "ଡିମାଣ୍ଡ ମସଲା" ଏବଂ "ଡିମାଣ୍ଡ ବଜାର" କମ୍ପାନୀ ପାଇଁ ଜିଲା/ବ୍ଲକ/ପଞ୍ଚାୟତ ସ୍ତରୀୟ ଉଭୟ ପୁରୁଷ/ମହିଳା Stockist, Distributor, Business Development Manager, Sales Officer ଆବଶ୍ୟକ। ଦରମା: ଟ. ୧୦,୦୦୦/-ରୁ ଟ.୨୦,୦୦୦/- + ବୋନସ୍। ଶିକ୍ଷାଗତ ଯୋଗ୍ୟତା: ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ତଦୂର୍ଦ୍ଧ୍ୱ।
9938826988, 7064545450, 8338055696

**REQUIRED**
For Bhubaneswar Office Civil Engineer Lady, Front Office Smart Lady, Marketing Gents & Lady, Accounts Lady, PA Lady must Graduate / BTech / BBA/MBA, Office Asst. Manager
Call : 06742973254, 9090732020, 9238482524

**REQUIREMENTS**
A Leading Construction Firm Requires
# ACCOUNTANT
# CIVIL ENGINEER
# MARKETING MANAGER
Experience of Marketing for Construction of Duplex, Simplex As Well As Govt. Project
CALL : 9777251369

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27,000/-.
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**WANTED** The followings for our Office around Cuttack.
- OFFICE ASSISTANT (Computer Knowledge)
- FIELD SUPERVISORS (For Steel Industries)

CONTACT:-
9437496020, 9437021279

See Career Appointment on every Wednesday & Saturday

AISECT
**RECRUITMENT OF VOCATIONAL TRAINER - AGRICULTURE**
Applications are invited from eligible candidates for Vocational Trainers in Agriculture sector under CSS-VSHSE in Odisha having following eligibilities in contractual position on monthly honorarium of **Rs.15050/-**
1. **Qualification:** (i) Post Graduate / Graduate in Agriculture / Horticulture or 02 Years Diploma in Agriculture Science / Horticulture Science with one year of Experience in Agriculture Sector. Preference will be given to the candidates having higher qualification.
2. **Age:18-37** years as on **01.01.2019**
3. Candidate should have domicile of Odisha and must read & write Odia.

Kindly apply on our website:
https://www.aisect.org/vocational_training.html
Last date for application: 15.11.19

## OFFICE OF THE COLLECTOR & DISTRICT MAGISTRATE, RAYAGADA

**(ST & SC DEVELOPMENT SECTION)**

**No.3333 / 2019** **Dated: 11.11.2019**

**ADVERTISEMENT**

Applications are invited in prescribed proforma from intending candidates for filling up the following categories of vacant posts in the High Schools / Girls High Schools under ST & SC Development Department of Rayagada District on Contractual Basis. In selecting the candidates for the following posts, first preference shall be given to the eligible candidates from Rayagada District. In case of non availability of suitable candidates from Rayagada District applications of the candidates from other Districts will be considered. The detail advertisement, eligibility criteria, educational qualification, service condition, process of selection, vacancy list, duties and responsibility of the post and prescribed application form can be downloaded from the District website : **www.rayagada.nic.in.** The applications should reach to Collectorate,Rayagada(Welfare Section)(Office of the District Welfare Officer,Rayagada) on or before 30.11.2019 upto 5.30 P.M through registered post/Speed Post only.


| Sl. No. | Category of post | Category wise Vacancy Position | | | | | | | | | |
|---|---|---|---|---|---|---|---|---|---|---|---|
| | | UR | UR (W) | SEBC | SEBC (W) | ST | ST (W) | SC | SC (W) | Total | PH Reservation |
| 01 | TGT (Science) PCM | 2 | 0 | 0 | 0 | 0 | 0 | 0 | 0 | 02 | |
| 02 | TGT (Science) CBZ | 2 | 0 | 0 | 0 | 2 | 1 | 0 | 0 | 05 | |
| 03 | I.A CT | 2 | 1 | 1 | 0 | 0 | 0 | 2 | 0 | 6 | |
| 04 | I.SC CT | 0 | 0 | 0 | 0 | 2 | 0 | 2 | 0 | 04 | |
| 05 | Sanskrit | 0 | 0 | 1 | 0 | 1 | 0 | 0 | 0 | 02 | |
| 06 | Hindi | 1 | 0 | 0 | 0 | 1 | 0 | 1 | 0 | 03 | |
| 07 | PET | 4 | 1 | 0 | 0 | 2 | 1 | 3 | 1 | 12 | |
| Total | | **11** | **2** | **2** | **0** | **8** | **2** | **8** | **1** | **34** | |

Sd./-
COLLECTOR, RAYAGADA

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଆହାର କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା


Certificate
This is to certify that
AAHAAR KENDRA, ANGUL MUNCIPALITY
DIST. ANGUL - 759122, ODISHA, INDIA
has been found in Compliance with requirements of
Quality Management System
ISO 9001:2015
for the following scope:
PROVIDE SUBSIDISED MEAL TO NEEDY PEOPLE UNDER THE FLAGSHIP PROGRAMME "FOOD FOR ALL" BY GOVERNMENT OF ODISHA.
Certificate No. : 4967/QMS/1119
Issue Date : 12-November-2019
Expiry Date : 11-November-2022
Authorised Signature
International Accurate Certification

ଅନୁଗୋଳ ଅଫିସ, ୧୨।୧୧- ଅନୁଗୋଳ ପୌରପାଳିକା ଅଧୀନରେ ଥିବା ବସ୍‌ଷ୍ଟାଣ୍ଡ ଆହାର କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା ମିଳିଛି। ରାଜ୍ୟ ସରକାରଙ୍କ ଆହାର କାର୍ଯ୍ୟକ୍ରମ ଗାଇଡ୍‌ଲାଇନ ଅନୁସାରେ ଲୋକଙ୍କୁ ଗରମ ଓ ଗୁଣାତ୍ମକ ମାନର ଖାଦ୍ୟ ପ୍ରଦାନ କରୁଥିବାରୁ ଆହାର କେନ୍ଦ୍ର ଆଇଏସ୍‌ଓ ମାନ୍ୟତା ଲାଭ କରିଛି। ଗୁଣବତ୍ତା ବଜାୟ ରଖିବା, ଉନ୍ନତମାନର ପରିଚାଳନା ଓ ସ୍ୱଚ୍ଛତା ପାଇଁ ସମ୍ପୃକ୍ତ ଆହାର କେନ୍ଦ୍ରଗୁଡ଼ିକୁ ଆଇଏସ୍‌ଓ ମାନ୍ୟତା ଦିଆଯାଇଛି। ନଭେମ୍ବର ୧୨ ଠାରୁ ଏହି ମାନ୍ୟତା ମିଳିଥିବାବେଳେ ଏହାର ଅବଧି ୨୦୨୨ ନଭେମ୍ବର ୧୧ ପର୍ଯ୍ୟନ୍ତ ରହିଛି। ଏହା ପୂର୍ବରୁ ଅନୁଗୋଳ ଆହର କେନ୍ଦ୍ର ରୋଷେଇ ଶାଳକୁ ମଧ ଗତ ଅକ୍ଟୋବର ୩୦ରେ ଆଇଏସ୍‌ଓ ମାନ୍ୟତା ମିଳିଥିଲା। ଏହାର ଅବଧି ୨୦୨୨ ଅକ୍ଟୋବର ୨୯ ପର୍ଯ୍ୟନ୍ତ ରହିଛି। ସୂଚନାଯୋଗ୍ୟ ଯେ, ଆଇଏସ୍‌ଓ ମାନ୍ୟତା ଲାଭ ନିମନ୍ତେ ସ୍ୱତନ୍ତ୍ର ମାନଦଣ୍ଡ ରହିଛି। ବସ୍‌ଷ୍ଟାଣ୍ଡ ଆହାର କେନ୍ଦ୍ର ସମସ୍ତ ମାନଦଣ୍ଡ ପୂରଣ କରିଥିବାରୁ ଆଇଏସ୍‌ଓ ପ୍ରମାଣପତ୍ର ହାସଲ କରିଥିବା ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

### ଛାତ୍ରୀଙ୍କ ଅକାଳ ମୃତ୍ୟୁ

ଖୁଣ୍ଟା, ୧୨।୧୧(ଡି.ଏନ୍.ଏ.): ଖୁଣ୍ଟା ବ୍ଲକ ଅଧୀନ ବାହାନଡା ସରକାରୀ ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟରେ ଅଧ୍ୟୟନରତ ଜନୈକା ଅନ୍ତେବାସୀ ଛାତ୍ରୀଙ୍କ ମଙ୍ଗଳବାର ଅକାଳ ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ଜଣକ ହେଲେ ଉକ୍ତ ବ୍ଲକ ଅଧୀନ ବଙ୍ଗରା ପଞ୍ଚାୟତ ଭୂପଡ଼ ଗ୍ରାମର ଖୁଟା ହେମ୍ବ୍ରମଙ୍କ ପାଳିତା ଝିଅ ସୁନିତା ଟୁଡୁ। ସେ ଅନ୍ତେବାସୀ ଭାବେ ଉକ୍ତ ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ସପ୍ତମ ଶ୍ରେଣୀରେ ପଢୁଥିଲେ। ପ୍ରଧାନ ଶିକ୍ଷକ ବନମାଳି ପ୍ରଧାନଙ୍କ କହିବା ଅନୁଯାୟୀ, ସୋମବାର ରାତି ପ୍ରାୟ ୩.୩୦ ମି ସମୟରେ ସମ୍ପୃକ୍ତ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିବା ସମ୍ପର୍କରେ ଛାତ୍ରୀ ନିବାସ ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବରପାଇ ତାଙ୍କୁ ଖୁଣ୍ଟା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଭାଗୀୟ ଏଡିଡବ୍ଲ୍ୟୁ ସୁରେଶ ଚନ୍ଦ୍ର ଜିତବାବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଛାତ୍ରୀଙ୍କ ଅକାଳ ମୃତ୍ୟୁ ଜନିତ ସରକାରୀ ସହାୟତା ପାଇଁ ଯଥା ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଖୁଣ୍ଟା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଥାନାରେ ଏକ ମାମଲା(ନଂ.୧୩୯/୧୯) ରୁଜୁ ହୋଇଛି।

■୬ ମାସ ତଳୁ ଶେଷ ହେଲାଣି ଇକୋ ପାର୍କ ପରିଚାଳନା ଚୁକ୍ତି

# ନାଲି ଫିତା ତଳେ ନବୀକରଣ ଫାଇଲ

■ଅସନ୍ତୋଷ ବ୍ୟକ୍ତ କଲାଣି ଘରୋଇ ସଂସ୍ଥା
■ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହୋଇପାରେ ପୌରପାଳିକା

ଅନୁଗୋଳ ଅଫିସ, ୧୨।୧୧




ସହରବାସୀଙ୍କୁ ସତେଜ ରଖିବା ତଥା ଏକ ସୁସ୍ଥ ପରିବେଶ ଭେଟିଦେବାକୁ ଅନୁଗୋଳ ପୌରପାଳିକା ପକ୍ଷରୁ ଶିକ୍ଷକପଡ଼ାଠାରେ ଇକୋ ପାର୍କର ପରିକଳ୍ପନା କରାଯାଇଥିଲା। ପ୍ରଥମେ ପୌରପାଳିକା ଏହାକୁ ନିଜେ ପରିଚାଳନା କରୁଥିଲା। କିନ୍ତୁ ପରେ ଚୁକ୍ତିଭିତ୍ତିରେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରତିବର୍ଷ ଉକ୍ତ ଚୁକ୍ତିର ନବୀକରଣ ନିମନ୍ତେ ସର୍ତ୍ତ ରଖାଯାଇଛି। କିନ୍ତୁ ଗତ ୬ ମାସ ହେଲା ଚୁକ୍ତି ଅବଧି ପୂରଣ ହୋଇଯାଇଥିଲେ ବି ଏଯାଏ ନୂଆ ଚୁକ୍ତିନାମା ବା ନବୀକରଣ କରାଯାଇ ନାହିଁ। ପ୍ରଶାସନର ନାଲି ଫିତା ତଳେ ଫାଇଲ୍ ପଡ଼ିରହିଥିବାରୁ ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ପରିଚାଳନା ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା। ଏପରି କି ଏଥିପାଇଁ ପୌରପାଳିକା ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବ ବୋଲି ମଧ କୁହାଯାଉଛି।

ଇକୋ ପାର୍କକୁ ଅନୁଗୋଳ ପୌରପାଳିକାର ଡ୍ରିମ୍ ପ୍ରୋଜେକ୍ଟ ବୋଲି କୁହାଯାଉଛି। ଏହି ପାର୍କ ନିର୍ମାଣ ପରେ ୨୦୧୮ ପର୍ଯ୍ୟନ୍ତ ପୌରପାଳିକା ଏହାକୁ ନିଜେ ପରିଚାଳନା କରୁଥିଲା। ତେବେ ଗତବର୍ଷ କାଉନସିଲ ଭାଙ୍ଗିବା ପୂର୍ବରୁ ପାର୍କର ପରିଚାଳନା ଦାୟିତ୍ୱ ଘରୋଇ ସଂସ୍ଥାକୁ ଦେବାକୁ କାଉନସିଲ ବୈଠକରେ ସ୍ଥିର କରାଯାଇଥିଲା। ତଦନୁଯାୟୀ ବର୍ଷକୁ ୬ ଲକ୍ଷ ୩୦୧ ଟଙ୍କାର ଟେଣ୍ଡର କରାଯାଇ ୫ ବର୍ଷ ପାଇଁ ଏକ ଘରୋଇ ସଂସ୍ଥାକୁ ଚୁକ୍ତିଭିତ୍ତିରେ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରତିବର୍ଷ ଚୁକ୍ତି ନବୀକରଣ କରାଯିବା ସର୍ତ୍ତ ସହ ସିକ୍ୟୁରିଟି ବାବଦକୁ ଉକ୍ତ ସଂସ୍ଥାଠାରୁ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ୨୦୧୯ ମେ ୩୧ରୁ ପାର୍କ ପରିଚାଳନା କରୁଥିବା ସଂସ୍ଥା ସହ ହୋଇଥିବା ଚୁକ୍ତି ଅବଧି ଶେଷ ହୋଇଯାଇଛି। କିନ୍ତୁ ଏଯାଏ ତାହାର ନବୀକରଣ କରାଯାଇନାହିଁ। ପୌରପାଳିକା ପ୍ରଶାସକ ତଥା ଜିଲାପାଳ ଚୁକ୍ତି ନବୀକରଣ ପାଇଁ ନିର୍ଦ୍ଦେଶ ଦେବା ପରେ ପୌରପାଳିକା ପକ୍ଷରୁ ଫାଇଲ ପିଡିଙ୍କ ମାଧମରେ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। କିନ୍ତୁ ପିଡି ଫାଇଲଟିକୁ ଏପିଡିଙ୍କୁ ପ୍ରଦାନ କରିଥିଲେ ମଧ ତାହା ତାଙ୍କ ଟେବୁଲ ଉପରେ ଦୀର୍ଘଦିନ ହେବ ପଡ଼ିରହିଛି। ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ପାର୍କ ପରିଚାଳନା ଦାୟିତ୍ୱ ନେଇଥିବା ଠିକାସଂସ୍ଥା ମାଲିକ ରଞ୍ଜିତ କୁମାର ଜେନା ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଯେବେଠାରୁ ଚୁକ୍ତି ନବୀକରଣ କରାଯିବ ସେବେଠାରୁ ହିସାବ କରି ସେ ଟଙ୍କା ପ୍ରଦାନ କରିବେ। ଯଦି ବାସ୍ତବରେ ଏପରି କରାଯାଏ ତା'ହେଲେ ପୌରପାଳିକା ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଇବ ବୋଲି ଆଶଙ୍କା କରାଯାଉଛି।

ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଅତୁଲ୍ୟ କୁମାର ଚମ୍ପତିରାୟ କହିଛନ୍ତି, ଫାଇଲ ଅଟକାଇ ରଖିବାରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ପରିଚାଳନା ବ୍ୟବସ୍ଥାର ଘରୋଇକରଣ ବେଳେ ଜିଏସ୍‌ଟି ଲାଗୁ କରାଯାଇ ନ ଥିଲା। ଚଳିତ ଥର ଜିଏସ୍‌ଟି ଲାଗୁ କରିବାକୁ ଯୋଜନା ରଖାଯାଇଛି। ଜିଏସ୍‌ଟି କମିଶନରଙ୍କ ସହ ଯୋଗାଯୋଗ କରାଯାଉଥିବାରୁ ଫାଇଲ ଅଟକି ରହିଛି। ତେବେ କିପରି ଏହି କାର୍ଯ୍ୟ ଶୀଘ୍ର ହେବ ସେ ନେଇ ବିଚାର କରାଯିବ ବୋଲି ପିଡି ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ୩ ଗୁରୁତର, ରାସ୍ତା ରୋକୋ



ପରଜଙ୍ଗ, ୧୨।୧୧(ଡି.ଏନ.ଏ.)

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ଭାଲୁମୁଣ୍ଡା-ଆଲୁଅ ଝରଣ ପୂର୍ତ୍ତ ବିଭାଗ ରାସ୍ତାର ମହୁଲା ଛକ ନିକଟରେ ମଙ୍ଗଳବାର ସକାଳେ ଏକ ବାଇକ୍ ସହ ସ୍କର୍ପିଓ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ମହୁଲା ଗ୍ରାମର ସୌମ୍ୟରଞ୍ଜନ ପଣ୍ଡା, ତାଙ୍କ ସମ୍ପର୍କୀୟ ଖୁଡୀ ଅନ୍ନପୂର୍ଣ୍ଣା ପାଣିଙ୍କ ସହ କୁନି ଝିଅ ହରପ୍ରିୟା ପାଣି ଗୁରୁତର ହୋଇଛନ୍ତି।

ଘଟଣାରୁ ଜଣାପଡ଼ିଛି, ସୌମ୍ୟରଞ୍ଜନ ବାଇକ୍(ନଂ. ଓଡି୦୬ବି- ୭୮୭୬)ରେ ଘରୁ କୁମୁସି ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବାବେଳେ ସ୍କର୍ପିଓ (ନଂ.ଓଆର୧୯ଏଚେ-୦୦୮୧)ସହ ଧକ୍କା ହୋଇଥିଲା। ଗୁରୁତର ୩ଜଣଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ସୌମ୍ୟରଞ୍ଜନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ପରଜଙ୍ଗ ଥାନାର କୌଣସି ଅଧିକାରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ପହଞ୍ଚି ନ ଥିଲେ। ପ୍ରତିବାଦରେ ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଥିଲେ। ପରେ ଥାନାଧିକାରୀ ବିଜୟ କୁମାର ହାଇବ୍ରୁ, ବ୍ରଜ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ସ୍କର୍ପିଓ ଓ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ସୁନାବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବହଳଦା, ୧୨।୧୧(ଡି.ଏନ୍.ଏ.)


ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ମୟୂରଭଞ୍ଜ ଜିଲା ବହଳଦାରେ ପୂଜା ପାଉଥିବା ଆରାଧ୍ୟ ଦେବୀ ମା' କୀଚକେଶ୍ୱରୀଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି । ବଡି ଭୋରରୁ ମା'ଙ୍କ ସ୍ନାନାଦି, ଶୃଙ୍ଗାର ଓ ପାରମ୍ପରିକ ନୀତି କାର୍ଯ୍ୟ ସମାପନ ପରେ ସକାଳ ୭ଟାରୁ ମା'ଙ୍କ ଦୁର୍ଲଭ ସୁନାବେଶ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା । ଜିଲା ତଥା ପଡୋଶୀ ଝାରଖଣ୍ଡ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଲମ୍ବାଧାଡ଼ିରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିଥିଲା । ପୂଜକ ଆର୍ଯ୍ୟ ଶଙ୍କର ପାଣିଗ୍ରାହୀ ମା'ଙ୍କର ନୀତିକାନ୍ତି, ସୁନାବେଶ ଶୃଙ୍ଗାର କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ପଣ୍ଡିତ ଅନୁପ କୁମାର ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ସୁନାବେଶ ଦର୍ଶନ ପାଇଁ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ଉପଜିଲାପାଳ ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ପରିଚାଳନାରେ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା।

## ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବାକୁ ପରାମର୍ଶ

ତାଳଚେର, ୧୨।୧୧(ନି.ପ୍ର.)

ରାଜ୍ୟ ଭାଜପା ସମ୍ପାଦକ ତଥା ତାଳଚେର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଦିଲୀପ ମଲ୍ଲିକ ସୋମବାର ତାଳଚେର ଗସ୍ତରେ ଆସିଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ସେ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଶାସକ ଦଳର ଲୋକ ପ୍ରତିନିଧିମାନେ ତାଳଚେରକୁ କ୍ରମାଗତ ଭାବେ ଅବହେଳା କରୁଛନ୍ତି। ସ୍କୁଲରେ ଶିକ୍ଷକ ଅଭାବଠାରୁ ଆରମ୍ଭ କରି ବିଶୁଦ୍ଧ ପାନୀୟ ଜଳ, ଡାକ୍ତରଖାନାରେ ଡାକ୍ତର ଅଭାବ ସହ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ଲୋକେ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଥିଲେ। ତେବେ ଦଳୀୟ କର୍ମୀମାନେ ଜନସାଧାରଣଙ୍କ ସହ ସୁସମ୍ପର୍କ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, କଣିହାଁ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଜିଲା ପରିଷଦ ସଦସ୍ୟ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଉପ ସଭାପତି ପେସ୍କାର ଗଡ଼ନାୟକ, ମିଡିଆ ସେଲ ପ୍ରଭାରୀ ପର୍ଶୁରାମ ବାରିକ, ବିଭିନ୍ନ ମଣ୍ଡଳ ସଭାପତି, ସମସ୍ତ ମୋର୍ଚ୍ଚାର ପ୍ରମୁଖ କାର୍ଯ୍ୟକର୍ତ୍ତା, ବ୍ଲକର ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ପଲିଥିନ ଚଢ଼ାଉ, ଜରିମାନା ଆଦାୟ



ଅନୁଗୋଳ ଅଫିସ, ୧୨।୧୧

ଅନୁଗୋଳ ପୌରପାଳିକା ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପଲିଥିନ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ଦୋକାନଗୁଡ଼ିକରୁ ୩ କିଲୋଗ୍ରାମ ପଲିଥିନ ଜବତ କରାଯାଇ ଥିବାବେଳେ ୪ ହଜାର ୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପୌରପାଳିକାର ପିଟିସି, ଅମଲାପଡ଼ା ଅଞ୍ଚଳରେ ପୌର କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ସାଧାରଣତଃ ଜଳଖିଆ ଦୋକାନ, ଗୁପ୍‌ଚୁପ୍ ଠେଲା, ପରିବା ଦୋକାନ, ଫଳ ଦୋକାନ ଆଦିରେ ଚଢ଼ାଉ ହୋଇଥିଲା। ପଲିଥିନ ରଖିଥିବା ଦୋକାନୀଙ୍କୁ ପୌର କର୍ମଚାରୀ ତାଗିଦ୍ କରିବା ସହ ପଲିଥିନ ବ୍ୟବହାର ନ କରିବାକୁ ଚେତାବନୀ ଦେଇଥିଲେ। ପୌରନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା।

## ମହିଳାଙ୍କଠାରୁ ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ତାଳଚେର, ୧୨।୧୧(ନି.ପ୍ର.)

ତାଳଚେର ଅନନ୍ତବିହାର କଲୋନୀର ଜନୈକା ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନାଚେନ ଲୁଟି ନେଇ ପଳାଇଥିବା କଳିୟାରୀ ଥାନାରେ ଅଭିଯୋଗ ହୋଇଛି। ସୋମବାର ସକାଳ ସାଢ଼େ ୬ଟା ବେଳେ କୋଇଲା ଖଣିର ସିଭିଲ ଇଞ୍ଜିନିୟର ଜଗଦାନନ୍ଦ ନାୟକଙ୍କ ସ୍ତ୍ରୀ ଶୁଭଶ୍ରୀ ମନ୍ଦିରକୁ ଯିବା ନିମନ୍ତେ ରାସ୍ତା ପାର୍ଶ୍ୱରେ ପଡୋଶୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ହଠାତ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ୨୫ ଗ୍ରାମ ଓଜନର ସୁନାଚେନ ଝାମ୍ପି ନେଇ ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। କଳିୟାରୀ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପଶ୍ଚିମେଶ୍ୱର ମନ୍ଦିରରେ କାର୍ତ୍ତିକ ଉତ୍ସବ



ଭାପୁର, ୧୨।୧୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ବ୍ଲକ ଛଦେଶ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ପଶ୍ଚିମେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ସକାଳୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାକୁ ଏକ ପଟୁଆରରେ ସାପୁଆ ନଦୀ କୂଳ ଆଡ଼ପ ମଣ୍ଡପକୁ ଅଣାଯାଇଥିଲା। ପରେ ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ପୂର୍ବରୁ ଚଳନ୍ତି ପ୍ରତିମାକୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସ୍ଥାନୀୟ କଲେଜର ଏନ୍‌ସିସି ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଭକ୍ତଙ୍କ ଭିଡ଼ ଯୋଗୁ ଭାପୁର ଛକ ଓ ଶଙ୍କରପୁର ଛକଠାରୁ ଏହି ରାସ୍ତା ଦେଇଯାଇଥିବା ଗାଡ଼ିଗୁଡ଼ିକ ଢେଙ୍କାନାଳ ଦେଇ ଯାତାୟାତ କରିଥିଲେ।

## ହିଙ୍ଗୁଳା ପୀଠ ମହାଚଣ୍ଡୀ ଯଜ୍ଞ ଉଦ୍‌ଯାପିତ

ତାଳଚେର, ୧୨।୧୧(ନି.ପ୍ର.)


ପୀଠରେ ହୋମଯଜ୍ଞ କରାଯାଉଛି।

ପଞ୍ଚୁକ ଅବସରରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠରେ ଚାଲିଥିବା ମହାଚଣ୍ଡୀ ଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମା' ହିଙ୍ଗୁଳାଙ୍କ ଷୋଡଶ ଉପଚାର ପୂଜା, ସପ୍ତସତୀ ଚଣ୍ଡୀ ମହାଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ପଣ୍ଡିତ ଶରତ ଚନ୍ଦ୍ର ଷଡଙ୍ଗୀ, ଗୋପାଳ ଚନ୍ଦ୍ର ଷଡଙ୍ଗୀ, ମାର୍କଣ୍ଡ କୁମାର ଦାସ, ସୂର୍ଯ୍ୟନାରାୟଣ କର, ପ୍ରମୋଦ କୁମାର ପାଣିଗ୍ରାହୀ, ସୁବାସ ଚନ୍ଦ୍ର ନନ୍ଦ, ପ୍ରମୋଦ କୁମାର ମିଶ୍ର, ଚନ୍ଦ୍ରଶେଖର ମହାପାତ୍ର, ଉତ୍ପଳ କୁମାର ତ୍ରିପାଠୀ, ମୀନକେତନ ମିଶ୍ର, ଟଙ୍କଧର ଶତପଥୀ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣିର ପ୍ରବନ୍ଧକ ପି.ଗୁଇଁ ଓ ସାମାଜିକ କର୍ମୀ ସଞ୍ଜୟ କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା' ହିଙ୍ଗୁଳା ବିଶ୍ୱଶାନ୍ତି ଯଜ୍ଞାନୁଷ୍ଠାନ କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟଙ୍କ ସହ ଯଜ୍ଞାନୁଷ୍ଠାନ କମିଟି ଏବଂ ଗୋପାଳପ୍ରସାଦ ଗ୍ରାମବାସୀ ସହଯୋଗ କରିଥିଲେ।

■ଆଦିବାସୀ ଛାତ୍ରୀ ହଷ୍ଟେଲ ଛାଡ଼ିବା ଘଟଣା

# ତଦନ୍ତ କଲେ ଉପଜିଲାପାଳ

ପାଲଲହଡା, ୧୨।୧୧(ଡି.ଏନ.ଏ.)


ସିବିଡ଼ା ଶିକ୍ଷା ନିକେତନରେ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ନଗିରା ପଞ୍ଚାୟତରେ ଥିବା ସିବିଡ଼ା ଶିକ୍ଷା ନିକେତନର ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଛାତ୍ରୀ ସୋମବାର ହଷ୍ଟେଲ ଛାଡିବା ଘଟଣାରେ ମଙ୍ଗଳବାର ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ସେଠାକୁ ଯାଇ ତଦନ୍ତ କରିଛନ୍ତି। ଛାତ୍ରୀମାନଙ୍କୁ ପୁଣି ଥରେ ହଷ୍ଟେଲକୁ ଫେରାଇ ଆଣିବା ପାଇଁ ପ୍ରଶାସନ ବ୍ୟବସ୍ଥା କରିଥିଲେ ମଧ ଅଭିଭାବକମାନେ ମାନି ନ ଥିଲେ।

ଶିକ୍ଷା ନିକେତନରେ ଲାଗି ରହିଥିବା ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଛାତ୍ରୀମାନେ ହଷ୍ଟେଲକୁ ଯିବେ ନାହିଁ ବୋଲି ଅଭିଭାବକମାନେ ମନା କରିଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଉପଜିଲାପାଳ ପ୍ରଧାନ କହିଛନ୍ତି, ଶିକ୍ଷାନିକେତନରେ ବର୍ତ୍ତମାନ ୨୭ ଜଣ ଛାତ୍ରୀ ଅଛନ୍ତି। ହଷ୍ଟେଲ ଛାଡି ଚାଲିଯାଇଥିବା ଛାତ୍ରୀମାନଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଅଭିଭାବକମାନଙ୍କ ସହ ଆଲୋଚନା ଚାଲିଛି। ଖୁବଶୀଘ୍ର ସମସ୍ତ ଛାତ୍ରୀ ଛାତ୍ରୀନିବାସକୁ ଫେରିବେ। ଏଥିସହିତ ଲାଗି ରହିଥିବା ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି। ପାଉଡିଭୂୟାଁ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଉଦିତ କୁମାର ପୁରୋହିତ, ବ୍ଲକ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡା, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥୀ ଶୁଣ୍ଠି ପ୍ରମୁଖ ଉପସ୍ଥିତ ଥିଲେ।

### ପିଲାଙ୍କୁ ଛାଡିଲେନି ଅଭିଭାବକ

ପ୍ରକାଶଥାଉ କି, ଦୀର୍ଘଦିନରୁ ଏହି ଶିକ୍ଷା ନିକେତନରେ ମୌଳିକ ସୁବିଧା ପାଇବା ପାଇଁ ଅନ୍ତେବାସୀମାନେ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପାଖରେ ଅଭିଯୋଗ କରି ଆସୁଥିଲେ। ହେଲେ କୌଣସି ସୁଫଳ ମିଳୁ ନ ମିଳିବରୁ ଏହାର ପ୍ରତିବାଦରେ ସୋମବାର ଅଭିଭାବକମାନେ ବିଦ୍ୟାଳୟ ନିକଟରେ ଏକଜୁଟ ହୋଇ ଏକ ବୈଠକ କରିଥିଲେ। ଏଥିସହ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ହଷ୍ଟେଲରୁ ନେଇ ଯାଇଥିଲେ।

## ଚିନାବାଦାମରେ ରାଇବୋଜିୟମ୍ କଲ୍‌ଚର



କିସମ : ଦେବୀ, ଜେଏଲ୍‌-୨୪, ଟିଏଜି-୨୪, ଟିଜି-୩୮ ବି, ଟିଜି-୩୭ ଏ, କାଦିରି-୩ ।
-ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

## ଅଧିକ ମାଂସ ଓ ଅଣ୍ଡା ଲାଗି...

-ଗାଁଗହଳିରେ ଅଧିକ ମାଂସ ଓ ଅଣ୍ଡାପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରିପାରିବେ।
-ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ ।
-ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।
-ପଲ୍ଲୀରାଜା ଏକ ରଙ୍ଗୀନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ ।
-ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟୀକା ଦିଅନ୍ତୁ।



## ସୋରିଷରେ ମୂଳସାର

ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।



# ବାତ୍ୟା ପ୍ରଭାବିତ ଅଞ୍ଚଳର ଚାଷୀଙ୍କ ପାଇଁ...

ନିକଟରେ ସଂଘଠିତ ବାତ୍ୟା 'ବୁଲ୍‌ବୁଲ୍' ଓ ଏହି ସମୟର ବର୍ଷା ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ମୟୂରଭଞ୍ଜ ଜିଲାରେ ଧାନ ଓ ଅନ୍ୟାନ୍ୟ ଫସଲ ପ୍ରଭାବିତ ହୋଇଛି। ଏହି ଅଞ୍ଚଳରେ ଚାଷୀଭାଇମାନେ ନିମ୍ନରେ ସୂଚୀତ ଆପତକାଳୀନ ଫସଲ ଯୋଜନା ଗ୍ରହଣ କରିପାରିବେ :

-ପାଚି ଯାଇଥିବା ମଧ୍ୟମ କିସମ ଧାନକୁ ତୁରନ୍ତ କାଟିନେଇ ପାଣି ନିଡ଼ିବା ପରେ ଟାଣ ଖରାରେ ଶୁଖାଇ ଶୀଘ୍ର ଅମଳ କରନ୍ତୁ।
-ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ ତୁରନ୍ତ ବ୍ୟବସ୍ଥା କରନ୍ତୁ।
-ପଡ଼ିଯାଇଥିବା ପନିପରିବା ଗଛର ମୂଳକୁ ମାଟି ଦେଇ ଠିଆ କରାନ୍ତୁ।
-ପନିପରିବା ନର୍ସରିରୁ ଅତ୍ୟଧିକ ଜଳ ନିଷ୍କାସନ ଲାଗି ଯଥାଶୀଘ୍ର ବ୍ୟବସ୍ଥା କରନ୍ତୁ।
-ସଂପୂର୍ଣ୍ଣ ଭାବେ ପନିପରିବା ଫସଲ ନଷ୍ଟ ହୋଇଯାଇଥିଲେ ଜମିରେ ପାଗ ଆସିଲା ପରେ ପୁଣି ଜମି ପ୍ରସ୍ତୁତ କରି ସଅଳ କିସମ ଶୀତଦିନିଆ ତଥା ଅନ୍ୟାନ୍ୟ ପନିପରିବା ଫସଲ ଲଗାଇବା ବ୍ୟବସ୍ଥା କରନ୍ତୁ।
-ଏହି ସବୁ ଅଞ୍ଚଳରେ ଫଳ ବଗିଚାରୁ ମଧ୍ୟ ପାଣି କାଟି ବାହାର କରିଦିଅନ୍ତୁ।
-ବାତ୍ୟା ପରେ ଭାଙ୍ଗି ପଡ଼ିଥିବା କଦଳୀ ଗଛଗୁଡ଼ିକୁ କାଟି ବାହାର କରି ଦିଅନ୍ତୁ। କଦଳୀ ବଗିଚାରୁ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଓ ବଗିଚାକୁ ପରିଷ୍କାର ରଖନ୍ତୁ।
-ବର୍ଷା ପରେ ଅଧିକ ବତର ଥିବା ଜମିରେ ଆଳୁ ବିହନ ଲଗାଇଲେ ଶଢ଼ି ଯିବାର ଆଶଙ୍କା ରହିଛି। ତେଣୁ ମାଟି ଶୁଖିବା ପରେ ଉପଯୁକ୍ତ ବତରରେ ଗୁଣ୍ଡ ଚାଷ କରି ଗଜା ଆଳୁ ମଞ୍ଜିକୁ ବିଶୋଧନ କରି ଲଗାନ୍ତୁ।
-ପାଣି ଛାଡ଼ିଗଲା ପରେ ଧାନ, ପନିପରିବା ଓ ଡାଲିଜାତୀୟ ଫସଲରେ କେତେକ ରୋଗ ପୋକ ଲାଗିବାର ଆଶଙ୍କା ରହିଛି। ତେଣୁ ଏହି ସମ୍ଭାବ୍ୟ ରୋଗ ପୋକ ସମସ୍ୟା ଓ ଏହାର ପରିଚାଳନା ସମ୍ପର୍କରେ ସୂଚନା ଦିଆଯାଉଛି।







**ଧାନ- କେଣ୍ଡାକଟା ପୋକ:** ବର୍ଷା ଛାଡ଼ି ଖରା ପାଗ ହୋଇଗଲା ପରେ କେଣ୍ଡାକଟା ପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୫୦% + ସାଇପରମେଥ୍ରିନ୍ ୫% ଇ.ସି. ୪୦୦ ମି.ଲି. କିମ୍ବା ପ୍ରୋଫେନୋଫସ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଅପରାହ୍ନରେ ସିଞ୍ଚନ କରନ୍ତୁ।

**ଗନ୍ଧିପୋକ:** ବର୍ଷା ପରେ କମ୍ ଉତ୍ତାପ ରହିଲେ ଗନ୍ଧି ପୋକ ଲାଗି ପାରନ୍ତି। ଏହାର ନିରାକରଣ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ୧୦ କି.ଗ୍ରା. କିମ୍ବା ମାଲାଥିଅନ୍ ୫୦% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସକାଳ ସମୟରେ ସିଞ୍ଚନ କରନ୍ତୁ।

**ବେକ ମହିଷା / କେଣ୍ଡା ମହିଷା:** ଧାନ ଫସଲରେ ବର୍ଷା ଛାଡ଼ିଗଲା ପରେ ବେକ ମହିଷା / କେଣ୍ଡା ମହିଷା ରୋଗ ଦେଖାଦେବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲୁ.ପି. ୧୨୦ ଗ୍ରାମ୍ କିମ୍ବା କାସୁଗାମାଇସିନ୍ ୩% ଏସ୍.ଏଲ୍. ୪୦୦ ମି.ଲି. କିମ୍ବା ହେକ୍ସାକୋନାଜୋଲ୍ ୫% ଇ.ସି. ୪୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପତ୍ରାଚ୍ଛାଦ ଶଢ଼ାରୋଗ :** ଏହି ରୋଗ ଦେଖାଗଲେ ଧାନ ଗଛ ବେକ ପଚି ଚିପି ହୋଇଯାଏ। ଫଳରେ କେଣ୍ଡା ଶଢ଼ିଯାଇ ବାହାରିପାରେ ନାହିଁ। ନିୟନ୍ତ୍ରଣ ଲାଗି ଏକର ପ୍ରତି କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୩୦୦ ଗ୍ରାମ୍ କିମ୍ବା ଆଇପ୍ରୋଡିୟନ୍ ୨୫% + କାର୍ବେଣ୍ଡାଜିମ୍ ୨୫% ଡବ୍ଲୁ.ପି. ୫୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୨୦୦ ମି.ଲି. ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା ଓ ଡାଲିଜାତୀୟ ଫସଲ**

**ଜଉପୋକ :** ପନିପରିବା ଓ ଡାଲିଜାତୀୟ ଫସଲରେ ଜଉପୋକ ଲାଗିବାର ଆଶଙ୍କା ରହିଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଡି.ଜି. ୪୦ ଗ୍ରାମ୍ କିମ୍ବା ଏ ସିଟାମିପ୍ରିଡ୍ ୨୦% ଏସ୍.ପି. ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ପାଉଁଶିଆ ରୋଗ :** ବର୍ଷା ଛାଡ଼ିଗଲା ପରେ ମୁଗ, ବିରି, ହରଡ଼, ବରଗୁଡ଼ି ଆଦି ଫସଲରେ ପାଉଁଶିଆ ରୋଗ ଲାଗିବାର ଆଶଙ୍କା ରହିଛି। ନିରାକରଣ ଲାଗି ଏକର ପ୍ରତି ସଲ୍‌ଫର୍ ୮୦% ଡବ୍ଲୁ.ଜି. ୫୦୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଝାଉଁଳା ରୋଗ :** ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ଆଶଙ୍କା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଫସଲର ମୂଳ ଭାଗକୁ ସିଞ୍ଚନ କରନ୍ତୁ। ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସଂପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

-ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

# ଲାଖଚାଷ



ଲାଖ କୀଟ ନାମକ କ୍ଷୁଦ୍ରକୀଟ ସେମାନଙ୍କ ଦେହରୁ ଅଠାପରି ଏକ ପଦାର୍ଥ ବାହାର କରନ୍ତି। ସେହି ଅଠାକୁ ଲାଖ କୁହାଯାଏ। ଗେଣ୍ଡା ଯେପରି ନିଜ ସୁରକ୍ଷା ପାଇଁ ଖୋଳଟିଏ ତିଆରି କରିଥାଏ ଲାଖକୀଟ ସେହିପରି ନିଜ ପାଇଁ ସୁରକ୍ଷା କବଚଟିଏ ଗଢ଼ିବା ଉଦ୍ଦେଶ୍ୟରେ ଦେହରୁ ଏକପ୍ରକାର ରସ କ୍ଷରଣ କରାଇଥାଏ। ସେହି ରସ ବା ଅଠାଳିଆ ପଦାର୍ଥ ଶୁଖି ଶକ୍ତ ହୋଇଗଲେ ଲାଖରେ ପରିଣତ ହୁଏ। ଆମ ରାଜ୍ୟର କୃଷି ଜଳବାୟୁ ଲାଖ ଚାଷ ପାଇଁ ଅନୁକୂଳ। ଏହା କେଉଁଝର, ମୟୂରଭଞ୍ଜ, ସମ୍ବଲପୁର,ସୁନ୍ଦରଗଡ, ନବରଙ୍ଗପୁର, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ ବନବାସୀମାନେ ଚାଷ କରନ୍ତି। ସମଗ୍ର ଭାରତବର୍ଷରେ ଲାଖ ଚାଷରେ ଓଡିଶା ସପ୍ତମ ସ୍ଥାନରେ ଅଛି।

ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଔଷଧ ବଟିକା, ଖାଦ୍ୟ ପଦାର୍ଥ, ପନିପରିବା, ଫଳ ସାମଗ୍ରୀର ବାହ୍ୟ ଆବରଣ ନିମନ୍ତେ ବହୁ ମାତ୍ରାରେ ଲାଖ ବ୍ୟବହୃତ ହୋଇଥାଏ। ଏହାକୁ ଜୋତା, ଘରର ଚଟାଣ ଓ ମଟରଯାନ ଆଦିକୁ ଚିକ୍କଣ ଏବଂ ଚକ୍‌ଚକ୍ କରିବା ପାଇଁ ବ୍ୟବହାର କରାଯାଏ। ଏଥିରୁ ରଙ୍ଗ,ବାର୍ଣ୍ଣିସ୍, ଅଳତା ତିଆରି ହୁଏ। ସୁଗନ୍ଧି, ସାମ୍ପୁ,ଚମଡା,ରବର,ବୈଦ୍ୟୁତିକ ଉପକରଣ,ବିଭିନ୍ନ ପ୍ରକାର ଗହଣା, ସୌଖୀନ ତଥା ଆଳଙ୍କାରିକ ପଦାର୍ଥରେ ଲାଖର ବ୍ୟବହାର ଥିବାରୁ ଏହାର ଚାହିଦା ଅନ୍ତର୍ଜାତୀୟ ବଜାରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

**ଲାଖର ପ୍ରକାର ଭେଦ:**
ଲାଖକୀଟ କେତେକ ନିର୍ଦ୍ଦିଷ୍ଟ ଗଛର କଅଁଳିଆ ଡାଳର ରସ ଶୋଷି ଖାଇ ଥାଆନ୍ତି। ଏହାକୁ ପୋଷକ ବା ଆଶ୍ରୟ ବୃକ୍ଷ କହନ୍ତି। ଭାରତବର୍ଷରେ ସାଧାରଣତଃ ଦୁଇ ପ୍ରକାରର ଲାଖ ଫସଲ ଦେଖିବାକୁ ମିଳେ। ପ୍ରଥମଟି ରଙ୍ଗିଣୀ ଓ ଦ୍ୱିତୀୟଟି କୁସୁମୀ। କୁସୁମୀ ଲାଖ ଅଧିକ ଓଜନିଆ ଓ ଏହାର ଦାମ୍ ମଧ୍ୟ ଅଧିକ।

**ରଙ୍ଗିଣୀ କିସମ:** ରଙ୍ଗିଣୀ କିସମ ଲାଖକୀଟ ପଳାଶ,ବରକୋଳି,ଆକାଶିଆ,ଭାଲିଆ, ବାବୁଲ,ଖଇର ଆଦି ଗଛରେ ଚାଷ କରାଯାଏ। ବର୍ଷକୁ ଦୁଇଥର ଏହି କିସମରେ ଲାଖଚାଷ କରାଯାଇଥାଏ। ଏହାକୁ କାର୍ତ୍ତିକି ଓ ବୈଶାଖୀ ଚାଷ ହିସାବରେ ନାମିତ କରାଯାଇଛି। ଅମଳ ମାସର ନାମ ଅନୁସାରେ ଫସଲର ନାମକରଣ କରାଯାଇଛି।

**କୁସୁମୀକିସମ:** କୁସୁମୀକିସମର ଲାଖକୀଟ କୁସୁମ,ବରକୋଳି,ସେମିଆଲତା ଆଦି ଗଛରେ ବଢ଼ିଥାଆନ୍ତି। ଏହାକୁ ମଧ୍ୟ ବର୍ଷରେ ଦୁଇଥର ଚାଷ କରାଯାଏ। ପ୍ରଥମଟି ଅଘାନୀ ଓ ଦ୍ୱିତୀୟଟି ଜେଠୁଇ।

**ଲାଖଚାଷ ପଦ୍ଧତି**


**ଶାଖା ସଂସ୍କାର(କାଟ୍-ଛାଟ୍):** ପୋଷକ ବୃକ୍ଷର କଅଁଳ ଡାଳର ରସକୁ ଲାଖକୀଟ ଶୋଷଣ କରିଥାଆନ୍ତି। ତେଣୁ ତା'ର ବଞ୍ଚିବା ପାଇଁ ଦରକାର ହୁଏ କଅଁଳ ତଥା ରସାଳ ଶାଖା ପ୍ରଶାଖା। ପୋଷକ ଗଛରେ ସବୁବେଳେ ଏହି ଭଳି କଅଁଳ ଡାଳ ଆବଶ୍ୟକ ପରିମାଣରେ ମିଳେ ନାହିଁ। ତେଣୁ ଲାଖଚାଷୀ ପୋଷକ ଗଛର ଡାଳମାନ କିଛି ପରିମାଣରେ କାଟି ଦିଅନ୍ତି । ଫଳରେ ନୂଆକରି ଶାଖାପ୍ରଶାଖା କଅଁଳି ଉଠେ । ଏହି ପ୍ରକ୍ରିୟାକୁ ଶାଖା ସଂସ୍କାର କହନ୍ତି । ବୁଢା ଆଙ୍ଗୁଠିଠାରୁ ମୋଟା ଅର୍ଥାତ ୨.୫ସେ.ମିରୁ ଅଧିକ ମୋଟା ଡାଳ କଟାଯାଏ ନାହିଁ । କାରଣ ସେଥିରୁ ବେଶି ପରିମାଣରେ ରସାଳ ତଥା ହୃଷ୍ଟପୁଷ୍ଟ ଗଜା ବାହାରେ ନାହିଁ । ୧.୨୫ ସେ.ମି.ରୁ ୨.୫ ସେ.ମି. ମୋଟେଇର ଡାଳମାନ କଟାଯାଏ ।

**କୀଟ ସଞ୍ଚରଣ:** ପରିପକ୍ୱ ମାଈକୀଟରୁ ସୃଷ୍ଟି ହେଉଥିବା ଶିଶୁକୀଟଗୁଡିକ ପୋଷକ ବୃକ୍ଷର ଡାଳ ଉପରେ ସଞ୍ଚାର ହେବା ପ୍ରକ୍ରିୟାକୁ କୀଟ ସଞ୍ଚରଣ କୁହନ୍ତି । ବିହନ ଛାଡିବା ବା କୀଟ ସଞ୍ଚରଣ ସମୟ ଗଛ/ଫସଲ ଅନୁଯାୟୀ ଭିନ୍ନଭିନ୍ନ ହୋଇଥାଏ, ଯାହା ଲାଖ ଫସଲ ଓ ପ୍ରକାର ଭେଦରେ ବର୍ଣ୍ଣନା କରାଯାଇଛି । ବିହନ ଲାଖ ପଲ୍ଲବିତ ଡାଳରେ ବିଡାକରି ବନ୍ଧାଯାଏ ଯେପରି କି ପ୍ରତି ବିଡାରେ ୩-୫ ଖଣ୍ଡ କଟା ବିହନ (ଯାହାର ଓଜନ ପ୍ରାୟ ୨୦୦ ଗ୍ରାମ) ବାନ୍ଧି ଦିଆଯାଏ । ଶିଶୁକୀଟ ବାହାରିବା ପରେ ରହିଯାଇଥିବା ଲାଖ ଖଣ୍ଡକୁ ଫୁଙ୍କି କୁହନ୍ତି ଏବଂ ଗଛରୁ ଶୀଘ୍ର ବାହାର କରିବା ଆବଶ୍ୟକ (ସଞ୍ଚରଣଠାରୁ ୩ ସପ୍ତାହ ମଧ୍ୟରେ)।

| ଗଛ | ବିହନ ଲାଖର ପରିମାଣ |
|---|---|
| ପଳାଶ | ୦.୫-୧.୦ କେଜି |
| ବରକୋଳି | ୧.୦-୨.୦ କେଜି |
| ଖଇର | ୧.୦-୨.୦ କେଜି |
| କୁସୁମ | ୫.୦-୧୦.୦ କେଜି |

(କ୍ରମଶଃ..)

-ଗୟାଧର ଶିଅଳ (ବନବିଜ୍ଞାନୀ, ଓୟୁଏଟି,ଭୁବନେଶ୍ୱର, ମୋ: ୯୪୩୭୦୩୧୨୦୯)
-ଉମାଶଙ୍କର ନାୟକ (ବରିଷ୍ଠ ବୈଜ୍ଞାନିକ,ଓୟୁଏଟି,ଭୁବନେଶ୍ୱର)



## ପିଆଜ ଲଗାଇବା ପୂର୍ବରୁ

ତଳିଗୁଡିକ ୧୨-୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡିକୁ ଉପର ବେଳା ଓପାଡି ଲଗାନ୍ତୁ। ଶୀତଦିନରେ ୮-୧୦ସପ୍ତାହର ଚାରା ଲଗାନ୍ତୁ। ଛୋଟତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରହେ ଓ ବଡ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରି ପଡେ। ଜମିକୁ ଭଲଭାବରେ ୪-୫ଥର ଚାଷ କରି ମାଟି ଗୁଣ୍ଡ କରି ଦିଅନ୍ତୁ। ପାଣି ମଡେଇବାର ସୁବିଧା ଦେଖି ୨ ମିଟର ଓସାରର ଛୋଟଛୋଟ ପଟାଳି କରି ଖତସାର ଦେଇ ଜମି ସମତୁଲ କରି ଦିଅନ୍ତୁ। ପଟାଳି ପ୍ରସ୍ତୁତି ସମୟରେ ଏକର ପ୍ରତି ୧୦କି.ଗ୍ରା କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଉଇ ବା କଟା ପୋକ ହେବେ ନାହିଁ। ଧାଡିକୁ ଧାଡି ୧୫ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନରେ ଚାରା ଲଗାନ୍ତୁ। ଏକର ପ୍ରତି ୮-୧୨ ଟନ ଶଢ଼ା ଗୋବରଖତ ଗୁଣ୍ଡ ତଳି ଲଗେଇବାର ଏକ ସପ୍ତାହ ପୂର୍ବରୁ



ଜମିରେ ପକାଇ ଭଲଭାବେ ମାଟିରେ ମିଶେଇ ଦିଅନ୍ତୁ। ପିଆଜ ଚାଷ ଲାଗି ଏକର ପ୍ରତି ୪୮କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସଫରସ ଓ ୨୪କି.ଗ୍ରା. ପଟାସ ସାର ଆବଶ୍ୟକ। ଅଧା ଯବକ୍ଷାରଜାନ, ସମୁଦାୟ ଫସଫରସ ଓ ଅଧା ପଟାସ ସାରକୁ ମୂଳସାର ରୂପେ ତଳି ରୋଇବାର ଦୁଇଦିନ ଆଗରୁ ମାଟିରେ ମିଶେଇ ଦିଅନ୍ତୁ।

## ଆଳୁରେ ହୁଡ଼ା ଦେଉଥିଲେ

ବର୍ତ୍ତମାନ ଆଳୁ ଲଗାଇବାର ପ୍ରକୃଷ୍ଟ ସମୟ। ଏହି ସମୟରେ ଆଳୁ ଲଗାଇଲେ ଭଲ ଅମଳ ମିଳିଥାଏ କାରଣ ଆଳୁ ଫଳିବା ଓ ବଢ଼ିବା ପାଇଁ ଉପଯୁକ୍ତ ପାଗ ମିଳିଥାଏ। ଏକ ଏକର ଜମିରେ ଆଳୁ ଲଗାଇବା ଲାଗି ୬-୮କୁଇଣ୍ଟାଲ ସଂଗ୍ରହ କରି ଅନ୍ଧାରରେ ୭ଦିନ ଚଟାଣରେ ରଖି ଦିଅନ୍ତୁ। ପରେ ଲଗାଇବା ପୂର୍ବରୁ ବିହନକୁ ୧୦ଲିଟର ପାଣିରେ ୨୦ଗ୍ରାମ୍ ମାଙ୍କୋଜେବ୍ ସହିତ ଏକ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ୩୦ମିନିଟ୍ ଭିଜାଇ ଛାଇରେ ଶୁଖାଇ ଦିଅନ୍ତୁ।



-ଜମି ପ୍ରସ୍ତୁତି ବେଳେ ସାଧାରଣ ଜମି ପାଇଁ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଓ ନଈ ବାଲିରେ ୧୦ଟନ୍ କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ସାଧାରଣ ଜମି ପାଇଁ ଅନୁମୋଦିତ ସାର ଯଥା- ୬୦-୩୦-୪୦ଯବକ୍ଷାରଜାନ ଫସଫରସ ଓ ପଟାସ ଏବଂ ନଈ ବାଲିରେ ୯୦-୪୫-୬୦ଯବକ୍ଷାରଜାନ ଫସଫରସ ଓ ପଟାସ ପ୍ରୟୋଗ କରନ୍ତୁ। ଆଳୁ ଲଗାଇବା ବେଳେ ସବୁତକ ଫସଫରସ ଓ ପଟାସ ଏବଂ ଅଧା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ତା' ସହିତ ଏକର ପ୍ରତି ୫ କିଗ୍ରା ବ୍ଲିଚିଙ୍ଗ ପାଉଡର ଓ ୪କି.ଗ୍ରା ଫୋରେଟ୍ ପ୍ରୟୋଗ କଲେ ପ୍ରାଥମିକ ଅବସ୍ଥାରେ ପୋକ ଝାଉଁଳା, ଯାଦୁରା ରୋଗ ଦମନ ହୋଇଥାଏ।



ସରକାର ଦେଶ ମଧ୍ୟରେ ୧୦ ହଜାର କୃଷି ଉତ୍ପାଦକ ଅନୁଷ୍ଠାନ ସ୍ଥାପନ କରିବାକୁ ଯୋଜନା ରଖିଛନ୍ତି। ରାଜ୍ୟସ୍ତରରେ ଇ-ନାମ୍‌କୁ ପ୍ରୋତ୍ସାହନ ଜରୁରୀ।
– ନିର୍ମଳା ସୀତାରାମନ, ଅର୍ଥ ମନ୍ତ୍ରୀ



ଅନ୍‌ଲାଇନ ପ୍ଲାଟଫର୍ମରେ କେତେକ ରିଟେଲର ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅତି କମ୍ ମୂଲ୍ୟରେ ସାମଗ୍ରୀ ବିକ୍ରି କରୁଛନ୍ତି। ଏହାଦ୍ୱାରା ଦେଶର ଲକ୍ଷଲକ୍ଷ ଖୁଚୁରା ବ୍ୟବସାୟୀ ପ୍ରଭାବିତ ହେଉଛନ୍ତି।
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ

## ସଂକ୍ଷେପରେ

### ସରକାରଙ୍କ ସହଯୋଗ ଲୋଡ଼ିଲା ଭୋଡାଫୋନ

**ନୂଆଦିଲ୍ଲୀ,୧୨-୧୧:** ବିଭିନ୍ନ ବୈଧାନିକ ଦେୟ ବାବଦକୁ ପ୍ରାୟ ୯୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଟେଲିକମ୍ କମ୍ପାନୀଙ୍କୁ ସୁପ୍ରିମକୋର୍ଟ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ପ୍ରମୁଖ ଟେଲିକମ୍ କମ୍ପାନୀ ଭୋଡାଫୋନର ସିଇଓ ନିକ୍ ରିଡ୍ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସରକାର ଏହି ଦେୟ ପ୍ରଦାନ ଲାଗି କମ୍ପାନୀଙ୍କୁ ବାଧ୍ୟକଲେ ଏହା ପରିଚାଳନାରେ ଅସୁବିଧା ସୃଷ୍ଟି କରିବ। ଏହା ହେଲେ ଭାରତରେ ଭୋଡାଫୋନର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଆସିପାରେ ବୋଲି କମ୍ପାନୀ ପକ୍ଷରୁ ମଙ୍ଗଳବାର କୁହାଯାଇଛି। ଭାରତୀୟ ଟେଲିକମ ଶିଳ୍ପରେ ବହୁତ ଚାର୍ଜ ଏବଂ ଟିକସ ଲାଗୁ ହେଉଥିବାରୁ ଏହା ଶିଳ୍ପ ଲାଗି ବାଧକ ସାଜିଥିବା ସେ ମତ ରଖିଛନ୍ତି। ଏଭଳି ବିଭିନ୍ନ କାରଣ ଲାଗି ଭାରତରେ ଟେଲିକମ୍ ଶିଳ୍ପ ଅପରେଟରଙ୍କ ସ୍ଥିତି ଅତ୍ୟନ୍ତ ଖରାପ ହୋଇଥିବା ସେ ପ୍ରକାଶ କରିଛନ୍ତି। ସେହିଭଳି ସରକାରଙ୍କ କଠୋର ନିୟମକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି। ଭୋଡାଫୋନ ଆଇଡିଆଇକୁ ବିଭିନ୍ନ ଦେୟ ବାବଦରେ ୪୦ ହଜାର କୋଟି ଦେବାକୁ ସରକାର କହିଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟରେ ମାମଲା ହୋଇଥିବା ବେଳେ ସରକାରଙ୍କ ପକ୍ଷରେ ରାୟ ଆସିଛି। ନିକଟରେ ଭୋଡାଫୋନ କହିଥିଲା ଯେ ଏହା ଭାରତ ବଜାରରେ ନିବେଶ ଜାରି ରଖିବ। ହେଲେ ଏଥିଲାଗି ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ସରକାର ଟେଲିକମ୍ କମ୍ପାନୀଗୁଡିକ ଲାଗି ବିଭିନ୍ନ ପ୍ରୋତ୍ସାହନ ପଦକ୍ଷେପ ଏବଂ ରିହାତି ବ୍ୟବସ୍ଥା ଆଣିବା ଉପରେ ସେ ମତ ରଖିଛନ୍ତି।

### ପ୍ରିମିୟମ ଟୁହ୍ୱିଲର୍ ବାଣିଜ୍ୟ ଲାଗି ହୋଣ୍ଡାର ଯୋଜନା

**ନୂଆଦିଲ୍ଲୀ,୧୨-୧୧:** ପ୍ରିମିୟମ ମୋଟର ସାଇକେଲ ବ୍ୟବସାୟ ଲାଗି ହୋଣ୍ଡା ବିଗ୍‌ୱିଙ୍ଗ ସ୍ଥାପନ କରିବାର ମାତ୍ର ୬ ମାସ ମଧ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଭବିଷ୍ୟତ ଅଭିବୃଦ୍ଧି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ହୋଣ୍ଡା ପକ୍ଷରୁ ବର୍ତ୍ତମାନ ପ୍ରିମିୟମ ବର୍ଗରେ ୭ ମୋଟର ସାଇକେଲ ବଜାରରେ ଉପଲବ୍ଧ ହେଉଛି। ଏହାକୁ କମ୍ପାନୀ ୧୩ରେ ପହଞ୍ଚାଇବାକୁ ଯୋଜନା ରଖିଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ଭାରତ ବଜାର ଲାଗି ଆଉ ୫ ମଡେଲ ଲଞ୍ଚ କରିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ଉପଲବ୍ଧ ଥିବା ବାଇକଗୁଡିକ ୩୦୦ରୁ ୧୮୦୦ ସିସି ମଧ୍ୟରେ ରହିଛି। ମେକ୍ ଇନ ଇଣ୍ଡିଆ ଫର ଦି ୱାର୍ଲଡ ଉପରେ ଏହା ଧ୍ୟାନ ରଖିଛି। ସେହିଭଳି ପ୍ରିମିୟମ ବାଇକ କାରବାର କୁ ୭୫ ସହରକୁ ନେବାକୁ କମ୍ପାନୀ ଯୋଜନା ରଖିଛି। ସମ୍ପ୍ରସାରଣ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ କହିଛନ୍ତି।

# ୪.୨%କୁ ଖସିପାରେ ଜିଡିପି

**ନୂଆଦିଲ୍ଲୀ,୧୨-୧୧**

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୪.୨%କୁ ହ୍ରାସ ଘଟିପାରେ। ଅଟୋମୋବାଇଲ କ୍ଷେତ୍ରରେ ବିକ୍ରି ହ୍ରାସ, ଏୟାର ଟ୍ରାଫିକ ମନ୍ଥରତା, ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିରେ ହ୍ରାସ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିବେଶ କମିବା ଯୋଗୁ ଦେଶର ଆର୍ଥିକ କାର୍ଯ୍ୟକଳାପ ହ୍ରାସ ହେଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଅର୍ଥନୈତିକ ଗବେଷଣା ବିଭାଗର ଇକୋରାପ୍ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ଅଭିବୃଦ୍ଧି ହାର ଖସିବା ନେଇ ଏହି ରିପୋର୍ଟରେ ସୂଚନା ଦିଆଯାଇଛି। ଦେଶର ଅଭିବୃଦ୍ଧି ହାର ୬.୧% ରହିବ ବୋଲି ଏସ୍‌ବିଆଇ ପୂର୍ବରୁ ପୂର୍ବାନୁମାନ କରିଥିଲା ମାତ୍ର ଏହାକୁ ବର୍ତ୍ତମାନ ପରିବର୍ତ୍ତନ କରାଯାଇଛି। ୨୦୨୦ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୫%କୁ ଖସିବା ନେଇ ଏହା ପୂର୍ବାନୁମାନ କରିଛି।

ସେହିଭଳି ୨୦୨୦-୨୧ରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ସହ ଏହା ୬.୨% ଛୁଇଁବା ସମ୍ଭାବନା ରହିଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ରିଜର୍ଭ ବ୍ୟାଙ୍କ ଡିସେମ୍ବରରେ ଏହାର ମୁଦ୍ରାନୀତି ସମୀକ୍ଷା ବେଳେ ସୁଧହାର ହ୍ରାସ କରିପାରେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଗତ ମାସରେ ରିଜର୍ଭ ବ୍ୟାଙ୍କ ଏହାର ରେପୋକୁ ଲଗାତାର ଭାବେ ୫ଥର ଲାଗି ହ୍ରାସ କରିବା ସହ ୨୫ ବେସିସ୍ ପଏଣ୍ଟ କମାଇଥିଲା। ଡିସେମ୍ବର ୫ରେ ରିଜର୍ଭ ବ୍ୟାଙ୍କ ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଦେଶର ଅଭିବୃଦ୍ଧି ପୂର୍ବାନୁମାନକୁ ଏହା ୬.୯%ରୁ ୬.୧%କୁ କମାଇଥିବା ଜଣାପଡିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୫%କୁ ଖସିଥିବାରୁ ଏହାକୁ ନେଇ ବଜାର ବିଶେଷଜ୍ଞ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଦେଶର ସାମଗ୍ରିକ ଚାହିଦାରେ ବୃଦ୍ଧି ଏବଂ ବିତ୍ତୀୟ ନୀତି ଉପରେ ସରକାର କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ବଜାର ବିଶେଷଜ୍ଞମାନେ ନଜରରେ ରଖିଛନ୍ତି। ସେହିଭଳି ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ଯୋଜନା ଉପରେ ନଜର ରହିଛି। ଏଦିଗରେ ସରକାର ଶୀଘ୍ର ସ୍ପଷ୍ଟ କଲେ ଏହା ବଜାର ଉପରେ ସକାରାତ୍ମକ ପ୍ରଭାବ ଆଣିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହାବାଦ ଟେଲିକମ୍, ଶକ୍ତି ଏବଂ ଏନ୍‌ବିଏଫ୍‌ସି କ୍ଷେତ୍ରର ସମସ୍ୟାକୁ ଧ୍ୟାନରେ ରଖାଯିବା ନେଇ ରିପୋର୍ଟରେ କୁହାଯାଇଛି।

### ଏସ୍‌ବିଆଇ ରିସର୍ଚ୍ଚର ପୂର୍ବାନୁମାନ

- ୨୦୧୯-୨୦ରେ ଅଭିବୃଦ୍ଧି ୫% ରହିବା ଅନୁମାନ
- ୨୦୨୦-୨୧ରେ ୬.୨% ଛୁଇଁପାରେ
- ବିଭିନ୍ନ କ୍ଷେତ୍ରର ଆର୍ଥିକ କାର୍ଯ୍ୟକଳାପ ହ୍ରାସ
- ସୁଧହାର ହ୍ରାସ କରିପାରେ ରିଜର୍ଭ ବ୍ୟାଙ୍କ




### ଜୁଲାଇ-ସେପ୍ଟେମ୍ବର ଜିଡିପି ନମ୍ବର ଗୁରୁତ୍ୱପୂର୍ଣ୍ଣ

ନଭେମ୍ବର ୨୯ରେ ଜିଡିପି ତଥ୍ୟ ସମ୍ପର୍କରେ ଘୋଷଣା ହେବ। ଭାରତର ଜିଡିପି ୬ ବର୍ଷର ସବୁଠାରୁ ନିମ୍ନ ସ୍ତରରେ ଥିବାରୁ ଏହି ଘୋଷଣା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସିଙ୍ଗାପୁର ଭିତ୍ତିକ ଡିବିଏସ୍ ବ୍ୟାଙ୍କ ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଜିଡିପି ଅଭିବୃଦ୍ଧି ଆଶାନୁରୂପକ ନ ହେଲେ ଏହାର ପ୍ରଭାବ ବଜାର ଉପରେ ପଡିବ। ଫଳରେ ଟଙ୍କା ମୂଲ୍ୟ ପ୍ରଭାବିତ ହେବା ସହ ଡଲାର ଶକ୍ତିଶାଳୀ ହେବ। ଗତ ୨ ମାସ ହେବ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୭୦.୧ରୁ ୭୧.୫ ଟଙ୍କା ସ୍ତରରେ ରହିଛି। ଜିଡିପି ନମ୍ବର ଠିକ ନ ହେଲେ ଏହା ବଢିପାରେ ବୋଲି ଡିବିଏସ୍ ପ୍ରକାଶ କରିଛି। ସେପ୍ଟେମ୍ବରରେ ଦେଶର ଶିଳ୍ପ ଉତ୍ପାଦନ ୪.୩% ଖସିଛି। ଅଗଷ୍ଟରେ ଏଥିରେ ୧.୪% ହ୍ରାସ ଘଟିଥିବା ନିକଟରେ ରିପୋର୍ଟ ସାମ୍ନାକୁ ଆସିଛି। ଏହି ସମୟରେ କ୍ୟାପିଟାଲ ଗୁଡସ, କଞ୍ଜ୍ୟୁମର ଡ୍ୟୁରେବଲ୍ସ, ଭିତ୍ତିଭୂମି ଏବଂ ନିର୍ମାଣ କ୍ଷେତ୍ର କାର୍ଯ୍ୟକଳାପ ଗଭୀର ଭାବେ ପ୍ରଭାବିତ ହୋଇଛି। କ୍ୟାପିଟାଲ ଗୁଡ୍‌ସ କ୍ଷେତ୍ରରେ ୪.୭% ହ୍ରାସ ଘଟିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସ ଜିଡିପି ଅଭିବୃଦ୍ଧି ୫%କୁ ଖସିବ ବୋଲି ଏହା ଆକଳନ କରିଛି।

### ୬% ସ୍ତରରେ ଋଣ ଅଭିବୃଦ୍ଧି

ଘରୋଇ ବଜାରର ଋଣ ଅଭିବୃଦ୍ଧି ଏବେ ପ୍ରଭାବିତ ସ୍ତରରେ ରହିଛି। ଜୁଲାଇ-ସେପ୍ଟେମ୍ବରରେ ଏହା ୬%କୁ ଖସିଯିବ ବୋଲି ଫାଇନାନ୍‌ସିଆଲ ସର୍ଭିସ କମ୍ପାନୀ କ୍ରେଡିଟ୍ ସୁଇସ କହିଛି। ବିମୁଦ୍ରୀକରଣ ସମୟରେ ଋଣ ଅଭିବୃଦ୍ଧି ଏହି ସ୍ତରରେ ରହିଥିବା ଏହା ସୂଚନା ଦେଇଛି। ଏହାବାଦ ଏନ୍‌ବିଏଫ୍‌ସି ଋଣ ପ୍ରଦାନ ହାର -୩୬% ଏବଂ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ହାର ୮% ରହିଛି। ପ୍ରଥମ ତ୍ରୈମାସରେ ଘରୋଇ ବ୍ୟାଙ୍କଗୁଡିକର ଋଣ ଅଭିବୃଦ୍ଧି ୨୨ରୁ ୧୪%କୁ ଖସିଛି। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଋଣ ଅଭିବୃଦ୍ଧି ୮%ରୁ ୫%କୁ ଖସିଛି ବୋଲି କ୍ରେଡିଟ ସୁଇସ ଏହାର ରିପୋର୍ଟରେ ଉଲ୍ଲେଖ କରିଛି।

# ଉତ୍ତର ପୂର୍ବ ଭାରତରେ ପ୍ରଥମ ଲିଭର ଟ୍ରାନ୍ସପ୍ଲାଣ୍ଟ

**ଗୁଆହାଟୀ,୧୨-୧୧**

ହାଇଦ୍ରାବାଦ ଭିତ୍ତିକ ଯଶୋଦା ହସ୍ପିଟାଲ ଏବଂ ଡାଉନ୍‌ଟାଉନ ହସ୍ପିଟାଲ ଗୁଆହାଟୀର ମିଳିତ ସହଯୋଗରେ ଉତ୍ତର ପୂର୍ବ ଭାରତରେ ସଫଳତାର ସହ ପ୍ରଥମ ଲିଭର ପ୍ରତ୍ୟାରୋପଣ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏହି ଅବସରରେ ଡାକ୍ତରୀ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ଜୟଦେବ ଦାସଙ୍କଠାରେ ପ୍ରଥମେ ଏଭଳି ଚିକିତ୍ସା କରାଯାଇଥିବା



ଜଣାପଡିଛି। ଉତ୍ତରପୂର୍ବ ଭାରତର ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ବୋଲି ସୋନୱାଲ ମତ ରଖିଛନ୍ତି। ୫୬ ବର୍ଷୀୟ ଜୟଦେବ କ୍ରୋନିକ ଲିଭର ଡିଜିଜ(ସିଏଲ୍‌ଡି) ଯୋଗୁ ବିଭିନ୍ନ ସମସ୍ୟା ସାମ୍ନା କରୁଥିଲେ। ତାଙ୍କ ୪୪ ବର୍ଷୀୟ ସ୍ତ୍ରୀ ରଞ୍ଜୁ ତାଙ୍କୁ ଲିଭର ଦାନ କରିଥିବା ଜଣାପଡିଛି। ଡାକ୍ତରୀ ଟିମ୍‌ରେ ଯଶୋଦା ହସ୍ପିଟାଲର ଡ. ପି.ବାଲଚନ୍ଦ୍ରନ ମେନନ ଏବଂ ଡ. ପ୍ରାଞ୍ଜଳ ଡେକାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।




# ରେନୋ ପକ୍ଷରୁ ୧୦,୦୦୦ତମ ଟ୍ରାଇବର ପ୍ରଦାନ

**ମୁମ୍ବାଇ,୧୨-୧୧**

ରେନୋ ଇଣ୍ଡିଆ ପକ୍ଷରୁ ନୂଆ କରି ଆସିଥିବା ଟ୍ରାଇବର ମଡେଲର ୧୦,୦୦୦ତମ ଯାନ ଗ୍ରାହକଙ୍କୁ ହସ୍ତାନ୍ତର କରାଯାଇଛି। କମ୍ପାନୀ ୨ ମାସ ମଧ୍ୟରେ ଏହି ଯାନଗୁଡିକୁ ପ୍ରଦାନ କରିଛି। ମୁମ୍ବାଇର ଡିଲରଶିପ ବେଞ୍ଚମାର୍କ ମୋଟର୍ସଠାରେ ଯାନଟିକୁ ଡେଲିଭରି କରାଯାଇଛି। ଏହି ଯାନଟିର ବହୁଳ ଚାହିଦାକୁ ଧ୍ୟାନରେ ରଖି ଅପେକ୍ଷା ଅବଧିର ପରିଚାଳନା କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ମାନ୍ଦାବସ୍ଥା ସତ୍ତ୍ୱେ ଏଭଳି ବିକ୍ରି ସଫଳତା ହାସଲ କରିଥିବା କହିଛି। ଅକ୍ଟୋବର ୨୦୧୯ରେ କମ୍ପାନୀ ୧୧,୫୧୬ଟି କାର ବିକ୍ରି କରିଛି। ଗତ ବର୍ଷ ତୁଳନାରେ ଏଥିରେ ୬୩% ଅଭିବୃଦ୍ଧି ହୋଇଛି। ଯାନଟିରେ ଗ୍ରାହକ ଆକର୍ଷଣୀୟ ଡିଜାଇନ, ସ୍ପେଶିୟସ୍ ଏବଂ ମଡ୍ୟୁଲାର ଭଳି ଅନ୍ୟାନ୍ୟ ପ୍ରମୁଖ ଫିଚର ଲାଭ କରିପାରିବେ। ୪ ମିଟର ମଧ୍ୟରେ ୭ ଜଣ ଲୋକ ଏଥିରେ ସହଜରେ ବସି ପାରିବେ। ୧୦,୦୦୦ କାର୍ ଡେଲିଭରି କରି ଅତ୍ୟନ୍ତ ଖୁସି ବୋଲି ରେନୋ ଇଣ୍ଡିଆ ଅପରେସନ୍ସର ସିଇଓ ଭେଙ୍କଟରାମ ମାମିଲା ପାଲ୍ଲେ କହିଛନ୍ତି।

# ଗ୍ରୀନ୍ ଚିଲିଜ୍‌ର ଛାଡ଼ଖାଇ ଅଫର

**ଭୁବନେଶ୍ୱର,୧୨-୧୧**

ପ୍ରମୁଖ ଫାଷ୍ଟଫୁଡ ଚେନ୍ ଗ୍ରୀନ ଚିଲିଜ ପକ୍ଷରୁ ଛାଡଖାଇକୁ ଏହାର ଗ୍ରାହକଙ୍କ ସହ ପାଳନ କରାଯାଉଛି। ଏହି ଅବସରରେ ଗ୍ରାହକଙ୍କୁ ଗ୍ରୀନ ଚିଲିଜ ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଗ୍ରାହକ ଏହି ସମୟରେ ଗୋଟିଏ ପ୍ଲେଟ ଚିକେନ ବିରିୟାନି କିଣି ଆଉ ଗୋଟିଏ ଚିକେନ ବିରିୟାନି କେବଳ ୯୯ ଟଙ୍କାରେ ପାଇପାରିବେ। ଷ୍ଟୋରରେ ଗ୍ରାହକଙ୍କ ଲାଗି କମ୍ବୋ ଅଫର ପ୍ରଦାନ କରାଯାଉଛି। ଏହା ଉଭୟ ଭେଜ୍ ଏବଂ ନନ୍ ଭେଜ୍ ବର୍ଗରେ ନିୟମିତ ଏବଂ ପ୍ରିୟ ଗ୍ରାହକଙ୍କ ଲାଗି ଉପଲବ୍ଧ ରହିଥିବା ଗ୍ରୀନଚିଲିଜ ପକ୍ଷରୁ କୁହାଯାଇଛି। ସିଙ୍ଗଲ, କପଲ ଏବଂ ପରିବାରବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ସମସ୍ତଙ୍କୁ ସୁହାଇଲା




ଭଳି ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା ସୁଲଭ ମୂଲ୍ୟରେ କରାଯାଇଛି। ଭୁବନେଶ୍ୱରର ଲୁଇସ ରୋଡ, ଡମଣା ଛକ, ଇନଫୋସିଟି ରୋଡ, କଟକର ସିଡିଏ, ଭଦ୍ରକ, ବେଦାନ୍ତ ଏବଂ ଝାରସୁଗୁଡା ଭଳି ସ୍ଥାନଗୁଡିକରେ ଅବସ୍ଥିତ ଷ୍ଟୋରରେ ଅଫର ଉପଲବ୍ଧ ହେବ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BUSINESS

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Galaxy Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍ + 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
6204090239
8227843135

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡ଼ା 90,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଭିଡିଓ ଆସିଷ୍ଟାଣ୍ଟ ରେଫରି (ଭିଏଆର୍) ନିଷ୍ପତ୍ତି ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଥିବାରୁ ଏଥିରେ ସୁଧାର ଆଣିବା ଉଚିତ ।
> –ଜର୍ଜେନ କ୍ଲୋପ୍, ଲିଭରପୁଲ ଫୁଟ୍‌ବଲ ଟିମ୍ କୋଚ୍



> ମ୍ୟାଚରେ କେବଳ ଗୋଲ ଦେବା ସୁଯୋଗ ସୃଷ୍ଟି କରିବା ଯଥେଷ୍ଟ ନୁହେଁ, ଏଥିରୁ ଯଥା ସମ୍ଭବ ଅଧିକ ସ୍କୋର କରିବା ଆବଶ୍ୟକ ।
> –ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



## ସଂକ୍ଷେପରେ

### ଜାପାନ ପାରାବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ




**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି):** ଜାପାନ ପାରାବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଚଳିତମାସ ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ଜାପାନର ଟୋକିଓସ୍ଥିତ ୨୦୨୦ ପାରାଅଲିମ୍ପିକ୍ ଗେମ୍ ପାଇଁ ଉଦ୍ଦିଷ୍ଟ ଷ୍ଟାଡିୟମରେ ଆୟୋଜିତ ହେବ। ଏଥିରେ ବିଶ୍ୱର ୧୯୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ପାଇଁ ୧୫ ପ୍ରତିଯୋଗୀ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ଏକମାତ୍ର ପ୍ରମୋଦ ଭଗତ ଭାଗନେବେ। ଏଥିପାଇଁ ପ୍ରମୋଦ ମଙ୍ଗଳବାର ଟୋକିଓରେ ପହଞ୍ଚି ଯାଇଛନ୍ତି। ‘‘ଆସନ୍ତା ବର୍ଷ ପାରାଅଲିମ୍ପିକ ଗେମ୍ସ ଟୋକିଓରେ ଅନୁଷ୍ଠିତ ହେବ। ତେଣୁ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଜାପାନ ପାରାବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆଗାମୀ ବଡ଼ ଟୁର୍ନାମେଣ୍ଟ ପାଇଁ ଭଲ ପ୍ରସ୍ତୁତି ହୋଇପାରିବ। ସମାନ ଭେନ୍ୟୁରେ ପାରାଅଲିମ୍ପିକ୍ସ ହେବାକୁ ଥିବାରୁ ୨୦୨୦ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଏହି ଟୁର୍ନାମେଣ୍ଟ ସହାୟକ ହେବ’’ ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।

### ଏସିଆନ ୟୁଥ୍ ବକ୍ସିଂ: କ୍ୱାର୍ଟର ଫାଇନାଲରେ ୨ ଭାରତୀୟ

**ଉଲାନବାତର (ମଙ୍ଗୋଲିଆ), ୧୨।୧୧ (ପି.ଟି.):** ଏଠାରେ ଚାଲିଥିବା ଏସିଆନ୍ ୟୁଥ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ୨ ଭାରତୀୟ ବକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ହେଲେ ଅଙ୍କିତ ନରୱାଲ (୬୦ କିଗ୍ରା) ଓ ଅମନ (+୯୧ କିଗ୍ରା)। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ଅମନ ୫-୦ରେ ଉଜବେକିସ୍ତାନ ବକ୍ସର ମଖମୁଡୋଭ ମିମୁଖସିନଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅଙ୍କିତ ୩-୨ରେ ଘରୋଇ ପ୍ରତିଯୋଗୀ ତୁଲାଗୋ ଓୟୁନବାତରଙ୍କୁ ମାତ୍ ଦେଇ ଅନ୍ତିମ-୮ରେ ପ୍ରବେଶ କରିଛନ୍ତି। ତେବେ ଅନ୍ୟତମ ଯୁବ ଭାରତୀୟ ବକ୍ସର ମୋହିତ୍ ୭୫କିଗ୍ରା ବର୍ଗରେ ୨-୩ରେ କାଜାଖସ୍ତାନର ବେକଟ୍ସଙ୍କ ନିକଟରୁ ହାରି ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଅପରପକ୍ଷରେ ମହିଳା ବର୍ଗରେ ଦୁଇ ଭାରତୀୟ ବକ୍ସର କୋମଲପ୍ରୀତ୍ କୌର (+୮୧ କିଗ୍ରା) ଓ ସୁଷମା (୮୧ କିଗ୍ରା) ସିଧାସଳଖ ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ୨ଟି ପଦକ ନିଶ୍ଚିତ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୬ ଦେଶର ମୋଟ୍ ୧୮୦ ବକ୍ସର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ୧୧୩ ପୁରୁଷ ଓ ୬୭ ମହିଳା ବକ୍ସର ରହିଛନ୍ତି।

# ରୋମାଞ୍ଚକ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

**କଟକ ଅଫିସ,୧୨।୧୧**

ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଏକ ରୋମାଞ୍ଚକର ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୋଇଛି। ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମଙ୍ଗଳବାର ଆୟୋଜିତ ମ୍ୟାଚରେ ଓଡ଼ିଶା ୩ ରନରେ ଜମ୍ମୁ-କଶ୍ମୀରଠାରୁ ହାରିଯାଇଛି। ଅନ୍ତିମ ଓଭରରେ ଓଡ଼ିଶାକୁ ବିଜୟୀ ହେବା ନିମନ୍ତେ ୧୨ରନ ଆବଶ୍ୟକ ଥିବା ବେଳେ ଦଳ ୮ରନ କରିବାକୁ ସକ୍ଷମ ହୋଇଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଅଙ୍କିତ ଯାଦବ ମ୍ୟାଚ୍ ବିଜୟୀ ଇନିଂସ ଖେଳିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଓଡ଼ିଶା ପକ୍ଷରୁ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୫୧ରନ କରିଥିଲେ। ଆସନ୍ତା ୧୪ରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଜମ୍ମୁ-କଶ୍ମୀର ଅଧିନାୟକ ପରଭେଜ ରସୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ଶୁଭମ ଖଜୁରିଆ ୧୩ରନରେ ଅଙ୍କିତ ଯାଦବଙ୍କ ଦ୍ୱାରା ଆଉଟ ହେବା ପରେ ଜତିନ ସତୀଶ ଓ ଶୁଭମ ସିଂ ପ୍ରଥମ ଉଇକେଟ ଯୋଡ଼ିରେ ୮୭ରନ ସଂଗ୍ରହ କରିଥିଲେ। ଏହି ଭାଗୀଦାରି ଓଡ଼ିଶା ଦଳ ଉପରେ ଭାରି ପଡ଼ିଥିଲା। ଜତିନ ୫୮ବଲରୁ ୬୯ରନରେ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ଦ୍ୱାରା ରନଆଉଟ ହେବା ପରେ ଶୁଭମ ଓ ଅବଦୁଲ ସାମଦଙ୍କ ଅନ୍ତିମ ଓଭରଗୁଡ଼ିକରେ ଆକ୍ରମଣାତ୍ମକ ଇନିଂସ ଖେଳିଥିଲେ। ଶୁଭମ ୩୯ବଲରୁ ୪୮ ଓ ଅବଦୁଲ ୧୦ବଲରୁ ୨୯ରନ କରିଥିଲେ। ଦଳ ୨ ଉଇକେଟ ବିନିମୟରେ ୧୬୪ରନ କରିଥିଲା। ପ୍ରାରମ୍ଭରୁ ଓଡ଼ିଶା ଚମତ୍କାର ବ୍ୟାଟିଂ କରିଥିବାରୁ ୧୬୫ରନର ବିଜୟ ଲକ୍ଷ୍ୟ ହାସଲ ସହଜସାଧ୍ୟ ମନେ ହେଉଥିଲା। ପ୍ରଥମ ଉଇକେଟରେ ଦଳ ୨୯ରନ ସଂଗ୍ରହ କରିଥିଲା। ଅଧିନାୟକ ଗୋବିନ୍ଦ ୧୦ରନରେ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ଓଡ଼ିଶା ୭୨ରନ ସଂଗ୍ରହ କରିଥିଲା। ଶୁଭ୍ରାଂଶୁ ସେନାପତି ଓ ସନ୍ଦୀପ ପଟ୍ଟନାୟକ ଏହି ଭାଗୀଦାରି ସୃଷ୍ଟି କରିବା ସହ ୧୩ତମ ଓଭରରେ ଦଳୀୟ ସ୍କୋରକୁ ୧୦୦ଅତିକ୍ରମ କରାଇଥିଲେ। ୨୭ବଲରୁ ୩ ଛକା ଓ ଗୋଟିଏ ଚୌକା ବଳରେ ୩୮ରନ କରିଥିବା ଶୁଭ୍ରାଂଶୁ ବଡ ଶଟ ଖେଳିବାକୁ ଯାଇ ଆବିଦ ମୁସ୍ତାକଙ୍କ ବଲରେ ବାଉଣ୍ଡରି କଡ଼ରେ କ୍ୟାଚ୍ ଆଉଟ ହୋଇଥିଲେ। ପରେ ସନ୍ଦୀପ ୫୧ରନରେ ପ୍ୟାଭିଲିୟନ ଫେରିଥିଲେ। ମଧ୍ୟକ୍ରମରେ କ୍ରିଜକୁ ଆସିଥିବା ଅରବିନ୍ଦ ସିଂ ୨ ଓ ଅଭିଷେକ ରାଉତ ୪ରନରେ ଆଉଟ ହେବା ଫଳରେ ଓଡ଼ିଶା ବିଜୟ ଲକ୍ଷ୍ୟଠାରୁ ପଛରେ ପଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଥିଲା। ପୂର୍ବତନ ଅଧିନାୟକ ବିପ୍ଳବ ସାମନ୍ତରାୟ ୨ଟି ଛକା ସହାୟତାରେ ୨୪ରନ କରିଥିଲେ। ଦଳ ୧୪୨ରନରେ ୬ଟି ଉଇକେଟ ହରାଇଥିଲା। ନିମ୍ନକ୍ରମରେ ଅଙ୍କିତ ଓ ସୂର୍ଯ୍ୟକାନ୍ତ ଦଳକୁ ବିଜୟୀ କରାଇବାକୁ ପ୍ରୟାସ କରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୧୨ରନ ଆବଶ୍ୟକ ଥିଲା । ବୋଲର ଆକ୍ୱିବ ନବିଙ୍କ ଦ୍ୱିତୀୟ ବଲରେ ସୂର୍ଯ୍ୟକାନ୍ତ ଏକ ଛକା ମାରିଥିଲେ। ମାତ୍ର ଏହାର ପରବର୍ତ୍ତୀ ବଲରେ ସେ ଆଉଟ ହେବା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଥିଲା। ୩ ବଲରୁ ଗୋଟିଏ ଚୌକା ଓ ଗୋଟିଏ ଛକା ବଳରେ ସୂର୍ଯ୍ୟକାନ୍ତ ୧୦ରନ କରିଥିଲେ। ବିଜୟ ପାଇଁ ଓଡ଼ିଶାକୁ ଅନ୍ତିମ ବଲରେ ଦଳକୁ ୫ରନ ଆବଶ୍ୟକ ଥିଲା। ଆକ୍ୱିବ ଏକ ୱାଇଡ ପକାଇଥିଲେ। ପରେ ବିଜୟ ପାଇଁ ୪ରନ ଥିବା ବେଳେ ଶେଷ ବଲ ଡଟ୍ ହୋଇଥିଲା। ୮ ବଲରୁ ଗୋଟିଏ ଛକା ୨ ଚୌକା ବଳରେ ଅଙ୍କିତ ୧୮ରନରେ ଅପରାଜିତ ଥିଲେ। ଦେବବ୍ରତ ପ୍ରଧାନ ୧ରନରେ ଅପରାଜିତ ଥିଲେ। ଜମ୍ମୁ-କଶ୍ମୀର ପକ୍ଷରୁ ଉମର ମୀର, ଆକ୍ୱିବ ନବି, ଆବିଦ ଅହମ୍ମଦ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।

**ପଛରେ ପଡ଼ିଲେ ପ୍ରବୀଣ**

ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଥିଲା। ଫଳରେ ଅଭିଜ୍ଞ ଅଲରାଉଣ୍ଡର ସୂର୍ଯ୍ୟକାନ୍ତ, ଅଙ୍କିତ ଯାଦବ ଓ ଦେବବ୍ରତ ପ୍ରଧାନଙ୍କୁ ବ୍ୟାଟିଂ ପାଇଁ ପଠାଯାଇଥିଲା। ହେଲେ ଉଇକେଟ କିପର ପ୍ରବୀଣ ଲୋହାଙ୍କୁ ବ୍ୟାଟିଂ ସୁଯୋଗ ଦିଆଯାଇ ନ ଥିଲା। ପ୍ରବୀଣଙ୍କ ଉପରେ ଦଳର ଭରସା ପାଇ ନ ଥିଲା ବୋଲି ଓସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

# ଟପ୍-୧୦ରେ ସାଇ ପ୍ରଣୀଥ



**ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍**

**ନୂଆଦିଲ୍ଲୀ, ୧୨।୧୧(ପି.ଟି.)**

ମଙ୍ଗଳବାର ପ୍ରକାଶିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ୍‌ର ପୁରୁଷ ସିଙ୍ଗଲ୍ସ ଟପ୍-୧୦ରେ ସ୍ଥାନ ପାଇଛନ୍ତି ଭାରତର ବି. ସାଇ ପ୍ରଣୀଥ। ସେ ପୂର୍ବ ର୍‍ୟାଙ୍କିଙ୍ଗ୍‌ଠାରୁ ଗୋଟିଏ ପାହାଚ ଉପରକୁ ଉଠି ୧୦ମ ସ୍ଥାନ ଅଧିକାର କରିଛନ୍ତି। ତେବେ କିଦାମ୍ବି ଶ୍ରୀକାନ୍ତ ୩ଟି ସ୍ଥାନ ତଳକୁ ଖସି ୧୩ରେ ପହଞ୍ଚିଛନ୍ତି। ଗତ ଅଗଷ୍ଟରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପ୍ରଣୀଥ୍ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ୟତମ ଭାରତୀୟ ସମୀର ବର୍ମା ଗୋଟିଏ ପାଦ ଉପରକୁ ଉଠି ୧୬ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଜାପାନର କେନ୍‌ତୋ ମୋମୋତା ଏହି ତାଲିକାର ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଯଥାକ୍ରମେ ୬ଷ୍ଠ ଓ ୯ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ପୁରୁଷ ଡବଲ୍ସରେ ସ୍ୱସ୍ତିକ ସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ସେଟ୍ଟି ୭ମ ସ୍ଥାନକୁ ଉଠିଛନ୍ତି। ସେମାନେ ପୂର୍ବ ର୍‍ୟାଙ୍କିଙ୍ଗ୍‌ରେ ୯ମ ସ୍ଥାନରେ ଥିଲେ। ଏହି ଭାରତୀୟ ଯୋଡ଼ି ନିକଟ ଅତୀତରେ ଭଲ ପ୍ରଦର୍ଶନ କରି ତା’ର ପୁରସ୍କାର ପାଇଛନ୍ତି। ଗତ ଅକ୍ଟୋବରରେ ଆୟୋଜିତ ଫ୍ରେଞ୍ଚ ଓପନ ବ୍ୟାଡ୍‌ମିଣ୍ଟନର ଫାଇନାଲରେ ପ୍ରବେଶ କରିଥିବାବେଳେ ନିକଟରେ ଅନୁଷ୍ଠିତ ଚାଇନା ଓପନରେ ସେମିଫାଇନାଲରେ ପରାଜିତ ହୋଇଥିଲେ।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ

# ଉତ୍କଳକୁ ସର୍ବଭାରତୀୟ ଯୋଗ୍ୟତା

**ଭୁବନେଶ୍ୱର, ୧୨।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ଫଳରେ ଦଳ ସର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ-ଖୋ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିଛି। ଲିଗ୍ ମ୍ୟାଚରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟକୁ ୧ ଇନିଂସ ୧ ପଏଣ୍ଟରେ ହରାଇ ଥିବାବେଳେ କିଟ୍ ବିଶ୍ୱବିଦ୍ୟାଳୟ ଓ ଆୟୋଜକ କଲ୍ୟାଣୀ ବିଶ୍ୱବିଦ୍ୟାଳୟଠାରୁ ଯଥାକ୍ରମେ ୫ ଓ ୩ ପଏଣ୍ଟ ରେ ପରାସ୍ତ ହୋଇ ତୃତୀୟ ସ୍ଥାନ ଲାଭ କରିଛି। ପୂର୍ବରୁ ଏକ ଗ୍ରୁପ ଫାଇନାଲ ମ୍ୟାଚରେ ଉତ୍କଳ ପଶ୍ଚିମବଙ୍ଗର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ଲାଭ କରିଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିବା ଖେଳାଳି ମାନେ ହେଲେ ସସ୍ମିତା ନାଥଶର୍ମା, ରୂପାଲୀ ସୁତାର, ଶ୍ରଦ୍ଧାଞ୍ଜଳି ସାହୁ, ତୃପ୍ତିମୟୀ ସେନାପତି, ଜୟଶ୍ରୀ ବଳ, ଅନୁରାଧା ରଣା, ମଧୁସ୍ମିତା ଓଝା, ପ୍ରତିମା ମଲିକ, ରଶ୍ମିତା ଭୋଇ, ସୋନିଆ ସ୍ୱାଇଁ, ପିଙ୍କି ସ୍ୱାଇଁ , ରୂପାଲୀ ପ୍ରଧାନ। ମ୍ୟାନେଜର: ରବି ନାରାୟଣ ପ୍ରଧାନ, କୋଚ୍: ଚିନ୍ତାମଣି ପ୍ରଧାନ, ସହକାରୀ କୋଚ :ସସ୍ମିତା ଓଝା। ଏହି ସଫଳତା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର କୁମାର ପଟ୍ଟନାୟକ, କୁଳସଚିବ ଦୟାନିଧି ନାୟକ ଓ କ୍ରୀଡା ପରିଷଦର ନିର୍ଦ୍ଦେଶକ ପ୍ରଫେସର ମହେଶ୍ୱର ସାହୁ ମହିଳା ଖୋ-ଖୋ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।




ଅତିଥିଙ୍କ ଗହଣରେ ଟ୍ରଫି ସହ ଉତ୍କଳ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।




କୋଲକାତାରେ ଅନୁଷ୍ଠିତ ସର୍ବଭାରତୀୟ ବେଟନ୍ କପ୍ ହକି ଟୁର୍ନାମେଣ୍ଟ ଚାମ୍ପିୟନ ଇଣ୍ଡିଆନ ଅଏଲ ଦଳ ଟ୍ରଫି ସହ।

### ଆନ୍ତଃଜିଲା ଭଲିବଲ ୨୩ରୁ

**ଭୁବନେଶ୍ୱର, ୧୨।୧୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ତତ୍ତ୍ୱାବଧାନରେ ୬୮ତମ ଆନ୍ତଃଜିଲା ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ଚଳିତମାସ ୨୩ରୁ ୨୬ ପର୍ଯ୍ୟନ୍ତ ପାରାଦୀପଠାରେ ଅନୁଷ୍ଠିତ ହେବ। ପାରାଦୀପ ପୋର୍ଟ ଟ୍ରଷ୍ଟସ୍ଥିତ ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ହେବାକୁଥିବା ଏହି ପ୍ରତିଯୋଗିତାରେ ଆସୋସିଏଶନ ସହ ଅନୁବନ୍ଧିତ ଜିଲା, ୟୁନିଟ ଓ ଆସୋସିଏଶନର ଦଳଗୁଡ଼ିକ ଭାଗନେବ। ଆଗ୍ରହୀ ଦଳଗୁଡ଼ିକ ଆସନ୍ତା ୧୬ ତାରିଖ ମଧ୍ୟରେ ଓଭିଏ ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କ ନିକଟକୁ ଏଣ୍ଟ୍ରି ପଠାଇବା ପାଇଁ କୁହା ଯାଇଛି। ଏହାପରେ ସେମାନେ ଆବଶ୍ୟକ କାଗଜପତ୍ର ସହ ଆୟୋଜକ କମିଟି ସମ୍ପାଦକ ବବୁଲ ସିକ୍‌ଦାରଙ୍କ ନିକଟରେ ୨୩ ତାରିଖରେ ରିପୋର୍ଟ କରିବା ଆବଶ୍ୟକ ବୋଲି ପ୍ରକାଶ କରାଯାଇଛି।

# ୱେଷ୍ଟଇଣ୍ଡିଜର କ୍ଲିନ୍ ସୁଇପ୍

**ଲକ୍ଷ୍ନୌ, ୧୨।୧୧:** ସୋମବାର ଏଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୫୦ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ଶାଇ ହୋପ୍‌ଙ୍କ ଶତକ ସହାୟତାରେ ୪୮.୫ ଓଭରରେ ୫ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରି ନେଇଥିଲା। ଏଥିସହ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜକୁ କ୍ଲିନ୍ ସୁଇପ୍ କରିଛି ୱେଷ୍ଟଇଣ୍ଡିଜ। ହୋପ୍ ମ୍ୟାନ ଅଫ ଦି ମ୍ୟାଚ ଏବଂ ରଷ୍ଟନ ଚେଜ୍ ପ୍ଲେୟର ଅଫ ଦି ସିରିଜ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ୫୦ ଓଭରରେ ୭ ଉଇକେଟ ହରାଇ ୨୪୯ ରନ କରିଥିଲା। ଅସଗର ଆଫଗାନ ସର୍ବାଧିକ ୮୬, ହଜ୍ରାତୁଲ୍ଲା ଜାଜାଇ ୫୦ ଓ ମହମ୍ମଦ ନବି ୫୦* ରନ ସ୍କୋର କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ କେମୋ ପଲ୍ ସର୍ବାଧିକ ୩ଟି ଓ ଅଲଜାରି ଜୋସେଫ ୨ଟି ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ହୋପ୍ (୧୦୯ରନ, ୧୪୫ ବଲ, ୮ ଚୌକା, ୩ ଛକା)ଙ୍କ ଶତକ ଏବଂ ଚେଜ୍‌ଙ୍କ ଅପରାଜିତ ୪୨ ରନ ସହାୟତାରେ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ବ୍ରେଣ୍ଡନ କିଙ୍ଗ୍ ୩୯ ଓ ଅଧିନାୟକ କେରନ ପୋଲାର୍ଡ ୩୨ ରନ କରିଥିଲେ। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରୁ ମୁଜିବ ଉର୍ ରହମାନ ସର୍ବାଧିକ ୨ଟି ଉଇକେଟ ପାଇଥିଲେ।

### ପୋଲାର୍ଡଙ୍କ ଚାଲାକି

ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ କିରନ ପୋଲାର୍ଡ ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ନିଜ ଚାଲାକିର ନମୁନା ଦେଖାଇଛନ୍ତି। ଆଫଗାନିସ୍ତାନ ଇନିଂସର ୨୫ତମ ଓଭରରେ ନୋ ବଲ ଦେବା ପରେ ଅମ୍ପାୟରଙ୍କୁ ବାଧ ହୋଇ ନିଷ୍ପତ୍ତି ପରିବର୍ତ୍ତନ କରିବାକୁ ପଡ଼ିଥିଲା। ୨୫ତମ ଓଭରର ପ୍ରଥମ ବଲ ପକାଇବାବେଳେ ପୋଲାର୍ଡ ଧାର୍ଯ୍ୟ ସୀମା ଅତିକ୍ରମ କରି ଯାଇଥିଲେ। ଫଳରେ ଅମ୍ପାୟର ନୋ ବଲ ଡାକି ଥିଲେ। କିନ୍ତୁ ଏହା ଶୁଣିବା ପରେ ପୋଲାର୍ଡ ବଲ ପକାଇ ନ ଥିଲେ। ଏଥିଯୋଗୁ ଅମ୍ପାୟର ବଲକୁ ଡେଡ୍ ବଲ ଘୋଷଣା କରିଥିଲା। ଏହି ଘଟଣା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଯାଇଛି। ପୋଲାର୍ଡ ୫ ଓଭର ବୋଲିଂ କରି ୨୦ ରନ୍ ଦେଇ ଉଇକେଟ ଶୂନ୍ୟ ରହିଥିଲେ। କିନ୍ତୁ ବ୍ୟାଟିଂରେ ୨୬ ବଲରେ ୩୨ ରନ୍ କରିଥିଲେ।

# ୟୁନିୟନ-ପାରାମାଉଣ୍ଟ ଫାଇନାଲ

**ଇମ୍ରାନ ମେମୋରିଆଲ ଟ୍ୱିନ୍‌ସିଟି କ୍ରିକେଟ**

**ଭୁବନେଶ୍ୱର, ୧୨।୧୧(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ଚାଲିଥିବା ମହମ୍ମଦ ଇମ୍ରାନ ମେମୋରିଆଲ ଟ୍ୱିନ୍ ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ୟୁନିୟନ ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ୟୁନିୟନ ସ୍ପୋର୍ଟିଂ ପୂର୍ବରୁ ବିଜୟୀ ହୋଇ ସାରିଥିବାବେଳେ ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ୨ ଉଇକେଟରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ୩୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଜେନା ସର୍ବାଧିକ ୪୩ ଓ ସୌମ୍ୟ ଶ୍ରୀଚନ୍ଦନ ୨୭ ରନ କରିଥିଲେ। ପାରାମାଉଣ୍ଟ ପକ୍ଷରୁ ଆଶୁତୋଷ ନାୟକ ୬ ଓଭରରେ ୨୮ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ୧୧୮ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୨୯.୧ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ସାଇ ଶୁଭମ୍ ୪୯ ରନ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାମେଶ୍ୱର ପକ୍ଷରୁ ପ୍ରତୀକ ସ୍ୱାଇଁ ଓ ଶୁଭ୍ରକାନ୍ତ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା ଓ ପୂର୍ବତନ କ୍ରିକେଟର ଦେବୀଦତ୍ତ ବାବୁ ଅତିଥିଭାବେ ଯୋଗଦେଇ ଆଶୁତୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପ୍ରୀତିରଞ୍ଜନ ବିଜୟ ସିଂ ଓ ସୁଶାନ୍ତ ଦାଶ ଅମ୍ପାୟର, ଜିତେନ୍ଦ୍ର ସେନାପତି ସ୍କୋରର ଏବଂ ସୁଶିଲ ସୁନ୍ଦରାମ ଅନ୍‌ଲାଇନ୍ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଆରମ୍ଭ

**କଟକ ଅଫିସ,୧୨।୧୧**

- ବାରବାଟୀରେ ଫ୍ଲଡ୍‌ଲାଇଟ୍ ମରାମତି
- ଗ୍ୟାଲେରି ଅନୁଧ୍ୟାନ କଲା ସରକାରୀ ଏଜେନ୍ସି

ଡିସେମ୍ବର ୨୨ରେ ହେବାକୁଥିବା ଭାରତ-ୱେଷ୍ଟଇଣ୍ଡିଜ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମର ନବକଳେବର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି। ଭାଙ୍ଗିରୁଜି ଯାଇଥିବା ଷ୍ଟାଡିୟମର ଫ୍ଲଡଲାଇଟ୍ ଗୁଡ଼ିକ ମରାମତି ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ଫ୍ଲଡଲାଇଟ୍ ବଲ୍‌ବ ପହଞ୍ଚିଛି। ଅନ୍ୟପକ୍ଷରେ ଗ୍ୟାଲେରି ନଂ-୭ର ମରାମତି କରିବାକୁ ଏକ ସରକାରୀ ଏଜେନ୍ସି ମଙ୍ଗଳବାର ଅନୁଧ୍ୟାନ କରି ଫେରିଛି। ଗୁରୁବାର ଆଉ ଏକ ଏକ ସରକାରୀ ଏଜେନ୍ସି ଏହି ଗ୍ୟାଲେରି ଅନୁଧ୍ୟାନ କରିବାକୁ ଆସିବ ବୋଲି ଜଣାପଡ଼ିଛି। ଏଣୁ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ଆଶା ଦୃଢ଼ୀଭୂତ ହୋଇଛି।

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ରାଜ୍ୟର ଏହି ଅନ୍ତର୍ଜାତୀୟ ଷ୍ଟାଡିୟମ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଗତ ମେ ମାସରେ ଏହି କ୍ଷୟକ୍ଷତି ହୋଇଥିଲେ ହେଁ ଏପର୍ଯ୍ୟନ୍ତ ମରାମତି କାମ ଆଗେଇ ପାରି ନ ଥିଲା। ଝଡ଼ ପ୍ରଭାବରେ ଷ୍ଟାଡିୟମର ୮ଟି ଯାକ ଫ୍ଲଡଲାଇଟ୍ ଖୁଣ୍ଟର ବଲବ୍‌ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ପ୍ରତ୍ୟେକ ଖୁଣ୍ଟରେ ୪୮ଟି ଲେଖାଏ ବଲ୍‌ବ ଥିବା ବେଳେ ୭ନଂ ଖୁଣ୍ଟ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହାଛଡ଼ା କର୍ପୋରେଟ ବକ୍ସ, ମିଡ଼ିଆ ଗ୍ୟାଲେରି, ଗ୍ୟାଲେରି ନଂ-୭ ଓ ୫ ମଧ୍ୟ ଏହି କ୍ଷୟକ୍ଷତିରେ ଯୋଡ଼ି ହୋଇଥିଲା । ପୂର୍ବତନ କିମ୍ବଦନ୍ତୀ କ୍ରିକେଟ ଖେଳାଳିଙ୍କ କମ୍ପାନୀ ଦେବ ମସ୍କୋ ଫ୍ଲଡ ଲାଇଟ ମରାମତି କରିବାକୁ ରାଜି ହେବା ସହ ୨ଥର ଆସି କ୍ଷୟକ୍ଷତି ଆକଳନ କରି ଫେରିଛି । ଏବେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଫ୍ଲଡଲାଇଟ ଆସିଛି। କିଛି କର୍ମଚାରୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଫ୍ଲଡଲାଇଟ ମରାମତି ଆରମ୍ଭ କରିଛନ୍ତି। ଖୁବଶୀଘ୍ର ଦେବ ମସ୍କୋର ଟେକ୍ନିକାଲ ଅଧିକାରୀମାନେ ବାରବାଟୀରେ ପହଞ୍ଚିବେ। ଅତିବେଶିରେ ଆଉ ୨୦ଦିନରେ ଷ୍ଟାଡିୟମର ଫ୍ଲଡଲାଇଟ ସମସ୍ୟା ଦୂର ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଏତଦବ୍ୟତୀତ ଗ୍ୟାଲେରି ନଂ-୭ର ଅବସ୍ଥା ବିପଦଜ୍ଜନକ ରହିଛି। କିଛି ଦିନ ବ୍ୟବଧାନରେ ଏହି ଗ୍ୟାଲେରିରୁ ପ୍ଲାଷ୍ଟର ଖଣ୍ଡ ଖସୁଛି। ଯାହା ଫଳରେ ଏହି ଗ୍ୟାଲେରିକୁ ଏବେ ଜାଲ ଘେରରେ ରଖାଯାଇଛି । ମଙ୍ଗଳବାର ଏକ ସରକାରୀ ଏଜେନ୍ସି ମରାମତି କରିବା ନିମନ୍ତେ ଅନୁଧ୍ୟାନ କରିବାକୁ ଆସିଥିଲା। ଆକଳନ ଶେଷ କରି ଏହି ଏଜେନ୍ସି ଫେରିଛି । ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିବ ବୋଲି ଆଶା କରାଯାଉଛି । ଓସିଏ ସମ୍ପାଦକ ସଞ୍ଜୟ ବେହେରା ଏ ସମ୍ପର୍କରେ କୁହନ୍ତି, ସମସ୍ତ କାର୍ଯ୍ୟ ଖୁବଶୀଘ୍ର ଶେଷ କରିବାକୁ ଆମେ ପ୍ରସ୍ତୁତ ହେଉଛୁ । କେବଳ ଅର୍ଥ ସମସ୍ୟା ସାମ୍ନାରେ ରହୁଛି। ତଥାପି ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମର ସମସ୍ତ ସମସ୍ୟା ଦୂର ହୋଇଥିବ ବୋଲି ସମ୍ପାଦକ ବେହେରା କହିଛନ୍ତି ।



ଧରିତ୍ରୀ
DHARITRI
ଢେଙ୍କାନାଳ,ବୁଧବାର,୧୩ ନଭେମ୍ବର, ୨୦୧୯





“ଦିବାରାତ୍ର ଟେଷ୍ଟରେ ଗୋଲାପୀ ବଲ୍‌କୁ ସାମ୍ନା କରିବା ବେଳେ ବୋଲରଙ୍କ ସିମ୍ ଓ ସୁଇଙ୍ଗ୍ ମୁଭମେଣ୍ଟ ଉପରେ ଧ୍ୟାନଦେବାକୁ ପଡ଼ିବ ।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର



“ଭାରତ–ବାଂଲାଦେଶ ଦିବାରାତ୍ର ଟେଷ୍ଟରେ ବ୍ୟବହାର ହେବାକୁ ଥିବା ଗୋଲାପୀ ବଲ୍ ସନ୍ଧ୍ୟା ସମୟର ସ୍ୱଳ୍ପାଲୋକରେ ସମସ୍ୟା ସୃଷ୍ଟି କରିପାରେ ।

–ଚେତେଶ୍ୱର ପୂଜାରା, ଭାରତୀୟ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍ ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି, ବୁମ୍‌ରା

ଦୁବାଇ, ୧୨।୧୧ (ପି.ଟି.): ଭାରତୀୟ ଅଧିନାୟକ ବିରାଟ କୋହଲି ଏବଂ ଇଞ୍ଜୁରି ପାଇଁ ବର୍ତ୍ତମାନ ଖେଳୁ ନ ଥିବା ଯଶପ୍ରୀତ୍ ବୁମ୍‌ରା ସଦ୍ୟ ପ୍ରକାଶିତ ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ ଓ ବୋଲର ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। କୋହଲି ୮୯୫ ରେଟିଂ ପଏଣ୍ଟ ସହ ବ୍ୟାଟ୍ସମ୍ୟାନ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ଡେପୁଟି ରୋହିତ ଶର୍ମା(୮୩୪) ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରୋହିତ ଚଳିତ ବର୍ଷ ସମସ୍ତ ତିନୋଟି ଫର୍ମାଟରେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ପିଠିର ନିମ୍ନ ଭାଗରେ ଯନ୍ତ୍ରଣା ପାଇଁ ଏବେ ଚିକିତ୍ସିତ ହେଉଥିବା ବୁମ୍‌ରା ୭୯୭ ରେଟିଂ ପଏଣ୍ଟ ସହ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ରହିଛନ୍ତି ନ୍ୟୁଜିଲାଣ୍ଡ ପେସ୍ ବୋଲର ଟ୍ରେଣ୍ଟ ବୋଲ୍ଟ (୭୪୦)। ଅନ୍ୟପକ୍ଷରେ ପ୍ରଥମ ୧୦ ଅଲରାଉଣ୍ଡରଙ୍କ ମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟା ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ସେ ୨୪୬ ରେଟିଂ ପଏଣ୍ଟ ସହ ୧୦ ନମ୍ବର ସ୍ଥାନରେ ଅଛନ୍ତି। ଇଂଲଣ୍ଡର ବିଶ୍ୱକପ୍ ହିରୋ ବେନ୍ ଷ୍ଟୋକ୍ସ ୩୧୯ ରେଟିଂ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ରହିଛନ୍ତି ଆଫଗାନିସ୍ତାନର ମହମ୍ମଦ ନବୀ। ଭାରତ ଏହାର ପରବର୍ତ୍ତୀ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବ। ଏହି ସିରିଜ ଅନ୍ତର୍ଗତ ପ୍ରଥମ ମ୍ୟାଚ ଡିସେମ୍ବର ୧୫ରେ ଚେନ୍ନାଇରେ ଖେଳାଯିବ।

### ଗୋଲକିପିଂ, ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ

ଚେନ୍ନାଇ, ୧୨।୧୧(ପି.ଟି.): ହକି ୟୁନିଟ ଅଫ୍ ତାମିଲନାଡୁ ପକ୍ଷରୁ ମେୟର ରାଧାକ୍ରିଷ୍ଣନ ହକି ଷ୍ଟାଡିୟମରେ ମଙ୍ଗଳବାରଠାରୁ ୩ ଦିନିଆ ଗୋଲକିପିଂ ଏବଂ ଡ୍ରାଗ୍‌ଫ୍ଲିକ୍ କ୍ୟାମ୍ପ ଆରମ୍ଭ ହୋଇଛି। ଭାରତୀୟ ହକି ଦଳର ତାରକା ଗୋଲକିପର ପି.ଆର. ଶ୍ରୀଜେଶ ଓ ଡ୍ରାଗ୍ ଫ୍ଲିକର ରୂପିନ୍ଦରପାଲ୍ ସିଂ ତାମିଲନାଡୁର ବିଭିନ୍ନ ଜିଲାରୁ ଆସିଥିବା ହକି ପ୍ରତିଭାଙ୍କ ସହ ଭାବ ବିନିମୟ କରିବା ସହ କୋଚିଂ ଦେଇଥିଲେ। କ୍ୟାମ୍ପରେ ୪୦ ଗୋଲକିପରଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗ ଦେଇଥିଲେ। ଏହା ମଧ୍ୟରେ ସବ୍‌ଜୁନିୟର, ଜୁନିୟର ଖେଳାଳି ସାମିଲ ଥିଲେ।

### ମୟଙ୍କଙ୍କ ହ୍ୟାଟ୍ରିକ

ବିଶାଖାପାଟନମ୍, ୧୨।୧୧: ସୟଦ ମୁସ୍ତାକ ଅଲି ଟି୨୦ ପ୍ରତିଯୋଗିତାରେ ମଙ୍ଗଳବାର ଉତ୍ତରାଖଣ୍ଡର ମୟଙ୍କ ମିଶ୍ର ହ୍ୟାଟ୍ରିକ୍ ଉଇକେଟ୍ ସଫଳତା ପାଇଛନ୍ତି। ଗୋଆ ଓ ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମୟଙ୍କ ହ୍ୟାଟ୍ରିକ୍ ଉଇକେଟ୍ ନେଇଥିଲେ। ଉତ୍ତରାଖଣ୍ଡର ବାମହାତୀ ସ୍ପିନର ମୟଙ୍କ ଗୋଆ ଇନିଂସର ୩ୟ ଓଭରରେ ଆଦିତ୍ୟ କୌଶିକ, ଅମିତ୍ ବର୍ମା ଓ ସୂର୍ଯ୍ୟଶ ପ୍ରଭୁଦେଶାଇଙ୍କୁ ଆଉଟ୍ କରି ଉଇକେଟ୍ ନେଇ ହ୍ୟାଟ୍ରିକ ଲାଭ କରିଥିଲେ। ଏହି ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୮ ଉଇକେଟ୍‌ରେ ବିଜୟ ଲାଭ କରିଥିଲା।

# ପିଙ୍କ୍ ବଲ୍‌ରେ ଭାରତୀୟ ଦଳର ଅଭ୍ୟାସ





ମଙ୍ଗଳବାର ନେଟ୍ସ ସେସନ ଅବସରରେ ବିରାଟ କୋହଲି ଓ ଚେତେଶ୍ୱର ପୂଜାରା। ବୋଲିଂ ମୁଦ୍ରାରେ ଇଶାନ୍ତ ଶର୍ମା।

ଇନ୍ଦୋର, ୧୨।୧୧(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଏଠାରେ ଗୁରୁବାରଠାରୁ ଆରମ୍ଭ ହେବ। ଏହାପରେ କଲିକତାର ଇଡେନ ଗାର୍ଡେନରେ ଦ୍ୱିତୀୟ ଟେଷ୍ଟ ୨୨ ତାରିଖରୁ ଖେଳାଯିବ। କୋଲକାତାରେ ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବାରୁ ଏଠାରେ ଉଭୟ ପିଙ୍କ୍ ଏବଂ ରେଡ୍ ବଲ୍‌ରେ ଅଭ୍ୟାସ କରିଛି। ନେଟ୍ସ ସେସନରେ ପ୍ରଥମେ ଅଧିନାୟକ ବିରାଟ କୋହଲି ପିଙ୍କ୍ ବଲ୍‌ରେ ପ୍ରାକ୍ଟିସ କରି ଅଭିଜ୍ଞତା ହାସଲ କରିଛନ୍ତି। ପରେ ଅନ୍ୟ ଖେଳାଳିମାନେ ମଧ୍ୟ ତାହା କରିଛନ୍ତି।

ଭାରତୀୟ ଦଳ ଫ୍ଲଡ୍ ଲାଇଟ୍‌ରେ ନେଟ୍ସ କରିନାହିଁ। ଦିନରେ ପାରମ୍ପରିକ ରେଡ୍ ବଲ୍ ଅଭ୍ୟାସ ସେସନରେ ସେମାନେ ଏସଜି ପିଙ୍କ୍ ବଲ୍ ଥ୍ରୋ କରି ଅଭ୍ୟାସ କରିଛନ୍ତି। ଭାରତୀୟ ଦଳର ଅଭ୍ୟାସ ପାଇଁ ଗ୍ରାଉଣ୍ଡରେ ତିନୋଟି ନେଟ୍ ଲଗାଯାଇଛି। ଗୋଟିଏ ଦ୍ରୁତ ବୋଲରଙ୍କ ପାଇଁ, ଗୋଟିଏ ସ୍ପିନରଙ୍କ ପାଇଁ ଏବଂ ଆଉ ଗୋଟିଏ ଥ୍ରୋ କରିବା ପାଇଁ। ଟିମ୍ ମ୍ୟାନେଜମେଣ୍ଟର ଅନୁରୋଧକ୍ରମେ ଥ୍ରୋଡାଉନ୍ ନେଟ୍‌କୁ ପଡ଼ିଆର ଅନ୍ୟ ଏକ ଦିଗରେ ଲଗା ଯାଇଛି। ସେଠାରେ ସ୍ୱତନ୍ତ୍ର ପ୍ରାକ୍ଟିସ ଟର୍ଫ ଏବଂ କଳା ସାଇଟ୍–ସ୍କ୍ରିନ୍ ଲଗାଯାଇଛି। ଥ୍ରୋଡାଉନ୍ ସ୍ପେଶାଲିଷ୍ଟ ରାଘବେନ୍ଦ୍ର ଓ ଶ୍ରୀଲଙ୍କାର ନୁଆନ ସେନାଭିରତ୍ନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତୀୟ ଦଳର ନେଟ୍ସ ସେସନ ଅନୁଷ୍ଠିତ ହୋଇଛି। ଅଧିନାୟକ ବିରାଟ ଡିଫେନ୍ସିଭ୍ ଶଟ୍ ଖେଳିବାରେ ମନୋନିବେଶ କରିଥିଲେ ଏବଂ ପିଙ୍କ୍ ବଲ୍‌କୁ ସହଜରେ ଖେଳିଥିଲେ। ଯୁବ ରିଜର୍ଭ ଓପନର ଶୁବମନ ଗିଲ୍ ବାଉନ୍ସ ବଲ୍‌କୁ ହିଟ୍ କରିଥିଲେ। ପ୍ରଥମ ଟେଷ୍ଟ ପୂର୍ବରୁ ଭାରତ ଟ୍ରେନିଂ ପାଇଁ ମାତ୍ର ୨ ଦିନ ସମୟ ପାଇଛି। ହାତରେ ଅଧିକ ସମୟ ନ ଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନସିଏ)ରେ ରାହୁଲ ଦ୍ରାବିଡ଼ଙ୍କ ତତ୍ତ୍ୱାବଧାନରେ ଅଜିଙ୍କ୍ୟ ରାହାନେ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା ଓ ମହମ୍ମଦ ସାମିଙ୍କ ପରି ଟେଷ୍ଟ ସ୍ପେଶାଲିଷ୍ଟଙ୍କ ପାଇଁ ଲାଇଟ୍‌ରେ ନେଟ୍ସର ବ୍ୟବସ୍ଥା କରାଯାଇଛି।

## ନେଟ୍ସରେ ଭୁବନେଶ୍ୱର

ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି ଓ ସାଇଡ୍ ଷ୍ଟ୍ରେନ୍‌ରୁ ସୁସ୍ଥ ହୋଇଥିବା ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଭାରତୀୟ ଦଳର ସ୍କିଲ୍ ସେସନରେ ଯୋଗଦେଇ ନିଜକୁ ପରୀକ୍ଷା କରିଛନ୍ତି। ଭୁବନେଶ୍ୱର ଏବେ ରିହାବିଲିଟେଶନର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ତେଣୁ ସେ କେତେ ପରିମାଣରେ ସୁସ୍ଥ ହୋଇଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ମଧ୍ୟ ପରୀକ୍ଷା କରିଛି। ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ସିରିଜ ଅବସରରେ ଭୁବନେଶ୍ୱର ଆହତ ହୋଇଥିଲେ। ଏହାପରେ ସେ ଏନସିଏରେ ରିହାବିଲିଟେଶନ ପ୍ରୋଗ୍ରାମରେ ସାମିଲ ହୋଇଥିଲେ। “ଭୁବି ସ୍କିଲ୍ ସେସନରେ ଭାଗ ନେବାକୁ ଏଠାକୁ ଆସିଛନ୍ତି। ସେ କେତେ ଫିଟ୍ ହୋଇଛନ୍ତି ତାହା ଟିମ୍ ମ୍ୟାନେଜମେଣ୍ଟ ଦେଖିବାକୁ ଚାହୁଁଛି” ବୋଲି ଦଳୀୟ ସୂତ୍ରରୁ ପ୍ରକାଶ କରାଯାଇଛି। ଭୁବନେଶ୍ୱର ପ୍ରଥମେ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କ ସହିତ କିଛି ସମୟ ଆଲୋଚନା କରିବାପରେ ନେଟ୍ସରେ କିଛି ସମୟ ପାଇଁ ଯୋଗ ଦେଇଥିଲେ। ସେ ଫୁଲ୍ ରନ୍–ଅପ୍‌ରେ କିଛି ବଲ୍ ପକାଇଥିଲେ ହେଁ ପୂରା ଫିଟ୍ ନ ଥିବା ଜଣା ପଡ଼ିଥିଲା। ଯଶପ୍ରୀତ ବୁମ୍‌ରାଙ୍କ ଉପରୁ କାର୍ଯ୍ୟଭାର ହ୍ରାସ କରିବା ପାଇଁ ମ୍ୟାନେଜମେଣ୍ଟ ଭୁବନେଶ୍ୱରଙ୍କ ଉପରେ ନଜର ରଖିଛି। ତେବେ ସେ ପୂରା ଫିଟ୍ ହେବାପରେ ଯାହାକିଛି ନିଷ୍ପତ୍ତି ନିଆଯାଇପାରିବ। ଭୁବନେଶ୍ୱରଙ୍କୁ ଫିଟ୍ କରାଇବା ପାଇଁ ଫିଜିଓ ନୀତୀନ ପଟେଲ ଓ ଟ୍ରେନର ନିକ୍ ୱେବ୍‌ଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ।

## ଶେନ ୱାଟ୍‌ଶନ ଏସିଏ ସଭାପତି



ମେଲବୋର୍ନ,୧୨।୧୧: ପୂର୍ବତନ ଅଷ୍ଟ୍ରେଲିଆନ ଅଲରାଉଣ୍ଡର ଶେନ ୱାଟଶନ ଅଷ୍ଟ୍ରେଲିଆନ୍ କ୍ରିକେଟର୍ସ ଆସୋସିଏଶନ (ଏସିଏ)ର ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ସିଡ୍‌ନୀଠାରେ ଅନୁଷ୍ଠିତ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ତାଙ୍କୁ ନିଯୁକ୍ତ କରାଯାଇଛି। ୱାଟଶନ ଏବେ ୧୦ ଜଣିଆ ବୋର୍ଡର ସଦସ୍ୟ ଅଛନ୍ତି। ଏହି ଆସୋସିଏଶନରେ ଆହୁରି ୩ ନୂଆ ନିଯୁକ୍ତ ହୋଇଛି। ଅଷ୍ଟ୍ରେଲିଆନ ଖେଳାଳି ପ୍ୟାଟ କୁମିନ୍ସ, କ୍ରିଷ୍ଟିନ ବିମ୍ସ ଓ ପୂର୍ବତନ କ୍ରିକେଟର ଲିସା ଷ୍ଟାଲେକର ନିଯୁକ୍ତି ପାଇଛନ୍ତି। ଏସିଏ ସଭାପତି ହେବା ମୋ ପାଇଁ ସମ୍ମାନର ବିଷୟ। ପୂର୍ବରୁ ଏହି ପଦରେ ଥିବା ବ୍ୟକ୍ତିମାନଙ୍କ ସ୍ଥାନ ମୋତେ ନେବାକୁ ପଡ଼ିବ। କ୍ରିକେଟର ଉନ୍ନତି ଦିଗରେ କାର୍ଯ୍ୟ କରିବା ଲାଗି ମୁଁ ଉତ୍ସାହିତ ଥିବା ୱାଟଶନ କହିଛନ୍ତି।

# ଦୀପକଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

ଥିରୁଭାନନ୍ତପୁରମ୍,୧୨।୧୧



୨୭ ବର୍ଷୀୟ ଭାରତୀୟ ମଧ୍ୟଗତିର ବୋଲର ଦୀପକ ଚହର ୩ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ହ୍ୟାଟ୍ରିକ ଉଇକେଟ ହାସଲ କରିବାରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ବିଦର୍ଭ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନର ଏହି ଉଦୀୟମାନ ବୋଲର ଗୋଟିଏ ଓଭରରେ ୪ ଉଇକେଟ୍ ନେଇଥିଲେ। ଏପରିକି ସେ ଏକ ହ୍ୟାଟ୍ରିକ ସୃଷ୍ଟି କରିଥିଲେ ମଧ୍ୟ ୱାଇଡ୍ ବଲ୍ ଯୋଗୁ ପୁଣି ହ୍ୟାଟ୍ରିକ ଉଇକେଟ ସଫଳତା ପାଇପାରି ନାହାନ୍ତି। ପ୍ରଭାବୀ ବୋଲିଂ ସତ୍ତ୍ୱେ ଦୀପକ କିନ୍ତୁ ତାଙ୍କ ଟିମ୍‌କୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ରାଜସ୍ଥାନ ୧ ରନରେ ପରାସ୍ତ ହୋଇଥିଲା।

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଗ୍ରୁପ୍–ବି'ର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବିଦର୍ଭ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। କିନ୍ତୁ ମ୍ୟାଚ୍ ମଝିରେ ବର୍ଷା ହେବାରୁ ଏହାକୁ ୧୩ ଓଭର ବିଶିଷ୍ଟ କରାଯାଇଥିଲା। ଅଧିନାୟକ ଚହରଙ୍କ ବୋଲିଂକୁ ସାମ୍ନା କରି ନ ପାରି ବିଦର୍ଭ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୯୯ ରନ କରିଥିଲା। ଅନ୍ତର୍ଜାତୀୟ ଟି୨୦ରେ ଦେଶର ପ୍ରଥମ ପୁରୁଷ ଖେଳାଳି ଭାବେ ହ୍ୟାଟ୍ରିକ ନେଇଥିବା ଚହର ୩ ଓଭରରେ ୧୮ ରନ୍ ବ୍ୟୟ କରି ୪ ଉଇକେଟ ହାତେଇଛନ୍ତି। ଏହି ୪ଟି ଯାକ ଉଇକେଟ୍ ସେ ଗୋଟିଏ ଓଭରରେ ନେଇଥିଲେ। ବିଦର୍ଭ ଇନିଂସର ଅନ୍ତିମ ତଥା ୧୩ତମ ଓଭର ବୋଲିଂ କରିଥିବା ଦୀପକ ପ୍ରଥମ ବଲରେ ରୂପେଲ ରାଠୋର (୩ ରନ)ଙ୍କୁ ଭାଇ ରାହୁଲ ଚହରଙ୍କ ହାତରେ କ୍ୟାଚ୍ କରାଇନେଇଥିଲେ। ଏହାପରେ ଓଭର ଅନ୍ତିମ ୩ଟି ବଲରେ ସେ ଯଥାକ୍ରମେ ଦର୍ଶନ ନାଲକାଣ୍ଡେ (୦), ଶ୍ରୀକାନ୍ତ ୱାଗ (୧୩) ଓ ଅକ୍ଷୟ ୱାଦ (୦)ଙ୍କୁ ଆଉଟ୍ କରିଥିଲେ। କିନ୍ତୁ ଦର୍ଶନଙ୍କ ଉଇକେଟ୍ ନେବାପରେ ସେ ଏକ ୱାଇଡ୍ ବଲ୍ ପକାଇଥିଲେ। ଫଳରେ ନିୟମ ଅନୁଯାୟୀ ଲଗାତର ୩ଟି ବଲରେ ଉଇକେଟ୍ ନେଇପାରି ନ ଥିବାରୁ ଏହା ହ୍ୟାଟ୍ରିକ ଭାବେ ଗଣାଯାଇ ନାହିଁ।

ଏହାପରେ ଭିଜେଡି ମେଥଡରେ ରାଜସ୍ଥାନ ସମ୍ମୁଖରେ ୧୦୭ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ରାଜସ୍ଥାନ ଓପନର୍ ମନିନ୍ଦର ସିଂ (୪୪ ରନ, ୧୭ ବଲ, ୬ ଛକା)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୮ ଉଇକେଟ୍ ହରାଇ ୧୦୫ ରନ କରିବାକୁ ସମର୍ଥ ହୋଇଥିଲା। ଉଲ୍ଲେଖଥାଉ କି, ଗତ ରବିବାର ବାଂଲାଦେଶ ବିପକ୍ଷ ଅନ୍ତିମ ତଥା ତୃତୀୟ ଟି୨୦ରେ ସେ ମାତ୍ର ୭ ରନ୍ ଦେଇ ୬ ଉଇକେଟ ନେଇ ବିଶ୍ୱରେକର୍ଡ ଅଧିକାରୀ ହୋଇଥିଲେ। ଏଥିରେ ତାଙ୍କର ହ୍ୟାଟ୍ରିକ ମଧ୍ୟ ରହିଥିଲା। ଦୀପକଙ୍କ ଏହି ମାରାତ୍ମକ ସ୍ପେଲ ଯୋଗୁ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨–୧ ବ୍ୟବଧାନରେ ଜିତି ନେଇଥିଲା।

## ମନୀଷଙ୍କ ଚୌକା, ଛକା ଭରା ଶତକୀୟ ଇନିଂସ

ବିଜୟନଗରମ୍, ୧୨।୧୧: ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ସର୍ଭିସେସ ଓ କର୍ନାଟକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ମନୀଷ ପାଣ୍ଡେ କେବଳ ବାଉଣ୍ଡ୍ରିରେ ହିଁ ଶତକ କରିଛନ୍ତି। ମାତ୍ର ୫୪ ବଲର ସମ୍ମୁଖୀନ ହୋଇଥିବା କର୍ନାଟକ ଦଳର ଅଧିନାୟକ ଅପରାଜିତ ୧୨୯ ରନ୍ କରିଥିଲେ। ତାଙ୍କ ବିସ୍ଫୋରକ ଇନିଂସରେ ୧୨ ଚୌକା ଓ ୧୦ ଛକା ସାମିଲ ଥିଲା। କେବଳ ଚୌକା ଓ ଛକାକୁ ମିଶାଇଲେ ସେ ମାତ୍ର ୨୨ ବଲରେ ୧୦୮ ରନ୍ କରିଥିଲେ। ଟି୨୦ ଫର୍ମାଟରେ ଏଭଳି ଶତକ କରିବାର ଘଟଣା ଖୁବକମ୍ ଦେଖିବାକୁ ମିଳେ। ଏହା ପାଣ୍ଡେଙ୍କ ଦ୍ୱିତୀୟ ଟି୨୦ ଶତକ। ତାଙ୍କର ଏଭଳି ଇନିଂସ ଯୋଗୁ କର୍ନାଟକ ଦଳ ୮୦ ରନ୍‌ରେ ସର୍ଭିସେସକୁ ହରାଇ ଦେଇଛି। କର୍ନାଟକ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୨୫୦ ରନ୍ କରିଥିଲା। ଜବାବରେ ସର୍ଭିସେସ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୭ ଉଇକେଟ କ୍ଷତିରେ ୧୭୦ ରନ୍ କରିବାକୁ ସକ୍ଷମ ହୋଇଥିଲା।

## ଗଳି କ୍ରିକେଟ୍ ଖେଳିଲେ କୋହଲି



ପିଲାଙ୍କ ଗହଣରେ ବିରାଟ କୋହଲି।

ଇନ୍ଦୋର, ୧୨।୧୧: ଭ୍ରମଣକାରୀ ବାଂଲାଦେଶ ଓ ଭାରତ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ସ୍ଥାନୀୟ ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମରେ ଆରମ୍ଭ ହେବ। ତେବେ ଏଥିପୂର୍ବରୁ ଭାରତୀୟ ଅଧିନାୟକ ବିରାଟ କୋହଲି ଛୋଟ ପିଲାଙ୍କ ସହ ଗଳି କ୍ରିକେଟ୍ ଖେଳୁଥିବାର ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ କୋହଲି ଇନ୍ଦୋରର ଏକ ରେସିଡେନ୍ସ କମ୍ପ୍ଲେକ୍ସ ବାହାରେ ଛୋଟ ପିଲାଙ୍କ ସହିତ କ୍ରିକେଟ୍ ଖେଳୁଛନ୍ତି। ଜିନ୍ସ ଓ ଟି–ଶାର୍ଟ ପରିଧାନ କରି କୋହଲି ସ୍କୋୟାର କଟ୍, ଅଫ୍ ସାଇଡ୍ ଓ ଷ୍ଟେପ୍ ଆଉଟ୍ କରି ବୋଲର ମୁଣ୍ଡ ଉପରେ ଶଟ୍ ମାରୁଥିବା ଦେଖାଯାଇଛି। ଏହାପରେ କୋହଲି ବ୍ୟାଟ୍ ଧରି ଦୌଡ଼ିଥିବାବେଳେ ପିଲାମାନେ ମଧ୍ୟ ତାଙ୍କ ପଛରେ ପଶ୍ଚାତଧାବନ କରିଥିଲେ। ତେବେ ଏହା ଏକ ବିଜ୍ଞାପନର ଶୁଟିଂ ରହିଥିଲା ବୋଲି ଜଣାପଡ଼ିଛି। ଯେଉଁଥିରେ କୋହଲି ଓ କିଛି ଛୋଟପିଲା ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ, ବାଂଲାଦେଶ ବିପକ୍ଷ ସୀମିତ ଓଭର ସିରିଜରୁ କୋହଲିଙ୍କୁ ବିଶ୍ରାମ ଦିଆଯାଇଥିଲା। ଟେଷ୍ଟ ସିରିଜ ପାଇଁ ସେ ଉପଲବ୍ଧ ରହିବେ।

# ମା'ଙ୍କ ବିୟୋଗ ସତ୍ତ୍ୱେ ଫେରିଲେନି ନସୀମ

ପର୍ଥ, ୧୨।୧୧



ପାକିସ୍ତାନ ଯୁବ ଦ୍ରୁତ ବୋଲର ନସୀମ ଶାହ।

ଅଷ୍ଟ୍ରେଲିଆ ଗସ୍ତରେ ଥିବା ପାକିସ୍ତାନର ଦଳର ଯୁବ ଦ୍ରୁତ ବୋଲର ନସୀମ ଶାହଙ୍କ ପାଇଁ ମଙ୍ଗଳବାର ବେଶ୍ ଦୁଃଖଦାୟକ ସମୟ ରହିଥିଲା। ସୋମବାର ବିଳମ୍ବିତ ରାତିରେ ମା'ଙ୍କ ବିୟୋଗ ଘଟିଥିବା ଖବର ନସୀମ ଜାଣିବାକୁ ପାଇଥିଲେ। ତେବେ ଜିଓ ନ୍ୟୁଜ୍ ରିପୋର୍ଟ ମୁତାବକ 'ଦୂରତା ଓ ସମୟସାପେକ୍ଷ' ଲାଗି ୧୬ ବର୍ଷୀୟ ନସୀମ ପାକିସ୍ତାନ ନ ଫେରି ଅଷ୍ଟ୍ରେଲିଆରେ ଜାତୀୟ ଦଳ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ପାକିସ୍ତାନରେ ଅବସ୍ଥାପିତ ଥିବା ପରିବାର ସଦସ୍ୟଙ୍କ ସହ କଥାବାର୍ତ୍ତା ପରେ ଶାହ ଏହି ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ପାକିସ୍ତାନ ଓ ଅଷ୍ଟ୍ରେଲିଆ–ଏ ଦଳ ମଧ୍ୟରେ ଚାଲିଥିବା ୨ ଦିନିଆ ଅଭ୍ୟାସ ମ୍ୟାଚ୍‌ର ଅନ୍ତିମ ତଥା ଦ୍ୱିତୀୟ ଦିବସରେ ମଙ୍ଗଳବାର ସମସ୍ତ ଖେଳାଳି ହାତରେ କଳାପଟି ବାନ୍ଧି ଖେଳିଥିଲେ। ଏହି ଡାହାଣହାତୀ ଦ୍ରୁତ ବୋଲର ଅଭ୍ୟାସ ମ୍ୟାଚ୍‌ରେ ଖେଳୁଥିଲେ ମଧ୍ୟ ପାକିସ୍ତାନ ପ୍ରଥମ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ସେହିଭଳି ଅଷ୍ଟ୍ରେଲିଆ–ଏ ଇନିଂସରେ ମଧ୍ୟ ବୋଲିଂ କରିବାକୁ ସେ ପଡ଼ିଆକୁ ଓହ୍ଲାଇ ନ ଥିଲେ। ଏହି ଅଭ୍ୟାସ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆସନ୍ତା ୨୧ରୁ ବ୍ରିସବେନରେ ଆରମ୍ଭ ହେବ।

# ଦୁର୍ବଳତା ଓ ସାମର୍ଥ୍ୟ

ଗୌତମ ଗମ୍ଭୀର

ଡିସେମ୍ବର ୧ତାରିଖରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ବସିବ। ଏଥିରେ ଯେପରି ନବ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇପାରିବ ତାହାର ଉପାୟ ବାହାର କରିବା ଲାଗି ଆଲୋଚନା ହେବ। ବୈଠକ ପାଇଁ ପ୍ରସ୍ତୁତ କରାଯାଇଥିବା ଏଜେଣ୍ଡାରେ ଏହା ଅନ୍ୟତମ ପ୍ରମୁଖ ପ୍ରସଙ୍ଗ ଭାବେ ପ୍ରକାଶ ପାଇଛି। ଏହା ଦ୍ୱାରା ଆର୍.ଏମ୍. ଲୋଧା କମିଟି ସଂସ୍କାର ପ୍ରତି ବିଦ୍ରୂପ ଭଳି ହେବ। ହେଲେ ପୁଣି କୋର୍ଟକୁ ଯିବା ପରିସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ମୋର ବିଶ୍ୱାସ। ବ୍ୟକ୍ତିଗତ ଭାବେ କହିବାକୁ ଗଲେ କର୍ମକର୍ତ୍ତାଙ୍କ ଲାଗି କୁଲିଂ ଅଫ୍ ପିରିୟଡ ବ୍ୟବସ୍ଥାକୁ ନାପସନ୍ଦ କରେ। ଏକଥା ମୁଁ ଅତୀତରେ କହିଛି। ଭାରତୀୟ କ୍ରିକେଟକୁ ଆଗେଇନେବାକୁ ସୌରଭ ଗାଙ୍ଗୁଲିଙ୍କ ଭଳି ଚରିତ୍ରର ଆବଶ୍ୟକତା ରହିଛି। ସେ ଏଭଳି ଜଣେ ବ୍ୟକ୍ତି ଯିଏକି ନିଜର ସାମର୍ଥ୍ୟ ଅପେକ୍ଷା ଦୋଷ ଦୁର୍ବଳତା ସମ୍ପର୍କରେ ଅଧିକ ସଚେତନ। ଏହାକୁ ନେଇ କିପରି କାର୍ଯ୍ୟସାଧନ କରିହେବ ତାହାର ସୂତ୍ର ଜଣା। କିନ୍ତୁ ଲୋଧା ସଂସ୍କାର ଅନୁସାରେ ଦାଦା ୧୦ମାସ ପର୍ଯ୍ୟନ୍ତ ବିସିସିଆଇ ସଭାପତି ପଦବୀରେ ରହିପାରିବେ। ତାଙ୍କ ପ୍ରସ୍ଥାନ ପରେ ଖେଳର ପାଇଁ ଉନ୍ନତି ପାଇଁ ସେ ନେଇଥିବା ପଦକ୍ଷେପ ସମ୍ପୂର୍ଣ୍ଣ ତଥା ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରିବ କି ନା ସନ୍ଦେହ।

ନିଜର ଦୁର୍ବଳତା ଓ ସାମର୍ଥ୍ୟ କଥା ଉଠିଲେ ମୋ ମନରେ ଦୀପକ ଚହରଙ୍କ କଥା ଆସୁଛି। ନାଗପୁରରେ ଅନୁଷ୍ଠିତ ଗତ ଟି୨୦ ଗେମ୍‌ରେ ଦୀପକ ଚମତ୍କାରେ ବୋଲିଂ କରିଥିଲେ। ଏହାର କାରଣ ସେ ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ଠଉରେଇ ପାରିଥିଲେ। ସେ ଅତି ଶୀଘ୍ର ପରିସ୍ଥିତିକୁ ନେଇ ତାଙ୍କ ଗେମ୍ ପ୍ଲାନ ବଦଳାଇ ପାରିଥିଲେ। ସୁଇଙ୍ଗ ପାଇଁ ସେ ଫୁଲ୍ ଅଫ୍ ଲେଙ୍ଥ୍ ପରିବର୍ତ୍ତେ ବ୍ୟାକ୍ ଅଫ୍ ଲେଙ୍ଥ୍ ଓ କିମ୍ବା ଶର୍ଟ ବୋଲିଂ କରିଥିଲେ। ବୃହତ୍‌କାୟ ଭିସିଏ ଗ୍ରାଉଣ୍ଡକୁ ନଜରରେ ରଖି ସେ ବୋଲିଂ କରିଥିଲେ। ଏଥିରେ ସେ ସଫଳ ମଧ୍ୟ ହୋଇଥିଲେ। ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଥିବା ବାଂଲାଦେଶକୁ ହୁଏତ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି, କିନ୍ତୁ ସେମାନେ ଲଢୁଆ ପ୍ରଦର୍ଶନ ଦ୍ୱାରା ସେମାନଙ୍କ ସମର୍ଥକମାନଙ୍କୁ ହତାଶ କରିନାହାନ୍ତି। ଭାରତ ଭଳି ଶକ୍ତିଶାଳୀ ଦଳକୁ ସେମାନେ ଟକ୍କର ଦେଇଛନ୍ତି। ଟେଷ୍ଟ ସିରିଜ ମଧ୍ୟ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ମୋର ଆଶା। ସେମାନେ ଶକିବ ଅଲ ହସନଙ୍କୁ ପୁଣି ମିସ୍ କରିବେ। ଏକ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଏହି କ୍ୱାଲିଟି ବାମହାତୀ ଅଫ୍ ସ୍ପିନର ବିଶେଷ ଭୂମିକା ଗ୍ରହଣ କରିଥାନ୍ତି। ଶକିବଙ୍କ ବ୍ୟାଟିଂ ସାମର୍ଥ୍ୟ ମଧ୍ୟ ରହିଛି। ଇନ୍ଦୋରର ପିଚ୍ ବ୍ୟାଟିଂ ପାଇଁ ଭଲ। ମାତ୍ର ଛୋଟ ବାଉଣ୍ଡ୍ରି ବିଶିଷ୍ଟ କ୍ରିକେଟ ପଡ଼ିଆକୁ ମୁଁ ପସନ୍ଦ କରି ନ ଥାଏ ଅବଶ୍ୟ ଏଥିରେ ଅଧିକ ଛକା ଦର୍ଶକମାନଙ୍କୁ ଏହା ଆମୋଦିତ କରିଥାଏ। ଇନ୍ଦୋରର ପିଚ୍ ଲକ୍ଷଣ ଯାହା କହୁଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଋଦ୍ଧିମାନ ଶାହଙ୍କୁ ଜଣେ ଅଲରାଉଣ୍ଡର ଭାବେ ଦଳରେ ନେବା ଉଚିତ୍। ତାଙ୍କୁ ବ୍ୟାଟିଂ ଅର୍ଡରରେ ନିଆଗଲେ ଭଲ। ଏହା ଏକ ସିରିଜ ହୋଇଥିବାରୁ ଅନ୍ୟ ଜଣେ ଖେଳାଳିଙ୍କ ସ୍ଥାନରେ ସୁଯୋଗ ଦେଇ ତାଙ୍କ ଦକ୍ଷତାକୁ ପରଖି ନେଇହେବ।

*(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*



## ସଂକ୍ଷେପରେ

### ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ



ବଇଣ୍ଡା,୧୨।୧୧(ଡି.ଏନ.ଏ.)- ଅନୁଗୋଳ ଜିଲା ଠାକୁରଗଡ଼ ଥାନା ତାଳମଳିହା ଗ୍ରାମରେ ମଙ୍ଗଳବାର ନୂତନ ଭାବେ ନିର୍ମାଣ ହୋଇଥିବା ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶଚନ୍ଦ୍ର ସାଏ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରି, ଆମ୍ବସରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରି, ଧରଡ଼ପାଳ ପୂର୍ବତନ ସରପଞ୍ଚ କାଳନ୍ଦୀଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ନାରାୟଣ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

### ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ବଅଁରପାଳ,୧୨।୧୧(ଡି.ଏନ.ଏ.)- ବଅଁରପାଳ ଥାନା ଅନ୍ତର୍ଗତ ତଳମୂଳଠାରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁଜାତା ରାଉତ। ସୁଜାତା ସକାଳେ ସ୍ୱାମୀ ଓ ପୁଅଙ୍କ ସହିତ ଏକ ବାଇକ୍‌ରେ ଲୋଭୀ ଠାକୁରାଣୀଙ୍କ ଯାତ୍ରା ଦେଖିବା ପାଇଁ ଗଡ଼ସନ୍ତ୍ରୀ ଅଭିମୁଖେ ଯାଉଥିବାବେଳେ ତଳମୂଳ ପାଟଣାଠାରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସିପଡ଼ିଥିଲେ। ସେହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଏହି ଦୁର୍ଘଟଣାରେ ସୁଜାତାଙ୍କ ସ୍ୱାମୀ ଓ ପୁଅ ମଧ ଆହତ ହୋଇଛନ୍ତି।

# ୩ୟ ଦିନରେ ଆନ୍ଦୋଳନ: ଏନ୍‌ଟିପିସିରେ କୋଇଲା ସଙ୍କଟ

କଣିହାଁ, ୧୨।୧୧(ଡି.ଏନ.ଏ.)

ଏମ୍‌ସିଏଲର କଣିହାଁ କୋଇଲା ଖଣିର ଟ୍ରକ୍ ଚାଳକ ଓ ଖଣି ଉତ୍ତୋଳନ, ପରିବହନ ଦାୟିତ୍ୱରେ ଥିବା ଠିକାସଂସ୍ଥା ମଧ୍ୟରେ ପାଉଣା ବିବାଦକୁ ନେଇ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୩ୟ ଦିନରେ ପହଞ୍ଚିଛି। ଏଥିଯୋଗୁ କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କୋଇଲା ସଙ୍କଟ ଦେଖାଦେଇଛି। ଏନ୍‌ଟିପିସିରୁ ଦୈନିକ ୩ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ୬୦ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ ପଡିଥାଏ। ହେଲେ କଣିହାଁ କୋଇଲା ଖଣିରେ ଆନ୍ଦୋଳନ ଯୋଗୁ ବିଦ୍ୟୁତ୍ ପ୍ରକଳ୍ପକୁ ଆବଶ୍ୟକ କୋଇଲା ଯୋଗାଣ ହେଉପାରୁ ନ ଥିବାରୁ ଏପରି ସଙ୍କଟ ଦେଖାଦେଇଛି। ୨ ଦିନ ହେଲା ମାତ୍ର ୧୭ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଥିବା ଜଣାପଡିଛି। କଣିହାଁ ଥାନା ସୂତ୍ରରୁ ଜଣାଯାଏ, ସମାଧାନର ରାସ୍ତା ବାହାରିଥିଲା। ମଙ୍ଗଳବାର ଖଣି କାର୍ଯ୍ୟ ସ୍ୱାଭାବିକ କରିବାକୁ ଆନ୍ଦୋଳନକାରୀ ଆସିଥିଲେ। ହେଲେ କେଉଁ କାରଣରୁ ପୁନଃ ଆନ୍ଦୋଳନ କରାଯାଇଛି ତାହାକୁ ନେଇ ଆଲୋଚନା ଚାଲିଛି। ଏନ୍‌ଟିପିସି ଜନସମ୍ପର୍କ ଅଧିକାରୀ ଅମିତ ବେହେରାଙ୍କୁ ପଚାରିବାରେ କହିଛନ୍ତି, କଣିହାଁ ଖଣିରୁ ୩ ଦିନ ହେଲା କୋଇଲା ଆସିନାହିଁ। ଫଳରେ କୋଇଲା ଅଭାବ ଯୋଗୁ ପ୍ରକଳ୍ପରୁ ୧୭ଶହ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଏଥିଯୋଗୁ ସରକାରଙ୍କ ରାଜସ୍ୱ ହାନି ହେଉଛି। ତୁରନ୍ତ ଏହାର ସମାଧାନ ହେବା ଆବଶ୍ୟକ ବୋଲି ବେହେରା କହିଛନ୍ତି।






■ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ଆରମ୍ଭ

# ବାଦ୍ୟ ବାଜଣାରେ ଗାଁ ପ୍ରକମ୍ପିତ



ମା'ଙ୍କ ଆଲମକୁ ଶୋଭାଯାତ୍ରାରେ ଅଣାଯାଉଛି।

■୨୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ
■ରାସ୍ତାରେ ବସ୍ତ୍ର ପକାଇ ଅଧିଆ ପଡ଼ିଲେ
■ମିନାବଜାରରେ ଜମୁଛି ଗହଳି

ବଅଁରପାଳ, ୧୨।୧୧ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ୪ ଦିନିଆ ବାର୍ଷିକ ଯାତ୍ରା ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଯାତ୍ରା ଦେଖିବା ପାଇଁ ଜିଲା ତଥା ଜିଲା ବାହାର ଅଞ୍ଚଳରୁ ୨୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳେ ତୁଳସୀପାଳ ସ୍ଥିତ ଦିଅଁ ଘରେ ବିଧି ପୂର୍ବକ ପୂଜାର୍ଚ୍ଚନା ହୋଇଥିଲା। ୧୧ଟାରେ ଠାକୁରାଣୀଙ୍କ ଆଲମକୁ ବିରାଟ ଶୋଭାଯାତ୍ରାରେ ତୁଳସୀପାଳଠାରୁ ଗଡ଼ସନ୍ତ୍ରୀ ସ୍ଥିତ ଯାତ୍ରା ପୀଠକୁ ଅଣାଯାଇଥିଲା। ଢୋଲ ନିଶାଣ ବାଦ୍ୟରେ ସମଗ୍ର ଗାଁ ପ୍ରକମ୍ପିତ ହୋଇପଡ଼ିଥିଲା। ଠାକୁରାଣୀଙ୍କ ଆଲମ ଆସିବା ସମୟରେ ଶ୍ରଦ୍ଧାଳୁମାନେ ନୂତନ ବସ୍ତ୍ର ରାସ୍ତାରେ ପକାଇବା ସହ ଅଧିଆ ପଡ଼ିଥିଲେ। ଅପରାହ୍ନରେ ମା'ଙ୍କ ମାଜଣା ପୂଜା ଆରମ୍ଭ ହୋଇଥିଲା। ରାତିରେ ତୁଳସୀପାଳ ଠାରୁ ଠାକୁରାଣୀଙ୍କ ମହାଦେଶକୁ ପୀଠ ସ୍ଥଳୀକୁ ଅଣାଯିବ। ମା'ଙ୍କ ପୂଜାବିଧି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗଡ଼ସନ୍ତ୍ରୀ ଗ୍ରାମରେ ଠାକୁରାଣୀଙ୍କ ପୂଜା ପାଇଁ ଏକ ସ୍ୱତନ୍ତ୍ର କୂପ ରହିବା ସହ ସେବାୟତମାନେ ରହିଛନ୍ତି। ଏହି ୪ ଦିନିଆ ଯାତ୍ରା ପାଇଁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନ ବଜାର ପଡ଼ିଛି। ବିଶେଷକରି ମନୋହରି ସାମଗ୍ରୀ, କଂସା ବାସନ, ଦୋଳି, ମିନାବଜାର ସାଙ୍ଗକୁ ଗୁପ୍‌ଚୁପ୍, ଚାଟ୍, ଦହିବରା ଠାରୁ ଆରମ୍ଭ ବିଭିନ୍ନ ଫାଷ୍ଟଫୁଡ୍ ବ୍ୟବସାୟୀ ଦୋକାନ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଯାତ୍ରାସ୍ଥଳରେ ଏକ ଅସ୍ଥାୟୀ ଫାଣ୍ଡି ସ୍ଥାପନ ସହ ଫୋର୍ସ ମୁତୟନ କରାଯାଇଛି। ସେହିପରି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଯାତ୍ରାକୁ ଉଭୟ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଜଳାଶୟ, ମନ୍ଦିରରେ ପ୍ରବଳ ଭିଡ଼



ଅନୁଗୋଳ ଅଫିସ, ୧୨।୧୧

କାର୍ତ୍ତିକ ପୂର୍ଣ୍ଣିମା ପାଇଁ ମଙ୍ଗଳବାର ଅନୁଗୋଳ ସହରରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ବିଶେଷକରି ଜଳାଶୟରେ ଡଙ୍ଗା ଭସାଇବା ପରେ ମନ୍ଦିର ଯାଇ ଦିଅଁ ଦର୍ଶନ କରିବାକୁ ରାତି ଅଧରୁ ହିଁ ଭିଡ଼ ବଢ଼ିବାକୁ ଲାଗିଥିଲା। ସହରର ବିଭିନ୍ନ ପୁଷ୍କରଣୀରେ ଲୋକେ ରଙ୍ଗବେରଙ୍ଗର ଡଙ୍ଗା ଭସାଇଥିବା ବେଳେ ପିଲାଙ୍କ ହାତରେ ଚଳିତବର୍ଷ କାର୍ଟୁନ ଡଙ୍ଗା ଦେଖିବାକୁ ମିଳିଥିଲା। ସେହିପରି ଦେବଦେବୀ ମନ୍ଦିରଗୁଡ଼ିକରେ ମଧ ଅସମ୍ଭାଳ ଗହଳି ଲାଗିଥିଲା।

ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ନାରାୟଣ ସାଗର ପୁଷ୍କରଣୀ ନିକଟରେ ଭୋର ୪ଟାରୁ ହିଁ ଲୋକେ ଭିଡ଼ ଜମାଇଥିଲେ। ସମସ୍ତଙ୍କ ହାତରେ ଡଙ୍ଗା ସାଙ୍ଗକୁ ପାନ, ଗୁଆ, କ୍ୟାଣ୍ଡେଲ ଆଦି ରହିଥିଲା। ସହରର ଅନ୍ୟ ଜଳାଶୟ ଗୁଡ଼ିକରେ ମଧ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ତେବେ ଚଳିତବର୍ଷ ବଜାରରେ ମିଳୁଥିବା ରଙ୍ଗବେରଙ୍ଗର କାର୍ଟୁନ ଡଙ୍ଗା ପିଲାଙ୍କ ପାଇଁ ଆକର୍ଷଣ ସାଜିଥିଲା। ପାରମ୍ପରିକ କଦଳୀପଟୁଆ ବା ସୋଲ ନିର୍ମିତ ଡଙ୍ଗା ବଦଳରେ ସେମାନେ କାର୍ଟୁନକୁ ବାଛିଥିଲେ। ସେହିପରି ପୂର୍ବକାଳର ବେପାର ବଣିଜ ପରମ୍ପରାକୁ ମନେ ପକାଇ ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିସହ ସହରରେ ଥିବା ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଗହଳି ଜମିଥିଲା। ସାହି ଓ କ୍ଲବମାନଙ୍କରେ ମଧ କାର୍ତ୍ତିକେଶ୍ୱର ପୂଜା ସହ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ବ୍ରାହ୍ମଣୀ ନଦୀରେ ନୌକା ବିହାର



ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରାଯାଉଛି।

ତାଳଚେର,୧୨।୧୧(ନି.ପ୍ର.)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ତାଳଚେର ସହର ନିକଟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥଯାତ୍ରା ଭଜନ ସନ୍ଧ୍ୟା କମିଟି ପକ୍ଷରୁ ମଙ୍ଗଳବାର ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଜନ ସନ୍ଧ୍ୟା କମିଟି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି ଭାବେ ଏଥିରେ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ଶୁଭାରମ୍ଭ କରିଥିଲେ। ବିବେକାନନ୍ଦ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ସାଧବ ବୋହୂ ଓ ସାଧବ ପୁଅ ବେଶରେ ସଜ୍ଜିତ ହୋଇ ବ୍ରାହ୍ମଣୀ ନଦୀରେ ନୌକା ବିହାର କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଜଗନ୍ନାଥ ମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ମନ୍ଦିରରେ ନୂତନ ପତାକା ଲଗାଯାଇଥିଲା। ସମ୍ପାଦକ ସଞ୍ଜୀବ ପଟ୍ଟନାୟକ, କମଳକାନ୍ତ ଜେନା, ସଂଗ୍ରାମ କେଶରୀ ସିଂହ, ଆସିଫ ଖାନ, ସୁଧୀର ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପ୍ରତ୍ୟୁଷରୁ ଡଙ୍ଗା ଭସାଇବାକୁ ନଦୀକୂଳରେ ସହରବାସୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରଙ୍ଗବେରଙ୍ଗର ଡଙ୍ଗା ଧରି ଶହ ଶହ ସଂଖ୍ୟାରେ ଲୋକେ ନଦୀ କୂଳକୁ ଆସିଥିଲେ। ସେହିପରି ବିଭିନ୍ନ ଦେବାଳୟରେ ମଧ ହଜାର ହଜାର ଭକ୍ତମାନଙ୍କ ଗହଳି ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧାଡିରେ ଯାଇ ଠାକୁରଙ୍କ ପୂଜାର୍ଚ୍ଚନା କରିବା ସହ ଆଶିଷ ଭିକ୍ଷା କରିଥିଲେ।

## ଭାଜପାର ବୈଠକ



ଛେଣ୍ଡିପଦା,୧୨।୧୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାରତୀୟ ଜନତା ପାର୍ଟିର ଏକ ସାଂଗଠନିକ ବୈଠକ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଶୋକ ମହାନ୍ତି, ଗତିକୃଷ୍ଣ ପ୍ରଧାନ, ବିଜୟ ମାଝି, ଜରପଡା ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ଦାସ, ଜୀବନାନନ୍ଦ ସାହୁ, ସୁଦୀପ ଗଡନାୟକ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଜରପଡା ମଣ୍ଡଳ ପରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ପ୍ରଧାନ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ।

# 'ସଂସ୍କୃତି କେବେ ଅତୀତ ହୁଏନି'

ଅନୁଗୋଳ ଅଫିସ, ୧୨।୧୧



ସଂସ୍କୃତି କେବେ ଅତୀତ ହୁଏନି। ସର୍ବଦା ତାହାର ମହତ୍ତ୍ୱ ରହିଛି। ଅନୁଗୋଳ ହେଉଛି କଳା ଓ ସଂସ୍କୃତିର ଜିଲା। 'କଳାକାର'ର ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମଙ୍ଗଳବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋଜ କୁମାର ମହାନ୍ତି ଏହା କହିଛନ୍ତି। କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିବାରେ କଳାକାରର ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି।

ସ୍ଥାନୀୟ ସଭାଘର ଠାରେ ଜିଲା, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଏମ୍‌ସିଏଲ୍ ସହ ନାଲ୍‌କୋ ସହଯୋଗିତାରେ ୪ ଦିନ ଧରି ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସେଠ, ସଂସ୍କୃତି ଅଧିକାରୀ ଜଗଦୀଶ ରାୟ ଓ ଶରତ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ କଳାକାର ସମ୍ମାନରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏଥିସହ କଳା, ସଂସ୍କୃତି, ଭାଷା, ସାହିତ୍ୟ ରଚନା ଓ ଅଭିନୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଅନୁଗୋଳର ବରିଷ୍ଠ ବ୍ୟଙ୍ଗକବି କରୁଣାକର ବାଇ, ଚିତ୍ରଶିଳ୍ପୀ ବିନୟ ମହାନ୍ତି, ମଞ୍ଚ ସଜ୍ଜା ପାଇଁ ଅସିତ ମହାପାତ୍ରଙ୍କୁ କଳାକାର ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଣ୍ଠଶିଳ୍ପୀ ପଟ୍ଟନାୟକ ଲୋକପ୍ରିୟ ସଙ୍ଗୀତ ଫୁର କିନା ଉଡ଼ିଗଲା ବଣି... ଗାଇ ଶ୍ରୋତାଙ୍କୁ ବିଭୋର କରି ଦେଇଥିଲେ। ପରେ ଦେବବ୍ରତ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ନାଟକ ହାଏରେ ବିଧାତ ମଞ୍ଚସ୍ଥ ହୋଇଥିଲା। ଶେଷରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବୈରାଗୀ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କଳାକାରର ଉପସଭାପତି ବୀରେନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିବାବେଳେ ସମସ୍ତ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।


## କାର୍ତ୍ତିକେଶ୍ୱର ପୂଜା, ଶିବ ପୁରାଣ ପାଠ

ତାଳଚେର,୧୨।୧୧(ନି.ପ୍ର.)

ତାଳଚେର ପୌରାଞ୍ଚଳ ରେମୁଆଁ ନୂଆସାହି କାର୍ତ୍ତିକେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱର ପୂଜାତ୍ସୋବ ଏବଂ ଶିବ ପୁରାଣ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନଗରସଂକୀର୍ତ୍ତନ କରାଯାଇଥିଲା। ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପୂଜା କମିଟି ପକ୍ଷରୁ ଏପରି ଶିବ ପୁରାଣ ପାଠ କରାଯାଇ ଆସୁଛି। କାର୍ଯ୍ୟକ୍ରମରେ ମୂଳିଆ ମହାରଣା, ଗୋବିନ୍ଦ ମହାରଣା, କାଳିଆ ମହାରଣା, ଅଜୟ ଦାସ, କ୍ଷେତ୍ରବାସୀ ନାଏକ, ବାଉରୀବନ୍ଧୁ ବେଜ୍, ଟିକି ପଟ୍ଟନାୟକ, ସୁରେଶ ମହାରଣା, ହୃଷି ସିଂହ, ଶୁକଦେବ ରାଉତ, ବିଚି ସେନାପତି, ଦୁଃଖବନ୍ଧୁ ସେଠୀ, ବାବାଜୀ ବାରିକ, ପରି ସେଠୀ, ଧୀରେନ ସାହୁଙ୍କ ସମେତ ଗ୍ରାମର ସମସ୍ତ ଜନସାଧାରଣ ସହଯୋଗ କରିଥିଲେ।

# ଶ୍ରଦ୍ଧାଳୁ ପାଳିଲେ କାର୍ତ୍ତିକ ଉତ୍ସବ, ଦେବାଳୟରେ ପ୍ରବଳ ଭିଡ଼

ଛେଣ୍ଡିପଦା/ମାଧପୁର/ବଇଣ୍ଡା/ପାଲଲହଡ଼ା,୧୨।୧୧(ସ୍ୱ.ପ୍ର.)(ଡି.ଏନ.ଏ.)






ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା। ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ଦେବାଳୟରେ ଭିଡ଼। ପାଲଲହଡ଼ାର ଖୁଲୁଡ଼ି ଶୈବପୀଠରେ ବିଧାୟକଙ୍କ ସହ ଅନ୍ୟମାନେ। କିଶୋରନଗର ବ୍ଲକ ନାକିଚି ନୂଆଁଭୁଇଁ ଗ୍ରାମରେ ରାସ ପୂର୍ଣ୍ଣିମା ପାଳନ।

ପବିତ୍ର କାର୍ତ୍ତିକ ଉତ୍ସବ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ ପାଳିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ କୋଶଳା ଶିମିଳିସାହି ଗ୍ରାମ ଦର୍ପଣୀ ବନ୍ଧଠାରେ ଥିବା ଶନିଦେବ ମନ୍ଦିର ପରିସରରେ ଉତ୍ସବ ପାଳନ ଅବସରରେ ହୋମଯଜ୍ଞ, ନାମ ସଂକୀର୍ତ୍ତନ ସହ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଛେଣ୍ଡିପଦା ବ୍ଲକର ଜେରେଙ୍ଗ, ଲକ୍ଷ୍ମୀଧରପୁର, ବାଗଡ଼ିଆ, ଖମାର, ଜରପଡ଼ା, ପରଙ୍ଗ, ତୁକୁଡ଼ା, ପରା, କୋରଡ଼ା, ବରପଦା ଆଦି ଗ୍ରାମରେ ରାସ ଉତ୍ସବ ପାଳିତ ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଆଠମଲ୍ଲିକ ପ୍ରସିଦ୍ଧ ଶୈବପୀଠ ଦେଉଳଝରି ଏବଂ ଆଖପାଖ ସମସ୍ତ ଶୈବପୀଠରେ ମଧ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଦେଉଳଝରିର ସିଦ୍ଧେଶ୍ୱର ବାବା ଏବଂ ମାତା ପାର୍ବତୀଙ୍କ ଦର୍ଶନ ପାଇଁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ଏଥିସହ କନ୍ଧପଡା, ଦେଉଳୀ, ନୂଆଗାଁ, ମକୁନ୍ଦପୁର, ଘୋଡାଗାଡି, ଲାଉପାଳ ଆଦି ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାପାଠ କରିଥିଲେ। ସେହିପରି କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ନୂଆଁଭୁଇଁ ଗ୍ରାମରେ ରାସ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ନିକଟସ୍ଥ ନାଳରୁ ପାଣି ଅଣାଯିବା ପରେ ପୂଜା ମଣ୍ଡପରେ ରଖାଯାଇଥିଲା। ଯଥାରୀତି ପୂଜାର୍ଚ୍ଚନା ସହ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଗ୍ରାମ ସଭାପତି ବାନାମ୍ବର ସାହୁ, ସମ୍ପାଦକ ଅରୁଣ କୁମାର ଦେହୁରି, ପ୍ରହ୍ଲାଦ ଦେହୁରି, ମହେଶ୍ୱର ଦେହୁରି, ହୃଷୀକେଶ ବେହେରାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ପାଲଲହଡା ଉପଖଣ୍ଡର ପ୍ରସିଦ୍ଧ ଶୈବପୀଠ ଖୁଲୁଡି ଗିରୀଶ୍ୱର ମନ୍ଦିରରେ ଏହି ଉତ୍ସବ ପାଳିତ ହୋଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର ପ୍ରଶାସନ ଏବଂ ପାଲଲହଡା ପୋଲିସ ପକ୍ଷରୁ ବ୍ୟାରିକେଡ ସହ ଧାଡି ଦର୍ଶନର ବ୍ୟବସ୍ଥା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅକ୍ସଫୋର୍ଡ ଯୁବ ପରିଷଦ ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ପାଲଲହଡା ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ଉପଜିଲାପାଳ ଅଜିତ କୁମାର ପ୍ରଧନ, ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ଦିର ପରିସରରେ ନବ ନିର୍ମିତ ରୋଷେଇ ଘରକୁ ବିଧାୟକ ପାଲ ଉଦ୍‌ଘାଟନ କରିଥିଲେ। ମନ୍ଦିର ପରିସରରେ ଜଣେ ମାଜିଷ୍ଟ୍ରେଟଙ୍କ ସହ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ପାଲଲହଡ଼ା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ